## ସଂକ୍ଷେପରେ

### ବରୁଣ୍ଡାଇ ପଞ୍ଚାୟତ ବିଜେଡି ମହିଳା ସଭାନେତ୍ରୀ ହେଲେ ଲକ୍ଷ୍ମୀପ୍ରିୟା



ପାଣିକୋଇଲି, ୨୧।୩(ବିକାଶ ମଲ୍ଲିକ): କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡାଇ ଗ୍ରାମ ପଞ୍ଚାୟତର ବିଜେଡି ମହିଳା ସଭାନେତ୍ରୀ ପୂର୍ଣ୍ଣିମା ନାୟକ ଦଳୀୟ କାର୍ଯ୍ୟକ୍ରମ ପାଇଁ ସମୟ ଦେଉ ନ ଥିବାରୁ ତାଙ୍କୁ ପରିବର୍ତ୍ତନ କରାଯାଇଛି। ତାଙ୍କ ସ୍ଥାନରେ ଲକ୍ଷ୍ମୀପ୍ରିୟା ମଲ୍ଲିକଙ୍କୁ ନୂତନ ଭାବେ ଦାୟିତ୍ୱ ଦିଆଯାଇଛି। କୋରେଇ ବିଧାୟକ ଅଶୋକ ବଳଙ୍କ ପରାମର୍ଶକ୍ରମେ ବ୍ଲକ ବିଜେଡି ମହିଳା ସଭାନେତ୍ରୀ ପଙ୍କଜିନୀ ସାହୁ ଏହାକୁ ପରିବର୍ତ୍ତନ କରିଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

### ବାଇକ୍‌ରୁ ପଡ଼ି ଯୁବକ ମୃତ

ଯାଜପୁର ସଦର, ୨୧।୩(ସମର ବିଜୟ ଶରଣ): ବାଇକ୍‌ରୁ ପଡ଼ି ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଯାଜପୁର ବ୍ଲକ ଅନ୍ତର୍ଗତ କୁଖାଲା ଗ୍ରାମର ଟିକମ ଜେନାଙ୍କ ପୁଅ ରାଜା ଜେନା(୨୧)। ରାଜା ଭୋର୍ ୪ଟା ସମୟରେ ଟେଣ୍ଟ କାମ ସାରି ଏକ ବାଇକ୍‌ରେ ବସି ଘରକୁ ଫେରୁଥିଲେ। କୁଖାଲା ଛକସ୍ଥିତ କନକଲତା ଉଚ୍ଚ ବିଦ୍ୟାଳୟ ନିକଟରେ ଘନ କୁହୁଡ଼ିରେ ଏକ ଷଣ୍ଢ ବାଇକ ଆଗକୁ ଚାଲି ଆସିଥିଲା। ବାଇକ୍ ଚଳାଉଥିବା ବନମାଳୀ ଜେନା ହଠାତ୍ ବ୍ରେକ ମାରିବାରୁ ରାଜା ଗାଡିରୁ ଛିଟିକି ପଡ଼ି ଏକ ଗଛରେ ପିଟି ହୋଇ ଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ସଦର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବାଇକ୍ ଧକ୍କାରେ ଛାତ୍ରୀ ଗୁରୁତର

ଢେଙ୍କିକୋଟ, ୨୧।୩(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଜାତୀୟ ରାଜପଥ ପିପିଳିଆ ହାଇସ୍କୁଲ ସମ୍ମୁଖରେ ବାଇକ୍ ଧକ୍କାରେ ଆନନ୍ଦପୁର ଥାନା ବରବେଡ଼ା ଗ୍ରାମର ନରହରି ନାୟକଙ୍କ ଝିଅ ମଧୁସ୍ମିତା (୧୬)ଗୁରୁତର ହୋଇଛନ୍ତି। ସେ ପିପିଳିଆ ଲକ୍ଷ୍ମୀନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରୀକ୍ଷା ଦେଇ ମେସକୁ ଫେରୁଥିବା ବେଳେ ଉକ୍ତ କଲେଜର ୩ ଛାତ୍ର ବାଇକ୍‌ରେ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲେ। ଛାତ୍ରୀ ଛିଟିକି ପଡ଼ି ଗୁରୁତର ହୋଇଥିଲେ।

# ଆମ ପୋଖରୀ ଯୋଜନା ଦିଗହରା

- ପରିତ୍ୟକ୍ତ ଅବସ୍ଥାରେ ପୌର ପରିଷଦ ପୋଖରୀ
- ସୁରକ୍ଷା ବାଡ଼ ନାହିଁ, ଛୋଟ ପିଲାଙ୍କ ଜୀବନ ପ୍ରତି ବିପଦ



ଦଳରେ ପୂର୍ଣ୍ଣ ହୋଇଥିବା ପୋଖରୀ।

ଯାଜପୁରରୋଡ୍, ୨୧।୩(ପବିତ୍ର ରଞ୍ଜନ ମହାନ୍ତି): ରାଜ୍ୟ ସରକାର ଆମ ପୋଖରୀ ଯୋଜନାରେ ପୋଖରୀ ଓ ଜଳାଶୟଗୁଡ଼ିକର ପୁନରୁଦ୍ଧାର ପାଇଁ ଗୁରୁତ୍ୱ ଦେଉଛନ୍ତି। ହେଲେ ବ୍ୟାସନଗର ପୌର ପରିଷଦରେ ତାହା ଦିଗହରା ହୋଇଥିବା ଦେଖିବାକୁ ମିଳିଛି। ପୌର ପରିଷଦର ୨୬ ୱାର୍ଡରେ ୬୪ରୁ ଊର୍ଦ୍ଧ୍ୱ ପୋଖରୀ ବା ଜଳାଶୟ ରହିଛି। ସେଥିମଧ୍ୟରୁ କେତେକ ରକ୍ଷଣାବେକ୍ଷଣ ଅଭାବରୁ ଦଳ ଏବଂ ପଙ୍କରେ ପୋତି ହୋଇପଡ଼ିଛି। ଅନ୍ୟ କେତେକ ବେଆଇନଭାବେ ପୋତାଯାଇ ସେଠାରେ ଅଟ୍ଟାଳିକା ଗଢି ଉଠିଥିବା ଦୃଷ୍ଟି ଗୋଚର ହେଉଛି। ପୋଖରୀଗୁଡ଼ିକ କେବଳ ତହସିଲ ନକ୍ସାରେ ଥିବାବେଳେ ବାସ୍ତବରେ ଛବି ଓଲଟା। ଏହି ପୌର ପରିଷଦର କେତୋଟି ହାତଗଣତି ପୋଖରୀକୁ ଛାଡିଦେଲେ ଅନ୍ୟ ସବୁ ଦଳ ଓ ଆବର୍ଜନା ପରିପୂର୍ଣ୍ଣ ହୋଇଥିବା ଦେଖିବାକୁ ମିଳିଛି। ଆଉ କେତେକ ପୋଖରୀକୁ ସ୍ୱାର୍ଥବାଦୀ ଲୋକେ ସେମାନଙ୍କ ଘରର ବର୍ଜ୍ୟ ଜଳ ଓ ପାଇଖାନା ନିଷ୍କାସନ ପାଇପ ସଂଯୋଗ କରି ଆବର୍ଜନା ଛାଡୁଛନ୍ତି। ଫଳରେ ପୋଖରୀଗୁଡ଼ିକ ଦୂଷିତ ହେବାସହ ତାହା ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ପରିବେଶ ପ୍ରଦୂଷିତ ମଧ୍ୟ ହେଉଛି। ଏହାର ଦୃଷ୍ଟାନ୍ତ ହେଉଛି ୧୯ନଂ. ୱାର୍ଡର ଡୋଲିପୁର ମେଚୁଆଣୀ ପୋଖରୀ ଓ ୧୫ନଂ. ୱାର୍ଡର ଚୋରଦା କଣ୍ଟିଗାଡ଼ିଆ ପୋଖରୀ। ଏହି ୨ଟି ସମ୍ପୂର୍ଣ୍ଣ ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଆଉକେତେକ ପୋଖରୀ ଦଳ ଭର୍ତ୍ତି ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ତହା ହେଲା ୧୪ନଂ. ୱାର୍ଡ ଚୋରଦା ଗ୍ରାମର ପଦ୍ମ ପୋଖରୀ ଏବଂ କୁମ୍ଭାରକାଞ୍ଜିଆ। ପୂର୍ବରୁ ପୋଖରୀରେ ଗ୍ରାମବାସୀ ସ୍ନାନ ଶୌଚ ଏବଂ ବିଭିନ୍ନ ପୂଜା ପର୍ବରେ କଳସ ବୁଡ଼ାଠାରୁ ଆରମ୍ଭ କରି ଶୁଦ୍ଧିକାର୍ଯ୍ୟ କରୁଥିଲେ। ପଶୁପକ୍ଷୀ ଶୋଷ ମେଣ୍ଟାଉଥିଲେ। ପୌର ପରିଷଦ ପକ୍ଷରୁ ପୋଖରୀଗୁଡ଼ିକୁ ମାଛ ଚାଷ ପାଇଁ ନିଲାମ କରାଯାଇ ଅର୍ଥ ଆଦାୟ କରାଯାଉଥିଲା। ହେଲେ କିଛି ବର୍ଷହେବ ରକ୍ଷଣାବେକ୍ଷଣ ଅଭାବରୁ ପୋଖରୀ ପାଣି ଦୂଷିତ ହୋଇ ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଫଳରେ ଏହାଉପରେ ନିର୍ଭର କରୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବହୁ ସମୟରେ ବାଧ୍ୟବାଧକତାରେ ଏହି ଦୂଷିତ ପାଣି ବ୍ୟବହାର କରିବା ଦ୍ୱାରା ଲୋକେ ବିଭିନ୍ନ ଚର୍ମ ରୋଗ ଓ ଡେଙ୍ଗୁ ଭଳି ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଚୋରଦା ପଦ୍ମ ପୋଖରୀ ଆଡ଼ିରେ ବସବାସ କରୁଥିବା ସବର ସାହିର ୩୦ ପରିବାର ଏହି ପୋଖରୀ ଉପରେ ନିର୍ଭର କରିଥାନ୍ତି। ହେଲେ ପଦ୍ମ ପୋଖରୀଟି ଗତ ଏକ ବର୍ଷ ହେବ ଦଳପୂର୍ଣ୍ଣ ହୋଇରହିଛି। ଏଥିରୁ ପାଣି ନିଷ୍କାସନ ନ ହୋଇ ପାରିବାରୁ ତାହା ଦୂଷିତ ହୋଇ ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଫଳରେ ସେମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଅନ୍ୟପଟେ ପୋଖରୀ ଚାରିପଟେ କୌଣସି ସୁରକ୍ଷା ବାଡ଼ ନ ଥିବାରୁ ସେମାନଙ୍କ ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଥିବା କହିଛନ୍ତି ସବର ସାହିର ଅଜୟ ପାଇକରା, ବିଜୟ ପାଇକରା। ଅନ୍ୟପକ୍ଷରେ ଏ ସମ୍ପର୍କରେ ସ୍ଥାନୀୟ କାଉନସିଲର ଏବଂ ପୌର କର୍ଯ୍ୟାଳୟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏଥିପ୍ରତି ନଗର ଉନ୍ନୟନ ବିଭାଗ ଓ ଯାଜପୁର ଜିଲାପାଳ ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି।

ଏ ନେଇ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତରୁଣ ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, କାଉନସିଲ ମିଟିଂରେ ଆଲୋଚନା ହୋଇ ଆମ ପୋଖରୀ ଯୋଜନାରେ ୧୬ ପୋଖରୀର ଡିପିଆର୍(ଡିଟେଲସ ପ୍ରୋଜେକ୍ଟ ରିପୋର୍ଟ) ଜିଲାପାଳଙ୍କୁ ପଠାଇ ଦିଆଯାଇଛି। ଜିଲାପାଳ ଏ ଦିଗରେ ଯାହା ପଦକ୍ଷେପ ନେବେ। ଅନ୍ୟପକ୍ଷରେ ଏହି ୧୬ ପୋଖରୀ ମଧ୍ୟରେ ୧୪ନଂ. ୱାର୍ଡ ଚୋରଦାର ପଦ୍ମ ପୋଖରୀ ରହିଛି। ନିର୍ବାଚନ ପରେ କାର୍ଯ୍ୟ ଆରମ୍ଭ ହେବାନେଇ ଉକ୍ତ ୱାର୍ଡର କାଉନସିଲର ସିଦ୍ଧାର୍ଥ ସାମଲ ଆଶାବାଦୀ ବୋଲି ପ୍ରତିକ୍ରିୟା ଦେଇଛନ୍ତି।

# ସିଦ୍ଧେଶ୍ୱର ପୀଠରେ ହେବ ସର୍ବଭାରତୀୟ ଯଜୁର୍ବେଦ ଯଜ୍ଞ

ଝୁମ୍ପୁରୀ, ୨୧।୩(ସରୋଜ ନାୟକ): ଦଶରଥପୁର ବ୍ଲକ୍‌ର ପ୍ରସିଦ୍ଧ ଶୈବକ୍ଷେତ୍ର ସିଦ୍ଧେଶ୍ୱର ପୀଠରେ ସର୍ବଭାରତୀୟ ଯଜୁର୍ବେଦ ମହାଯଜ୍ଞ ଆସନ୍ତା ୨୮ ଓ ୨୯ ତାରିଖ ଦୁଇଦିନ ଅନୁଷ୍ଠିତ ହେବ। ଯାଜପୁର ଜିଲା ବେଦ ଯଜ୍ଞ କମିଟି ଆୟୋଜନରେ ହେବାକୁ ଥିବା ଏହି ମହାଯଜ୍ଞରେ ଆନ୍ତର୍ଜାତିକ ସତ୍ୟଚେତନା ଆଧ୍ୟାତ୍ମିକ ମିଶନର ପ୍ରତିଷ୍ଠାତା ପରମପୂଜ୍ୟ ସଦ୍‌ଗୁରୁ ସ୍ୱାମୀ ଆତ୍ମାନନ୍ଦଜୀ ମହାରାଜ ଯୋଗଦେବେ। ଏ ସମ୍ପର୍କରେ ମହାଯଜ୍ଞ କମିଟି ପକ୍ଷରୁ ଗୁରୁବାର ସିଦ୍ଧେଶ୍ୱର ପୀଠରେ ଏକ ଖବରଦାତା ସମ୍ମିଳନୀ କରାଯାଇ ସୂଚନା ଦିଆଯାଇଛି। ମହାଯଜ୍ଞ କମିଟି ସଭାପତି ଦେବେନ୍ଦ୍ର କୁମାର ପଣ୍ଡା ସୂଚନା ଦେଇ କହିଛନ୍ତି, ଏହି ଯଜ୍ଞରେ ଭାରତବର୍ଷର ବହୁ ସାଧୁ ସନ୍ଥ ଯୋଗଦେବେ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ମହାଯଜ୍ଞ କମିଟି ସମ୍ପାଦିକା ରଞ୍ଜିତା ରାଉତ, କାର୍ଯ୍ୟକାରିଣୀ ସଭ୍ୟ ସରୋଜ ବିଶ୍ୱାଳ, ଚନ୍ଦ୍ରନାରାୟଣ ସାହୁ, ନାରାୟଣ ଚନ୍ଦ୍ର ସାହୁ, ଦୀନବନ୍ଧୁ ରାଉତ, ଜଗବନ୍ଧୁ ଦୀକ୍ଷିତ, ଅକ୍ଷୟ ନାୟକ ଓ ବୈଷ୍ଣବ ଚରଣ ଦୀକ୍ଷିତଙ୍କ ସହ ସତ୍ୟ ଚେତନା ଆଧ୍ୟାତ୍ମିକ ପ୍ରଚାର ସମିତିର ଜିଲା ସଂଯୋଜକ ପ୍ରୀତମ ରାଉତ ପ୍ରମୁଖ ଯୋଗଦେଇଥିଲେ।



ଖବରଦାତା ସମ୍ମିଳନୀରେ ମହାଯଜ୍ଞ କମିଟିର ସଦସ୍ୟମାନେ।

## ସୁଙ୍ଗୁଡ଼ା ପଞ୍ଚାୟତରେ କଂଗ୍ରେସ କର୍ମୀ ବୈଠକ

ବଡ଼ଚଣା, ୨୧।୩(ଦିଲୀପକୁମାରମହାନ୍ତି): ବଡ଼ଚଣା ବ୍ଲକ ଅଧୀନ ଚଣ୍ଡିଖୋଲଠାରେ ସୁଙ୍ଗୁଡ଼ା ପଞ୍ଚାୟତ କଂଗ୍ରେସ କର୍ମୀ ବୈଠକ ବ୍ଲକ କଂଗ୍ରେସ କମିଟି ସଭାପତି ସୁରେଶ ଚନ୍ଦ୍ର ସାହାଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କର୍ମୀ ମାନଗୋବିନ୍ଦ ଦାସ ବୈଠକ ସଂଯୋଜନା କରିଥିଲେ। ଏଥିରେ ବଡ଼ଚଣାର କଂଗ୍ରେସ ଯୁବନେତା ଶୁଭେନ୍ଦୁ ମହାନ୍ତି ଯୋଗଦେଇ ବଡ଼ଚଣାରେ ଦୀର୍ଘ ଦିନ ହେଲା ବିଜେଡିର ଶୋଷଣ ଓ ଭାଜପାର ଲୁଣ୍ଠନ କଥା କହିବା ସହ ଆଗାମୀ ବିଧାନସଭା ନିର୍ବାଚନରେ ସମସ୍ତ କଂଗ୍ରେସ କର୍ମୀ ଏକଜୁଟ ହୋଇ ଦଳକୁ ବଡ଼ଚଣାରେ ଜିତାଇବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କୃଷକ ସେଲ୍ ଅଧ୍ୟକ୍ଷ ଅକ୍ଷୟ ସ୍ୱାଇଁ, ପ୍ରଭାସ ଚନ୍ଦ୍ର ଜେନା, ସେକ୍ ସଂନାଉଲ୍ଲା, ପ୍ରାକ୍ତନ ମହିଳା କଂଗ୍ରେସ ସଭାନେତ୍ରୀ ସୁରେଖା ମଲ୍ଲିକ, ଦେବେନ୍ଦ୍ର ବଳ, ରାଜେଶ ଜେନା, ସଞ୍ଜୀବ ରାଉତ, ସୁଶାନ୍ତ ସାହୁ, ପ୍ରବୀର ବଳ, ଶ୍ରୀକାନ୍ତ ମଲ୍ଲିକ, ସାଗର ସଂଗମ ଦାସ ଓ ମନମୋହନ ରାଉତଙ୍କ ସମେତ ବହୁ କର୍ମୀ ଯୋଗଦେଇ ଆଗାମୀ ବିଧାନସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ଶପଥ ନେଇଥିଲେ।



ବୈଠକରେ ଯୋଗଦେଇଥିବା କଂଗ୍ରେସ ନେତା ଓ କର୍ମୀ।



ପ୍ରସିଦ୍ଧ ଛତିଆ ରାଜଦୋଳ ମିଳନରେ ସାମିଲ ହୋଇଥିବା ୩୯ ବିମାନ।

## ବିମାନରେ ରାଧାକୃଷ୍ଣଙ୍କୁ ଦେଖି ଶ୍ରଦ୍ଧାଳୁ ବିଭୋର

ଛତିଆ, ୨୧।୩(ସୌମ୍ୟ ରଞ୍ଜନ ସାହୁ): ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଅଧୀନ ଛତିଆରେ ମହାସମାରୋହରେ ପାଳିତ ହୋଇଛି ପ୍ରସିଦ୍ଧ ଛତିଆ ରାଜଦୋଳ ମିଳନ। ସ୍ଥାନୀୟ ଅଞ୍ଚଳର ୩୯ ବିମାନର ଭଜନକୀର୍ତ୍ତନ ସାଙ୍ଗକୁ ହରିବୋଲ ହୁଳହୁଳି ଧ୍ୱନିରେ ବିଭୋର ହୋଇଥିଲେ ଶ୍ରଦ୍ଧାଳୁ। ଗୁରୁବାର ସକାଳୁ ପ୍ରଥମେ ଥାନପତି ବିମାନ ପହଞ୍ଚିବା ପରେ ବିରାଟ ଶୋଭାଯାତ୍ରାରେ ଅନ୍ୟ ବିମାନଗୁଡିକ ଯାତ୍ରା ପଡିଆରେ ଏକତ୍ରିତ ହୋଇଥିଲେ। ଛତିଆ ରାଜଦୋଳ ମିଳନ କମିଟି ପକ୍ଷରୁ ଠାକୁରଙ୍କୁ ଭୋଗ ଲାଗି କରାଯିବା ପରେ ବିମାନଗୁଡିକ ଅପରାହ୍ନରେ ପ୍ରସ୍ଥାନ କରିଥିଲା। ଛତିଆ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି ଯୋଗଦେଇ ସହଯୋଗ କରିଥିଲେ। ବୈରୀ ଥାନା ଅଧିକାରୀ ଶରତ କୁମାର ନାୟକ, ଛତିଆ ବିଟ୍ ହାଉସ ଅଧିକାରୀ ମହେନ୍ଦ୍ର କୁମାର ସେଠୀ ଓ ବହୁ ପୋଲିସ କର୍ମଚାରୀ ଯାତ୍ରା ପଡ଼ିଆରେ ଉପସ୍ଥିତ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

## ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକ ଗିରଫ



ପାଣିକୋଇଲି, ୨୧।୩(ବିକାଶ ମଲ୍ଲିକ): ଦୁର୍ଘଟଣା ଘଟାଇଥିବା ଜଣେ ଟ୍ରକ୍ ଚାଳକଙ୍କୁ ପାଣିକୋଇଲି ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ତାମିଲନାଡୁର ନାମକାଲ ଥାନା ଅଞ୍ଚଳର ଶୁଭ୍ରହମୀନା ପି(୪୩)। ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଓଭରବ୍ରିଜ ଶେଷ ମୁଣ୍ଡ ତଥା ପୁରୁଣା ଥାନା ନିକଟରେ ଗତ ବୁଧବାର ସନ୍ଧ୍ୟା ୭ଟା୩୦ରେ ଶୁଭ୍ରହମୀନାଙ୍କ ଟ୍ରକ ଧକ୍କାରେ ପାଣିକୋଇଲି ଅଳତିରି ଗ୍ରାମର ଯୋଗେନ୍ଦ୍ର ସାହୁଙ୍କ ପୁଅ ଶଙ୍କର୍ଷଣ ଓରଫ ଟିକିଲି (୩୮) ଗୁରୁତର ହୋଇଥିଲେ। ସେ ଚାଲିଚାଲି ରାସ୍ତା ପାର ହେଉଥିବା ସମୟରେ ପାଣିକୋଇଲି ପଟୁ ଓଭରବ୍ରିଜରୁ ଗଡୁଥିବା ଦ୍ରୁତଗାମୀ ଟ୍ରକ୍(କେଏ-୦୧-ଏଏଫ-୭୧୮୯) ତାଙ୍କୁ ଧକ୍କା ଦେଇଥିଲା। ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ରୋଡ୍ ଚିକିତ୍ସାଳୟକୁ ପଠାଯାଇ ଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତକରି ତଦନ୍ତ ଆରମ୍ଭ କରିଥିଲା।

## କାର୍-ବାଇକ୍ ଧକ୍କା: ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ପାଣିକୋଇଲି, ୨୧।୩(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟ୍ରମା କେୟାର ନିକଟ ଡାଇଭର୍ସନରେ ଗୁରୁବାର ଅପରାହ୍ନରେ ଏକ ଟ୍ରକ୍ ସହ କାର ଧକ୍କା ହୋଇଛି। ଏଥିରେ କାରର ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପାଣିକୋଇଲିରୁ ଭଦ୍ରକ ଆଡକୁ ଏକ ଟ୍ରକ୍(ଓଡି-୦୫-୭୨୭୭୧) ଓ ଏକ କାର (ଓଡି-୦୧-ଏପି ୯୧୯୧) ଯାଉଥିଲା। ହଠାତ୍ ଡାଇଭର୍ସନରେ ଏକକାଳୀନ ଉଭୟ ଗାଡ଼ି ଶୀଘ୍ର ଯିବା ପାଇଁ ପଶିବାରୁ ଟ୍ରକ ଓ କାର୍ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଖବର ପାଇ ପାଣିକୋଇଲି ପୋଲିସ ପହଞ୍ଚି ଟ୍ରକ୍‌କୁ ଜବତ କରି ତଦନ୍ତ ଜାରି ରଖିଛି।

# ମନ୍ଦିର ବାରଣ୍ଡାରେ ପଢୁଛନ୍ତି ଅଙ୍ଗନୱାଡି ପିଲା

ଯାଜପୁର ଟାଉନ, ୨୧।୩ (ପ୍ରଜ୍ଞା ପ୍ରିୟଦର୍ଶନୀ ମହାନ୍ତି): ଯାଜପୁର ବ୍ଲକ ଭୁବନେଶ୍ୱରପୁର ପଞ୍ଚାୟତ କୁନିନ୍ଦା-୨ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ମନ୍ଦିର ବାରଣ୍ଡାରେ ବସି ପାଠ ପଢୁଛନ୍ତି ଛୋଟ ପିଲା। ମାତ୍ର ବର୍ଷା ହେଲେ ସେମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ୨୦୧୦ରେ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲାଯିବା ପରେ ନିକଟ ଏକ ଗୃହରେ ପିଲା ପାଠ ପଢୁଥିଲେ। ଉକ୍ତ ଗୃହ ଭାଙ୍ଗିରୁଜି ଯିବାରୁ ଏବେ ମନ୍ଦିର ବାରଣ୍ଡାରେ ପିଲାଙ୍କୁ ପାଠ ପଢ଼ାଯାଉଛି। ଏନେଇ ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ସ୍ଥାନୀୟ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ବାରମ୍ବାର ଗୃହ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ତାହା ଅଦ୍ୟାବଧି ପାଳନ କରାଯାଇନାହିଁ। ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ଠିକଣା ଢଙ୍ଗରେ ପିଲାଙ୍କୁ ପାଠ ପଢ଼ା ଯାଇପାରୁନାହିଁ। ଏପରିକି ଖାଦ୍ୟ ମଧ୍ୟ ଘରେ ରୋଷେଇ କରି ଅଣାଯାଇ ପିଲାଙ୍କୁ ଦିଆଯାଉଛି। ଅନ୍ୟପକ୍ଷରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ନିମନ୍ତେ ସ୍ଥାନ ଚିହ୍ନଟ କରାଯାଇଛି। କିନ୍ତୁ ଗୃହ କାର୍ଯ୍ୟ ଆରମ୍ଭ କରାଯାଇନାହିଁ ବୋଲି ଅଙ୍ଗନୱାଡି କେନ୍ଦ୍ର ଦାୟିତ୍ୱରେ ଥିବା ଦିଦି ଆରତି ସାହୁ ସୂଚନା ଦେଇଛନ୍ତି। ତେବେ ଏହି କେନ୍ଦ୍ର କେବେ ନିର୍ମାଣ କରାଯିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଅଙ୍ଗନୱାଡି ପିଲାମାନେ ମନ୍ଦିର ବାରଣ୍ଡାରେ ପଢୁଛନ୍ତି।

# ଜିଲାସ୍ତରୀୟ ଆନ୍ତର୍ଜାତିକ ବନ ଦିବସ ପାଳିତ

**ବ୍ୟାପକ ଜନସଚେତନତା ସୃଷ୍ଟି ସହ ଚାରା ରୋପଣକୁ ପ୍ରାଥମିକତା**



ଜିଲାସ୍ତରୀୟ ଆନ୍ତର୍ଜାତିକ ବନ ଦିବସରେ ଅତିଥିଙ୍କ ଗହଣ କୃତୀ ପ୍ରତିଯୋଗୀମାନେ।

ଯାଜପୁର, ୨୧।୩(ହର୍ଷବର୍ଦ୍ଧନ ବେହେରା): ଯାଜପୁରରୋଡ ବନାଞ୍ଚଳ ପକ୍ଷରୁ କ୍ରୋମନଗର ଉଚ୍ଚ ବିଦ୍ୟାପୀଠରେ ଗୁରୁବାର ଯାଜପୁର ଜିଲାସ୍ତରୀୟ 'ବିଶ୍ୱ ବନ ଦିବସ' ପାଳିତ ହୋଇଯାଇଛି। କ୍ରୋମନଗର ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ମୋହନ କୁମାର ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ କୁଶ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଯାଜପୁରରୋଡ ବନାଞ୍ଚଳ ଅଧିକାରୀ ଜ୍ୟୋତିରଞ୍ଜନ ମହାପାତ୍ର, 'ଉଦୟବଟ'ର ସମ୍ପାଦକ ତଥା ପରିବେଶବିତ୍ ଦୁଷ୍ମନ୍ତ କୁମାର ରାଉତ ଅତିଥି ଭାବେ ଯୋଗଦେଇ ପରିବେଶର ସୁରକ୍ଷା ପାଇଁ ବ୍ୟାପକ ଜନସଚେତନତା ସୃଷ୍ଟି ସହ ଚାରା ରୋପଣକୁ ପ୍ରାଥମିକତା ଦେବାକୁ ଅନୁରୋଧ କରିଥିଲେ। କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟର ରାଜସ୍ୱ ଅଧିକାରୀ ଗୋପାଳ ଚନ୍ଦ୍ର ବେହେରା, ଓଏଫ୍‌ଡିସିର ଏସ୍‌ଡିଏମ୍ ବିନୋଦ ବିହାରୀ ଜେନା, ଶିକ୍ଷାବିତ୍ ସଞ୍ଜୟ କୁମାର ଦେଓ ପ୍ରମୁଖ ଯୋଗ ଦେଇ ଅବକ୍ଷୟମୁଖି ପରିବେଶ ପାଇଁ ଜଙ୍ଗଲହାନୀ ମୁଖ୍ୟ କାରଣ ବୋଲି ଦର୍ଶାଇବା ସହ ପର୍ଯ୍ୟାପ୍ତ ପରିମାଣ ଚାରା ରୋପଣ ପାଇଁ ମତବ୍ୟକ୍ତ କରିଥିଲେ।

ପୂର୍ବରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର ସ୍ୱାତୀସ୍ୱରୂପା ଅଧିକାରୀ ପ୍ରଥମ, ସୂପର୍ଣ୍ଣା ଜେନା ଦ୍ୱିତୀୟ ଏବଂ ଅଳି ଜେନା ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପ୍ରମାଣପତ୍ର ସହ ପୁରସ୍କୃତ କରିଥିଲେ। ଆଲୋଚନା ଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ଧବଳଗିରି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରିୟବ୍ରତ ଦାଶ, ଶିକ୍ଷକ ସୋମନାଥ ସାହୁ, ଭବାନୀଶଙ୍କର ନନ୍ଦ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସଞ୍ଜୟ କୁମାର ଦାସ, ରମେଶ ଚନ୍ଦ୍ର ପୁହାଣ, କର୍ମଚାରୀ ବିଜୟ କୁମାର ବେହେରା, ନନ୍ଦିନୀ ମହାନ୍ତି, ବନପାଳ ଅନୁପମା ସାହୁ, ବନରକ୍ଷୀ ସୋନାଲି ମାଝି, କର୍ମଚାରୀ ସୁରୁପ ନାୟକ, ପାରାସ୍କାର୍ଡ ତ୍ରିଲୋଚନ ଦାଶ, ପରିବେଶପ୍ରେମୀ ଉମାକାନ୍ତ ମହାପାତ୍ର, ସାମାଜିକ କର୍ମୀ ସନାତନ ପାତ୍ର, ବୃକ୍ଷପ୍ରେମୀ ବିଦ୍ୟୁତ୍‌ପ୍ରଭା ରାୟ, ସୁମିତ୍ରା ମିଶ୍ର, ଅରୁଣ ଦାସ, ବସନ୍ତ କୁମାର ପାତ୍ର, ଅସିତ୍ ଦାସ, ରାମଚନ୍ଦ୍ର ବାରିକ, ସୁମନ ରାୟ, ପ୍ରଫୁଲ୍ଲ ବାରିକ, ଓଏଫ୍‌ଡିସିର କର୍ମଚାରୀ ଦୁର୍ଯ୍ୟୋଧନ ମହାପାତ୍ର, ଧନଞ୍ଜୟ ପ୍ରଧାନ, ଦୀନେଶ ସାମଲ, ଜିତେନ୍ଦ୍ର ଗୌଡ଼ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଯାଜପୁରରୋଡ଼ ବନପାଳ ନୀଳିମା ପ୍ରିୟଦର୍ଶୀନି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ନିଖୋଜ ମହିଳାଙ୍କ ଗଳିତ ମୃତଦେହ ଜବତ

**ଖୁଣ୍ଟା, ୨୧।୩ (ଦେବରଞ୍ଜନ ବେହେରା)**

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ୍ ଅଧୀନ ଚାରେକତାଣ୍ଡି ଗ୍ରାମରେ ନିଖୋଜର ୮ ଦିନ ପରେ ଜଣେ ବିଧବାଙ୍କ ଗଳିତ ମୃତଦେହ ଏକ ବୁଦାଳିଆ ସ୍ଥାନରୁ ଜବତ ହୋଇଛି। ମୃତକ ହେଲେ ଗ୍ରାମର ସ୍ୱର୍ଗତ ବାଘ୍ରାୟ ଟୁଡୁଙ୍କ ସ୍ତ୍ରୀ ଗୁରୁବାରୀ ଟୁଡୁ(୩୨)। ଗୁରୁବାରୀ ଗତ କିଛି ଦିନ ଧରି ନିଖୋଜ ଥିଲେ। ଶ୍ୱଶୁର ଘର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ମାତ୍ର ଗୁରୁବାର ସକାଳେ ଉକ୍ତ ଗ୍ରାମର କେତେକ ଲୋକ ଛେଳି ଚରାଇବାକୁ ପୋଖରୀ ନିକଟକୁ ଯାଇଥିବାବେଳେ ଉକ୍ତ ସ୍ଥାନରୁ ଉତ୍କଟ ଗନ୍ଧ ବାହାରିଥିଲା। ଗ୍ରାମବାସୀ ଦୁର୍ଗନ୍ଧ ଆସୁଥିବା ସ୍ଥାନକୁ ଯାଇ ଜଣେ ମହିଳାଙ୍କ ଗଳିତ ମୃତଦେହ ଶାଢ଼ି ସାହାଯ୍ୟରେ ଗଛରେ ଝୁଲୁଥିବା ଦେଖିଥିଲେ। ପୋଲିସ ପହଞ୍ଚି ମୃତଦେହ ଚିହ୍ନଟ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

### ସାମନ୍ତରାପୁରରେ ଦୋଳ ମେଳଣ

**କୁଜଙ୍ଗ, ୨୧।୩ (ମନୋଜ ପ୍ରଧାନ)**

କୁଜଙ୍ଗ ଥାନା ଚଟୁଆ ପଞ୍ଚାୟତ ସାମନ୍ତରାପୁର ଗ୍ରାମରେ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଫାଲ୍‌ଗୁନ ଏକାଦଶୀ ତିଥିରେ ଏହି ମେଳଣ ଅନୁଷ୍ଠିତ ହୋଇଥାଏ। ୧୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ମେଳଣ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଚଳିତବର୍ଷ ୧୦ ବିମାନ ଚଟୁଆ ଛକରୁ ଗୋପୀନାଥ ମନ୍ଦିର ପର୍ଯ୍ୟନ୍ତ ପଟୁଆରରେ ଯାଇଥିଲେ । ଘଣ୍ଟଘଣ୍ଟି, ବାଜା, ବାଣ, ଭଜନ ଓ ଲଉଡି ଖେଳ ଆଦି ଅନୁଷ୍ଠିତ ହୋଇଥିଲା। ସାମନ୍ତରାପୁର, ଚଟୁଆ, ଗବପୁର, ବିଜିପୁର, ପନାଡ଼ିଆମଠ, ବେଢୁଆଁ, ବୈଳାଙ୍ଗ, ବୋରିଖି ଗ୍ରାମର ବିମାନସବୁ ମେଳଣରେ ଭାଗ ନେଇଥିଲେ। ଗୋପୀନାଥ ଠାକୁରଙ୍କ ନୀତି ନିୟମାନୁସାରେ ମନ୍ଦିରରେ ଭୋଗଲାଗି ହୋଇଥିଲା। ସାମନ୍ତରାପୁର ଗ୍ରାମର ମୁରବିମାନେ ଏହି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିଥିଲେ।

# ଅଧକ୍ଷାଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟରେ ସ୍ୱାମୀ

**ନିର୍ବାଚନ ଆଚରଣ ବିଧିକୁ ଅଣଦେଖା**

- କ୍ଷମତାର ଦୁରୁପଯୋଗ ଅଭିଯୋଗ
- ବିଡିଓ କହିଲେ ଏଣିକି ସେଭଳି ହେବନି

**ଜଗତ୍‌ସିଂହପୁର/ନାଉଗାଁ, ୨୧।୩ (ପ୍ରମୋଦ କୁମାର ନାୟକ)/(ସୁଧା ବେହୁରା)**

୨୦୨୪ ସାଧାରଣ ନିର୍ବାଚନ ନେଇ ସୂଚୀ ପ୍ରକାଶ ପାଇବା ସହ ନିର୍ବାଚନ ଆଚରଣବିଧି ଲାଗୁ ହୋଇଯାଇଛି। ଏଥିମଧ୍ୟରେ ଲୋକ ପ୍ରତିନିଧିମାନେ ଆଦର୍ଶ ଆଚରଣବିଧି ଅନୁପାଳନ ପୂର୍ବକ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ନିର୍ବାଚନରେ ସହାୟକ ହେବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି। କିନ୍ତୁ ଜଗତ୍‌ସିଂହପୁର ଜିଲାର କିଛି ସ୍ଥାନରେ ଏଥିରେ ବ୍ୟତିକ୍ରମ ହେଉଥିବା ଅଭିଯୋଗ ହେଉଛି। ଏହାର ଦୃଷ୍ଟାନ୍ତ ଗୁରୁବାର ନାଉଗାଁ ବ୍ଲକ ଅଧକ୍ଷାଙ୍କ କାର୍ଯ୍ୟାଳୟ ପରିସରରେ ଦେଖିବାକୁ ମିଳିଥିଲା। ଅଧକ୍ଷା ତୃପ୍ତା ଲେଙ୍କା ତାଙ୍କ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିଲେ, କିନ୍ତୁ କାର୍ଯ୍ୟାଳୟ ଖୋଲା ଥିଲା। ତାଙ୍କ ସ୍ୱାମୀ ଦିଲ୍ଲୀପ ଲେଙ୍କା ନିଧଡ଼କରେ କାର୍ଯ୍ୟାଳୟ ଚଳାଇଥିଲେ ସୁଦ୍ଧା ତାଙ୍କ ଉପରେ କୌଣସି ପ୍ରତିବନ୍ଧକ ନ ଥିଲା। ହେଲେ ସେ କେଉଁ କ୍ଷମତା ବଳରେ କାର୍ଯ୍ୟାଳୟ ଖୋଲିଥିଲେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ କେତେଜଣ ବ୍ୟକ୍ତି ଅଭିଯୋଗରେ କହିଛନ୍ତି, ନିର୍ବାଚନ ସମୟରେ ଲୋକପ୍ରତିନିଧିମାନେ କ୍ଷମତାର ଅପପ୍ରୟୋଗ ନ କରିବା ପାଇଁ ଆଦର୍ଶ ଆଚରଣବିଧି ଲାଗୁ କରାଯାଇଛି। ନିର୍ବାଚିତ ପ୍ରତିନିଧିମାନେ ଏହାକୁ ସମ୍ମାନ ଦେବା ଉଚିତ। ନାଉଗାଁ ବ୍ଲକ ଅଧକ୍ଷାଙ୍କ ଅନୁପସ୍ଥିତିରେ ତାଙ୍କ ସ୍ୱାମୀ ଯେଉଁଭଳି ଦିବାଲୋକରେ କ୍ଷମତାର ଦୁରୁପଯୋଗ ପାଇଁ ଚେଷ୍ଟା କରିଥିଲେ ତାହା ନିନ୍ଦନୀୟ କଥା। ଏହା ଉପରେ କାର୍ଯ୍ୟାନୁଷ୍ଠାନ ହେଉ।

ଏ ସମ୍ପର୍କରେ ଦିଲ୍ଲୀପଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଏ ବିଷୟରେ ନାଉଗାଁ ବିଡିଓ ତପନ ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ପୂର୍ବରୁ ଦିଲ୍ଲୀପଙ୍କୁ ଏ ସମ୍ପର୍କରେ ବାରମ୍ବାର ଅବଗତ କରାଯାଇ ଅଧକ୍ଷାଙ୍କ କାର୍ଯ୍ୟାଳୟକୁ ନ ଆସିବା ପାଇଁ କୁହାଯାଇଛି, କିନ୍ତୁ ସେ ଶୁଣୁନାହାନ୍ତି। ଗୁରୁବାର ତାଙ୍କ ଅନୁପସ୍ଥିତରେ ଦିଲ୍ଲୀପ ଅଧକ୍ଷାଙ୍କ କାର୍ଯ୍ୟାଳୟ ଖୋଲିଥିବା ଶୁଣୁଛନ୍ତି। ଆଗାମୀ ଦିନରେ ଅଧକ୍ଷାଙ୍କ କାର୍ଯ୍ୟାଳୟରେ ନ ବସିବା ପାଇଁ ସେ ଦିଲ୍ଲୀପଙ୍କୁ ତୁରନ୍ତ ଅବଗତ କରିବେ ବୋଲି ମହାପାତ୍ର କହିଛନ୍ତି। କେବଳ ନାଉଗାଁ ନୁହେଁ, ଜିଲାର କେତେକ କାର୍ଯ୍ୟାଳୟରେ ଲୋକ ପ୍ରତିନିଧିମାନେ କ୍ଷମତାର ଅପବ୍ୟବହାର କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ ହେଉଛି।



ବ୍ଲକ ଅଧକ୍ଷାଙ୍କ କାର୍ଯ୍ୟାଳୟରେ ସ୍ୱାମୀ ଦିଲ୍ଲୀପ ଲେଙ୍କା ଓ ଅନ୍ୟମାନେ।



କୁଜଙ୍ଗ ଥାନା ଚଟୁଆ ପଞ୍ଚାୟତ ସାମନ୍ତରାପୁର ଗ୍ରାମରେ ଅନୁଷ୍ଠିତ ମେଳଣରେ ବିମାନଗୁଡ଼ିକୁ ରଖାଯାଇଛି।

# ଶ୍ରୀଜଗନ୍ନାଥ ସଂସ୍କୃତି ମାନବବାଦର ଆଧାରସ୍ଥଳୀ



ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ଜଗନ୍ନାଥ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ**

**ରାହାମା, ୨୧।୩ (ଶ୍ରୀକାନ୍ତ ଦାସ)**

କୁଜଙ୍ଗ ବ୍ଲକ ଅନ୍ତର୍ଗତ ବଡ଼ବାଲିକଣି ଗ୍ରାମରେ ୫ ଦିନ ଧରି ଚାଲିଥିବା ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ପଦ୍ମଶ୍ରୀ ବାବା ବଳିଆଙ୍କ ଶିଷ୍ୟ ତଥା ଇଣ୍ଟରନ୍ୟାଶନାଲ ଗୀତା ମିଶନର ଅଧ୍ୟକ୍ଷ ଡ.ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଶ୍ରୀଜଗନ୍ନାଥ ସଂସ୍କୃତି ମାନବବାଦର ଆଧାରସ୍ଥଳୀ ବୋଲି କହିଥିଲେ। ଏହି ଅବସରରେ ବାବାଜୀ ପବିତ୍ର ଦାସ, ମଦନ ମୋହନ ଦାସ, ରାମାୟଣୀ ପଣ୍ଡିତ ଅଭୟ ଦାସ, ନୀହାର ରଞ୍ଜନ ଦାସ, ଅଜୟ କେତନ ସାମନ୍ତରାୟ, ନୃସିଂହ ଚୌଧୁରୀ, ମଦନ ମୋହନ ରାଉତ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ.ଅରୁଣ କୁମାର ପାଣି ଏହି ଉତ୍ସବରେ କହିଥିଲେ, ଭକ୍ତ ବିସର ମହାନ୍ତି ଯେତେବେଳେ ଜଗନ୍ନାଥଙ୍କ ବ୍ରହ୍ମଙ୍କୁ ଆଣିଥିଲେ ସେ ଏହି ବାଲିକଣି ଗ୍ରାମ ବାଟେ ଯାଇଥିଲେ। କାଳିକୁଦର ନିରଞ୍ଜନ ଗୋସ୍ୱାମୀଙ୍କ ପୀଠରେ ରାତ୍ରିଯାପନ କରିବା ପରେ ବାଲିକଣି ଦେଇ ଜିଲାନାସିର ବରିହାଡିଆ ଗ୍ରାମରେ କୁଞ୍ଜକୋଠିର ମହାତ୍ମା କୃଷ୍ଣକଳ୍ପତରୁଙ୍କୁ ପ୍ରଦାନ କରିଥିଲେ। ଏହାଛଡ଼ା ମନ୍ଦିର ପ୍ରତିଷ୍ଠା ପାଇଁ ନୃସିଂହ ଚୌଧୁରୀଙ୍କୁ ୧ବର୍ଷ ପୂର୍ବେ ସ୍ୱପ୍ନାଦେଶ ହୋଇଥିଲା। ମନ୍ଦିର ପ୍ରତିଷ୍ଠା ହୋଇଥିବା ସ୍ଥାନରେ ଅନେକ ସମୟରେ ଏକ ଗରୁଡ଼ ପକ୍ଷୀ ବସୁଥିବା ଦେଖିବାକୁ ମିଳିଥିଲା। ଏହାକୁ ଦୃଷ୍ଟିରେ ରଖି ଏହି ମନ୍ଦିର ନିର୍ମାଣ କରାଯାଇଛି ବୋଲି ଅରୁଣ କହିଛନ୍ତି।

### ଛୁରାମାଡ଼ରେ ସ୍ତ୍ରୀ ଗୁରୁତର, ସ୍ୱାମୀ ଗିରଫ

**ବେତନଟୀ, ୨୧।୩ (ଧରଣୀଧର ମହାନ୍ତି)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଯୁଗଳ ଗ୍ରାମରେ ଗୁରୁବାର ସ୍ତ୍ରୀଙ୍କୁ ଛୁରାମାଡ଼ ଅଭିଯୋଗରେ ସ୍ୱାମୀ ଟୁନା ବେହେରାଙ୍କୁ ପୋଲିସ ଗିରଫ କରିଛି। ଆକ୍ରମଣରେ ଗୁରୁତର ହୋଇଥିବା ମମତା ବେହେରା ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଭାଇ ସୁମନ୍ତ ଦଳେଇଙ୍କ ଅଭିଯୋଗକ୍ରମେ ବୈଶିଙ୍ଗା ପୋଲିସ ଟୁନାଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୯୯/୨୪) ରୁଜୁ ହୋଇଛି।

### ନାଟକ 'ନିଃସଙ୍ଗ ନାୟକ'ରେ ସଂସ୍କୃତି ରକ୍ଷା କରିବା ପାଇଁ ସଂଘର୍ଷ ପ୍ରଦର୍ଶିତ



ନାଟକ 'ନିଃସଙ୍ଗ ନାୟକ'ର ଏକ ଦୃଶ୍ୟ।

**ଜାତୀୟ ନାଟକ ମହୋତ୍ସବ ତୃତୀୟ ସନ୍ଧ୍ୟା**

**ପାରାଦୀପ, ୨୧।୩ (ଶରତ ରାଉତ)**

ପାରାଦୀପର ଜୟଦେବ ଭବନରେ ଚାଲିଥିବା ଜାତୀୟ ନାଟକ ମହୋତ୍ସବର ଗୁରୁବାର ସନ୍ଧ୍ୟାରେ 'ନିଃସଙ୍ଗ ନାୟକ' ମଞ୍ଚସ୍ଥ ହୋଇଥିଲା। ନାଟ୍ୟ ଅନୁଷ୍ଠାନ କାନମାସ ଦ୍ୱାରା ପ୍ରଯୋଜିତ, କାଳିଚରଣ ପଟ୍ଟନାୟକଙ୍କ ଲିଖିତ ଏବଂ ଶ୍ରୀମନ ମିଶ୍ରଙ୍କ ନିର୍ଦ୍ଦେଶିତ ଏହି ଓଡ଼ିଆ ନାଟକରେ ଏକ ସଂଘର୍ଷମୟ ଜୀବନ ଉପରେ ପର୍ଯ୍ୟବସିତ ହୋଇଥିଲା। ଓଡ଼ିଆ ସାହିତ୍ୟ, ସଂସ୍କୃତି, ନାଟକକୁ କିପରି ପ୍ରଖ୍ୟାତ କବି କାଳିଚରଣ ତାଙ୍କ ଜୀବନରେ ସଂଘର୍ଷ କରି ବଞ୍ଚାଇ ରଖିଥିଲେ ତାକୁ କଳାକାରମାନେ ଅଭିନୟ ଜରିଆରେ ଦର୍ଶାଇଥିଲେ।

### ନଟବର ନାଉଗାଁ ବ୍ଲକ ବିଜେଡି ସଭାପତି, ପ୍ରଶାନ୍ତ କାର୍ଯ୍ୟକାରୀ ସଭାପତି ମନୋନୀତ

**ନାଉଗାଁ, ୨୧।୩ (ସୁଧା ବେହୁରା)**

ନାଉଗାଁ ବ୍ଲକ ବିଜେଡି ସଭାପତି ଭାବେ ଜାମୁଗାଁ ପଞ୍ଚାୟତର ବରିଷ୍ଠ କର୍ମୀ ନଟବର ପ୍ରଧାନ ଓ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ଜେନାଙ୍କୁ ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟାଳୟ ତରଫରୁ ଗୁରୁବାର ଘୋଷଣା କରାଯାଇଛି।

ସଭାପତି ଓ କାର୍ଯ୍ୟକାରୀ ସଭାପତିଙ୍କ ନାମ ଘୋଷଣା ପରେ ଜାମୁଗାଁ ପଞ୍ଚାୟତର ସଭାପତି ଅନୁପ ମହାନ୍ତି, କୋରୁଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅରଣ୍ୟ ନାୟକ, ପଙ୍କଜ ମହାନ୍ତି, ଯୁବନେତା ତୁଷାର କୁଅଁର, ଡାବର ସମିତିସଭ୍ୟ ସୁବଳ ବେହେରା, ଘୋଡାଂଶ ସମିତି ସଭ୍ୟ ତରୁଣକାନ୍ତ ବାରିକ, ଗଳଦାରୀ ସରପଞ୍ଚ ଦିଲୀପ ନାୟକ, ଗୌରାଙ୍ଗ ସ୍ୱାଇଁ, ସଞ୍ଜୟ ନାୟକ, ସୁଶାନ୍ତ ପରିଡ଼ା, ବିଜେଡି ବ୍ଲକ ଯୁବ ସଭାପତି ପ୍ରତ୍ୟୁଷ ପରିଡ଼ା ପ୍ରମୁଖ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ବିଜେଡି ଜିଲା ସଭାପତି ରବିନାରାୟଣ ଜେନାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ପ୍ରକାଶଯୋଗ୍ୟ, ୨୦୨୨ ପଞ୍ଚାୟତ ନିର୍ବାଚନ ପରେ ଘୋଡାଂଶ ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚ ପରାଜୟ ବରଣ କରିବା ପରେ ତତ୍କାଳୀନ ବ୍ଲକ ସଭାପତି ସୁଜିତ କୁମାର ମଲିକ ୧ ମାର୍ଚ୍ଚ ୨୦୨୨ରେ ବ୍ଲକ ସଭାପତି ପଦରୁ ଇସ୍ତଫା ଦେଇଥିଲେ। ଏହାପରଠୁ ବ୍ଲକ ସଭାପତି ପଦ ଖାଲି ପଡ଼ିଥିଲା।

### କବିଙ୍କୁ ବସନ୍ତ ଆନମନା କରିଥାଏ

**ପାରାଦୀପ, ୨୧।୩(ଶରତ ରାଉତ)**

ସ୍ଥାନୀୟ ମଧୁବନ ସାକ୍ଷରତା ସମିତି ପରିସରରେ ଗୁରୁବାର ସନ୍ଧ୍ୟାରେ ମୈନାକ ସାହିତ୍ୟ ସଂସଦ ପକ୍ଷରୁ ବସନ୍ତ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆସରରେ ବସନ୍ତ ଋତୁ କବିଙ୍କୁ ଆନମନା କରିଥାଏ ବୋଲି କବୟିତ୍ରୀ ଓ କବିମାନେ କହିବା ସହ ଏହା ଉପରେ କବିତା ଆବୃତ୍ତି କରିଥିଲେ। ବାବୁରାମ ଚୌଧୁରୀ ଓ ଧ୍ରୁବଚରଣ ମହାପାତ୍ର ସମୀକ୍ଷା କରିଥିଲେ। ଆରତୀ ଦାଶ, ପ୍ରେମଲତା ବାରିକ, ନଳିନୀପ୍ରଭା ସାହୁ, ଧରିତ୍ରୀ ସାମଲ ଓ ତୁଳସୀ ବରାଳ ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ଅନୁଷ୍ଠାନ ସମ୍ପାଦକ ନଗେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।




କବିତା ଆସରରେ ଯୋଗଦେଇଥିବା କବୟିତ୍ରୀ ଓ କବିମାନେ।

# ଦ୍ୱିତୀୟ ପର୍ଯ୍ୟାୟରେ ବି ଆବେଦନ ହେଲାନି

**ଗୋରେଖନାଥ ପୀଠ**

- ଫୁଲ, ଯାଆଁବାଳ ଦୋକାନ ପାଇଁ ନିଲାମ ପ୍ରକ୍ରିୟା
- ମାର୍ଚ୍ଚ ୨୭ରେ ହେବ ତୃତୀୟ ପର୍ଯ୍ୟାୟ ନିଲାମ

**ରଘୁନାଥପୁର, ୨୧।୩ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ଫୁଲ ଓ ଯାଆଁବାଳ ଦୋକାନ ପାଇଁ ଗୁରୁବାର ୨ୟ ପର୍ଯ୍ୟାୟ ନିଲାମ ମଧ୍ୟ ବିଫଳ ହୋଇଛି। ନିର୍ଦ୍ଧାରିତ ସମୟରେ ୨ଟି ଫର୍ମ ବିକ୍ରୟ ହୋଇଥିଲେ ମଧ୍ୟ ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ବ୍ୟକ୍ତି ଉକ୍ତ ଫୁଲ ଓ ଯାଆଁବାଳ ଦୋକାନ ନିଲାମ ପାଇଁ ଆବେଦନ କରି ନ ଥିଲେ। ଫଳରେ ଉକ୍ତ ଦୋକାନ ପାଇଁ ମାର୍ଚ୍ଚ ୨୭ରେ ତୃତୀୟ ପର୍ଯ୍ୟାୟ ନିଲାମ କରାଯିବ ବୋଲି ଅତିରିକ୍ତ ଦେବୋତ୍ତର ଆୟୁକ୍ତ କଟକଙ୍କ କାର୍ଯ୍ୟାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ମାର୍ଚ୍ଚ ୨୫ରେ ଇଚ୍ଛୁକ ବ୍ୟକ୍ତି ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ମଧ୍ୟରେ ଗୋରେଖନାଥ ମନ୍ଦିର କାର୍ଯ୍ୟାଳୟରେ ୧୫୦୦ ଟଙ୍କା ଦାଖଲ କରି ଫର୍ମ କିଣିପାରିବେ। ମାର୍ଚ୍ଚ ୨୭ ତାରିଖ ଅପରାହ୍ନ ୨ଟା ମଧ୍ୟରେ ଫର୍ମ କିଣିଥିବା ବ୍ୟକ୍ତିମାନେ ଅତିରିକ୍ତ ଦେବୋତ୍ତର ଆୟୁକ୍ତ କଟକଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ଶୌର୍ଯ୍ୟରଞ୍ଜନ ପରିଜା ପ୍ରକାଶ କରିଛନ୍ତି। ଆବେଦନ କରୁଥିବା ବ୍ୟକ୍ତିମାନେ କେଉଁ ଦୋକାନ ନେବାପାଇଁ ଇଚ୍ଛୁକ, ସମ୍ପୂର୍ଣ୍ଣ ଠିକଣା ସହ ଫୋନ ନମ୍ବର ଏବଂ ଆଧାର କାର୍ଡ ଜେରକ୍ସ ଆବେଦନ ଫର୍ମରେ ଯୋଡ଼ି ପକାଇବେ। ସେହିଦିନ ଫଳାଫଳ ଘୋଷଣା କରାଯିବ। ସବିଶେଷ ତଥ୍ୟ ପାଇଁ ପୀଠ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀ ପରିଜା ସୂଚନା ଦେଇଛନ୍ତି।



# ୫ ଦଫା ଦାବିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା

**ରଘୁନାଥପୁର ସଚେତନ ନାଗରିକ ମଞ୍ଚ**

**ରଘୁନାଥପୁର, ୨୧।୩ (ରାଜେନ୍ଦ୍ର ନାରାୟଣ ସିଂହ)**

୫ ଦଫା ଦାବି ନେଇ ଗୁରୁବାର ରଘୁନାଥପୁର ସଚେତନ ନାଗରିକ ମଞ୍ଚ ପକ୍ଷରୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦିଆଯାଇଛି। ଗତ ଫେବୃଆରୀ ୨୪ରେ ରଘୁନାଥପୁର ବ୍ଲକ ସଭାକକ୍ଷରେ ଅନୁଷ୍ଠିତ ରୋଗୀ କଲ୍ୟାଣ ସମିତି ବୈଠକରେ ଉଠିଥିବା ପ୍ରସ୍ତାବଗୁଡ଼ିକୁ ୧୦ ଦିନ ମଧ୍ୟରେ ସମାଧାନ କରାଯିବା ପାଇଁ ସର୍ବସମ୍ମତିକ୍ରମେ ସ୍ଥିର ହୋଇଥିଲା। ଏଥିରେ କୌଣସି ସୁଫଳ ନ ମିଳିବାରୁ ସଚେତନ ନାଗରିକ ମଞ୍ଚ ତଥା ଅଞ୍ଚଳର ବୁଦ୍ଧିଜୀବୀ, ଯୁବସମାଜ, ମହିଳା, ସ୍ଥାନୀୟ ଦୋକାନୀମାନଙ୍କ ପକ୍ଷରୁ ମାର୍ଚ୍ଚ ୫ରେ ୫-ଟି ଅଧକ୍ଷ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଓ ନିର୍ଦ୍ଦେଶକଙ୍କୁ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରାଯାଇଥିଲା। ୧୫ ଦିନ ମଧ୍ୟରେ ଦାବିଗୁଡିକ ପୂରଣ କରା ନ ଗଲେ ନାଗରିକ ମଞ୍ଚ ଧାରଣାକୁ ଓହ୍ଲାଇବ ବୋଲି ସେତେବେଳେ କୁହାଯାଇଥିଲା। ଧାର୍ଯ୍ୟ ସମୟ ମଧ୍ୟରେ ଦାବି ପୂରଣ କରା ନ ଯିବାରୁ ନାଗରିକ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି ବୋଲି ସାମାଜିକ କର୍ମୀ ସରିତ ମହାପାତ୍ର କହିଛନ୍ତି।

ଦାବିଗୁଡିକ ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସମସ୍ତ ଡାକ୍ତରଙ୍କ ନାମ, ବିଭାଗ, କାର୍ଯ୍ୟ ଦିବସ, ସମୟ, ଯୋଗାଯୋଗ ନମ୍ବର ସର୍ବସାଧାରଣରେ ପ୍ରକାଶ କରାଯିବା, ରାତିରେ ୨ଜଣ ଡାକ୍ତର ଓ ୨ ନର୍ସ ଡ୍ୟୁଟିରେ ରହିବା, ଡିଜିଟାଲ ବିପି ମେଶିନ ହଟାଇ ମାନୁଆଲ ବିପି ମେଶିନ ବ୍ୟବହାର କରାଯିବା, ସମସ୍ତ କର୍ମଚାରୀଙ୍କ ପାଇଁ ଫେସିଆଲ ବାୟୋମେଟ୍ରିକ ଆଟେଣ୍ଡାନ୍ସ ଡିଭାଇସ ଲଗାଯିବା ଓ ନିଦାନ ବିଭାଗ ଠିକ କାର୍ଯ୍ୟକାରି କରାଯିବା ଆଦି ଅନ୍ତର୍ଭୁକ୍ତ। ଏହି ଧାରଣାରେ ସାମାଜିକ କର୍ମୀ ସରିତ ମହାପାତ୍ର, ଉପଭୋକ୍ତା ଅଭିଯାନ ସଦସ୍ୟ ଗୋବିନ୍ଦ ଓଝା, ନବନିର୍ମାଣ କୃଷକ ସଙ୍ଗଠନର ଦେବୀ ପ୍ରସାଦ ମହାରଣା ଓ ପ୍ରଦୀପ୍ତ ସୁନ୍ଦର ବେହେରା ପ୍ରମୁଖ ସାମିଲ ହୋଇ ମୁହଁରେ କଳାରୁମାଲ ବାନ୍ଧି ବସିଥିଲେ।

ଖବରପାଇ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସୁକାନ୍ତ ଦଳାଇ ଓ ଆଇଆଇସି ସୁଶାନ୍ତ କୁମାର ସେଠୀ ଧାରଣା ସ୍ଥଳରେ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ତ୍ୱରିତ ପଦକ୍ଷେପ ସ୍ୱରୂପ ଡାକ୍ତରମାନଙ୍କ ନାମ, ବିଭାଗ, ଦିନ, ସମୟ, ଯୋଗାଯୋଗ ନମ୍ବର ଫଳକ ଲଗାଇବା ସହ ଅନ୍ୟ ସମସ୍ତ ଦାବିଗୁଡ଼ିକ ୪୮ଘଣ୍ଟା ମଧ୍ୟରେ ପୂରଣ କରାଯିବ ବୋଲି ସୁପରିଟେଣ୍ଡେଣ୍ଟ ଡା. ଦଳାଇ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣାକୁ ସ୍ଥଗିତ ରଖାଯାଇଥିଲା।




ଆନ୍ଦୋଳନକାରୀଙ୍କ ସହ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଓ ଆଇଆଇସି ଆଲୋଚନା କରୁଛନ୍ତି।

**ସଂକ୍ଷେପରେ**

## ଦାରିଙ୍ଗବାଡ଼ି ବିଇଓ ଗିରଫ

ଦାରିଙ୍ଗବାଡ଼ି/ଫୁଲବାଣୀ ଅଫିସ, ୨୧।୩ (ଅରୁଣ ସାହୁ/ ରାକେଶ ରାଉତ):



ନ୍ୟାସନାଲ ପେନସନ ସିଷ୍ଟମ (ଏନପିଏସ)ରେ ୨୦ ଲକ୍ଷ ଟଙ୍କା ହଡ଼ପ କରି କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବିଇଓ ରସାନନ୍ଦ କର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ବୁଧବାର ତାଙ୍କୁ ଦାରିଙ୍ଗବାଡିରୁ ଭିଜିଲାନ୍ସ ଟିମ୍ ଉଠାଇ ନେଇ ଫୁଲବାଣୀରେ ପଚରାଉଚରା କରିବା ପରେ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଭିଜିଲାନ୍ସ ଡିଏସ୍‌ପି ହେମନ୍ତ କୁମାର ମହାନ୍ତିଙ୍କ ସୂଚନା ଅନୁଯାୟୀ, କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇଁ ରହିଥିବା ନ୍ୟାସନାଲ ପେନସନ ସିଷ୍ଟମରେ ଦୁଇଟି ପର୍ଯ୍ୟାୟରେ ୧୦ ଲକ୍ଷ ଲେଖାଏଁ ଜାନୁଆରୀ ମାସରେ ବିଇଓ ରସାନନ୍ଦ କର ନିଜ ଦରମା ଆକାଉଣ୍ଟକୁ ନେଇଥିଲେ, ଯାହାକି ସରକାରୀ ପଦବୀର ଅପବ୍ୟବହାର କରି ସେ ଏଭଳି ଚଞ୍ଚକତା କରିଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା। ପରେ ଉକ୍ତ ୨୦ ଲକ୍ଷ ଟଙ୍କା ସେହି ମାସରେ ହିଁ ବିଇଓ ରସାନନ୍ଦ କର 'ଜୋରଧା' ନାମକ ଏକ ବ୍ରୋକିଙ୍ଗ ଶେୟାର ମାର୍କେଟରେ ବିନିଯୋଗ କରିଥିଲେ। ତେବେ ଏହି ସରକାରୀ ଅର୍ଥ ହଡ଼ପ କରିଥିବା ଫୁଲବାଣୀ ଭିଜିଲାନ୍ସ ଜାଣିପାରି ପ୍ରାୟ ଦୀର୍ଘ ଏକ ମାସ ଧରି ରସାନନ୍ଦଙ୍କ ଉପରେ ନଜର ରଖିବା ସହ ବିଭିନ୍ନ ପ୍ରମାଣ ଯୋଗାଡ଼ କରିବା ପରେ ମଙ୍ଗଳବାର ତାଙ୍କ ବିରୋଧରେ ନଂ ୬/୨୪ରେ ଏକ ମାମଲା ରୁଜୁ କରି ବୁଧବାର ସନ୍ଧ୍ୟାରେ ତାଙ୍କୁ ଉଠାଇ ନେଇଥିଲା।

## ପ୍ରେମ ପରେ ପ୍ରତାରଣା, ଯୁବତୀ ଥାନାର ଦ୍ୱାରସ୍ଥ

ଖଜୁରିପଡ଼ା, ୨୧।୩ (ବିଦୁର ବେହେରା)

ଖଜୁରିପଡ଼ା ଥାନା ଅନ୍ତର୍ଗତ ପିରିକୁଡ଼ି ପଞ୍ଚାୟତ ଅଞ୍ଚଳର ଜଣେ ଯୁବତୀ ପ୍ରେମ ପରେ ପ୍ରତାରଣାର ଶିକାର ହୋଇଛନ୍ତି। ପ୍ରେମିକ ବିବାହର ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିବା, ଗର୍ଭ ନଷ୍ଟ କରିବା ଏବଂ ଶେଷରେ ଯୁବତୀକୁ ଚିହ୍ନି ନ ଥିବା ଭଳି ଅଭିନୟ କରିଥିବା ଖଜୁରିପଡ଼ା ଥାନାରେ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ଯୁବତୀଙ୍କ ସହ କୋଟଗଡ ଥାନା ଅନ୍ତର୍ଗତ ମଧୁଗୁଡ଼ା ଗ୍ରାମର ଜଣେ ଯୁବକଙ୍କ ଫୁଲବାଣୀରେ ଦେଖା ସାକ୍ଷାତ ହେବା ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେ ସେମାନଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ଯୋଗୁ ଯୁବତୀ ଗର୍ଭ ଧାରଣ କରିଥିଲେ। ତେଣୁ ସେ ବିବାହ ପାଇଁ ପ୍ରେମିକଙ୍କୁ କହିଥିଲେ। ପ୍ରେମିକ ତାଙ୍କୁ ପ୍ରସାଦ ନାଁରେ ଔଷଧ ଖୁଆଇ ଗର୍ଭ ନଷ୍ଟ କରିବା ପରେ ବିବାହ ପାଇଁ ଅସ୍ୱୀକାର କଲେ। ତେଣୁ ପ୍ରେମିକା ଏ ନେଇ ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ.୩୭/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ଚାପଧାରୀ ପ୍ରଧାନ କହିଛନ୍ତି।

# ରାସ୍ତା ନ ଥିବାରୁ ଗର୍ଭବତୀଙ୍କୁ ଦୋଳା ଭରସା

ଦାରିଙ୍ଗବାଡି, ୨୧।୩ (ଅରୁଣ ସାହୁ):

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଦୁର୍ଗମ ତାଜୁଙ୍ଗିଆ ପଞ୍ଚାୟତ ନିଲାକ୍ଲିଉଠାରୁ ସିକବାଡ଼ିକୁ ସବୁଦିନିଆ ପକ୍କା ରାସ୍ତାଟିଏ ନାହିଁ। ଉକ୍ତ ଅଞ୍ଚଳର ଜଣେ ଗର୍ଭବତୀ ମହିଳାଙ୍କୁ ଦୋଳା ସାହାଯ୍ୟରେ ପ୍ରାୟ ୩ କିମି ରାସ୍ତା ବୋହି ନିଆଯାଉଥିବା ଏକ ଭିଡିଓ ମୋବାଇଲ ଭାଇରାଲ ହେଉଛି। ପ୍ରକାଶଯେ ନିଲାକ୍ଲିଉ ଗ୍ରାମର ଗର୍ଭବତୀ ମହିଳା ଶିବାଜିନୀ ମୁଠାମାଝିଙ୍କୁ ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ପରିବାର ଲୋକ ଓ ଗ୍ରାମବାସୀ ଏକ ଦୋଳା ସାହାଯ୍ୟରେ ଗଦାପୁରକୁ ଆଣିବା ପାଇଁ ପ୍ରାୟ ୩ କିମି ପାହାଡିଆ ଜଙ୍ଗଲ ରାସ୍ତାରେ ବୋହି ଆଣିଥିଲେ। ଗୋଟିଏ ପଟେ ଶିବାଜିନୀଙ୍କ ପ୍ରସବ ଯନ୍ତ୍ରଣା ଯୋଗୁଁ ଚିତ୍କାର କରୁଥିବା ବେଳେ ଅତି ଦୟନୀୟ ଅବସ୍ଥାରେ ତାଙ୍କୁ କୌଣସି ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇବା ପାଇଁ ପ୍ରୟାସ କରାଯାଉଥିବା ଭିଡିଓ ଭାଇରାଲ ହେଉଛି। ତେବେ ଏହି ଗର୍ଭବତୀ ମହିଳା ଜଣକ ହେଉଛନ୍ତି ଆଶାଦିଦି। ଗର୍ଭବତୀ ମହିଳାଙ୍କୁ ସବୁବେଳେ ସହାୟତା କରୁଥିବା ଆଶା ଦିଦି ନିଜେ ପ୍ରସବ ଯନ୍ତ୍ରଣାରେ ଦୋଳାରେ ବୁହାହେଲେ, ଯାହାକି ଅଞ୍ଚଳରେ ଉଦବେଗ ଦେଖାଯାଇଛି। ଘଟଣାଟି ମଙ୍ଗଳବାର ଭୋର ସମୟର ବୋଲି ଜଣାପଡ଼ିଛି। ଗାଁକୁ ଭଲ ରାସ୍ତାଟିଏ ନଥିବା ବେଳେ ମୋବାଇଲ ଟାୱାର ମଧ୍ୟ ନାହିଁ। ଫଳରେ ତାଙ୍କୁ ୩ କିମି ବୋହି ନେବା ପରେ ଶିକବାଡିଠାରୁ ଏକ ଅଟୋ ଯୋଗେ ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ପ୍ରସବ ସୁରୁଖରେ ହୋଇଥିଲା। ଏଭଳି ଅଞ୍ଚଳରେ ଅନେକ ମହିଳା ପ୍ରସୂତି ପାଇଁ ହଟହଟା ଭୋଗୁଥିବା ବେଳେ ଗୁରୁତର ରୋଗୀମାନେ ମଧ୍ୟ ହଇରାଣ ହେଉଥିବା ଜିଲା ପରିଷଦ ସଦସ୍ୟା ଦୀପିକା ମାଝୀ କହିଛନ୍ତି। ଶିବାଜିନୀଙ୍କ ସ୍ୱାମୀ ଦିଅପିଲ ମାଝୀ ମଧ୍ୟ ସରକାରଙ୍କୁ ନିବେଦନ କରିଛନ୍ତି ଯେ, ତାଙ୍କ ଗ୍ରାମକୁ ପକ୍କା ରାସ୍ତାଟିଏ କରାଯାଉ, ଯେମିତି ତାଙ୍କ ସ୍ତ୍ରୀ ଯେମିତି କଷ୍ଟ ପାଇଲେ ଆଉ କେହି ସେଭଳି କଷ୍ଟ ନ ପାଆନ୍ତୁ।



ଗର୍ଭବତୀ ଆଶାଦିଦିଙ୍କୁ ଦୋଳାରେ ମେଡିକାଲ ନିଆଯାଉଛି।

## ଓଡ଼ିଶା ନଦୀ ସମ୍ମିଳନୀରେ ଦାରିଙ୍ଗବାଡ଼ିର ଏସ୍‌ଏଚ୍‌ଜି ପୁରସ୍କୃତ

# ନମୋଜିନୀଙ୍କୁ 'ଆଜିର ଭଗୀରଥ' ସମ୍ମାନ

ଦାରିଙ୍ଗବାଡି, ୨୧।୩ (ଅରୁଣ ସାହୁ):

ଅନୁଗୁଳଠାରେ ଆୟୋଜିତ ୨ ଦିନିଆ ଚତୁର୍ଥ ଓଡିଶା ନଦୀ ସମ୍ମିଳନୀରେ ଦାରିଙ୍ଗବାଡି ବ୍ଲକର ମହିଳା ସ୍ୱୟଂ ସହାୟକଙ୍କୁ ପୁରସ୍କୃତ କରାଯାଇଛି। ଏହି ସମ୍ମିଳନୀରେ 'ଜଳବାୟୁ ପରିବର୍ତ୍ତନ ପାଇଁ ସାମାଜିକ-ଅର୍ଥନୈତିକ ପରିବେଶ ଏବଂ ସାଂସ୍କୃତିକ ସ୍ଥିରତା' ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ୱାଟର ମ୍ୟାନ ତଥା ୟୁଥ ଫର ୱାଟର ଇଣ୍ଡିଆର ମୁଖ୍ୟ ରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ବିଶିଷ୍ଟ ଅତିଥିମାନେ ଯୋଗଦେଇ ଏବେ ଜଳବାୟୁ ପରିବର୍ତ୍ତନର ଉଦ୍ଦେଶ୍ୟ ଓ ଜଙ୍ଗଲ, ପରିବେଶ ଓ ଜଳର ସୁରକ୍ଷା ଦିଗରେ ଆଲୋଚନା କରିଥିଲେ। ଏଥିରେ ଦାରିଙ୍ଗବାଡି ବ୍ଲକ ବୁଡାନପିପାଲି ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ ହେବାର ସୁଯୋଗ ମିଳିଥିଲା। ଜଙ୍ଗଲ ଜମିର ସୁରକ୍ଷା ଦିଗରେ ମହିଳାମାନଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସେ ସମ୍ପର୍କରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ପକ୍ଷରୁ ନମୋଜିନୀ ମଲିକ ବକ୍ତବ୍ୟ ରଖିଥିଲେ। ତାଙ୍କୁ ଓ ତାଙ୍କ ଗୋଷ୍ଠୀକୁ ପୁରସ୍କୃତ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ନମୋଜିନୀ ନେପାଳର କାଠମାଣ୍ଡୁଠାରେ ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେଇ ଗୋଷ୍ଠୀ ଜଙ୍ଗଲ ଜମିର ସୁରକ୍ଷା ଦିଗରେ ମହିଳାମାନଙ୍କ ଭୂମିକା ସମ୍ପର୍କରେ ନିଜ ଅଭିଭାଷଣ ରଖି ସାରା ରାଜ୍ୟରେ ଚର୍ଚ୍ଚାରେ ରହିଥିଲେ। ସେ ଏବେ ଏହି ନଦୀ ସମ୍ମିଳନୀରେ ଯୋଗଦେଇ 'ଚତୁର୍ଥ ଆଜିର ଭଗୀରଥ' ସମ୍ମାନରେ ସମ୍ମାନିତ ହୋଇପାରିଛନ୍ତି। ଏହାକୁ ନେଇ ନମୋଜିନୀଙ୍କୁ ଦାରିଙ୍ଗବାଡି ଅଞ୍ଚଳରେ ପ୍ରଶଂସା ମିଳିଛି।





ନମୋଜିନୀଙ୍କୁ ସମ୍ମାନିତ କରାଯାଇଛି।

## ଛତ୍ରପୁରରେ ଜଳକଷ୍ଟ

ଛତ୍ରପୁର, ୨୧।୩ (ସନ୍ତୋଷ ପାଢୀ/ଦିଲୀପ ସାମଲ)

ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁର ସହରରେ ଘରମାନଙ୍କୁ ପାଇପ୍ ଯୋଗେ ଯୋଗାଣ ହେଉଥିବା ପାନୀୟ ଜଳ ସମ୍ପୂର୍ଣ୍ଣ ଭାବେ ଗୋଳି ପାଣି ଆସୁଛି । ଗତ ୧୫ ଦିନ ହେଲା ଗୋଳି ପାଣି ଆସୁଥିବା ବେଳେ ଏବେ ଡ୍ରେନ୍ ପାଣି ଭଳି ଆସୁଥିବା ଦେଖିବାକୁ ମିଳିଛି । ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢିଛି। ଉକ୍ତ ଦୁର୍ଗନ୍ଧ ଓ ଗୋଳି ପାଣି ନେଇ ଲୋକେ ବାହାରକୁ ଆସି ଏହାର ପ୍ରତିବାଦ କରିଛନ୍ତି । ଏସମ୍ପର୍କରେ ଲୋକମାନଙ୍କ ପକ୍ଷରୁ ଜନସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଥିବା ଜଣାପଡିଛି । କେଉଁଠି ପାଇପ୍ ଫାଟିଛି ଏବଂ ସେଥିରେ ଡ୍ରେନ୍ ପାଣି ମିଶୁଥିବାରୁ ଏପରି ହେଉଥିବା ଅନୁମାନ କରାଯାଉଛି । ଛତ୍ରପୁର ଏନଏସି ଅଧୀନ ୧୦, ୧୧ ଓ ୧୩ ନମ୍ବର ୱାର୍ଡ ରେ ଏହା ଦେଖିବାକୁ ମିଳିଛି। ବିଦ୍ୟାଧରନଗର ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସାରଥି ଚୌଧୁରୀ, ତନୁଜା ମହାନ୍ତି ଓ ହେମଲତା ମହାପାତ୍ର ଅସନ୍ତୋଷ ପ୍ରକାଶ କରିବା ସହ ଏହାର ତୁରନ୍ତ ସମାଧାନ କରିବାକୁ ଦାବି କରିଛନ୍ତି। ଗାଧୋଇବା ପାଇଁ ମଧ୍ୟ ବ୍ୟବହାର ହୋଇପାରୁନି। କୂଅ ପାଣି ଶୁଖିଗଲାଣି । ପୋଖରୀ କାମ ହେଉଥିବାରୁ ସେଠାରୁ ମଧ ପାଣି ଅଣାଯାଇପାରୁନି। ବହୁ ଦୂରକୁ ଯାଇ ପାଣି ଆଣିବାକୁ ପଡୁଛି। ଏପରିକି ପାନୀୟ ପାଇଁ ପାଣି କିଣିବାକୁ ପଡୁଛି ବୋଲି ସାହି ବାସିନ୍ଦା କ୍ଷୋଭର ସହ କହିଛନ୍ତି।

## ବିଶ୍ୱ ବନ ଦିବସ ପାଳିତ

ଜଗନ୍ନାଥ ପ୍ରସାଦ, ୨୧।୩ (ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥପ୍ରସାଦ ବନାଞ୍ଚଳ ବିଭାଗ ତରଫରୁ ବିଶ୍ୱ ବନ ଦିବସ ପାଳନ କରାଯାଇଛି। ବନାଞ୍ଚଳ ଅଧିକାରିଣୀ ସୁଶ୍ରୀ ସୁଜାତା ରାଣୀ ପଣ୍ଡାଙ୍କ ନେତୃତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା ବନ ବିଭାଗର ସମସ୍ତ କର୍ମଚାରୀ, କିଛି ବ୍ୟକ୍ତି ବିଶେଷଙ୍କୁ ଜଙ୍ଗଲ ସମ୍ପଦର ସୁରକ୍ଷା, ସଂରକ୍ଷଣ ଓ ପୁନରୁଦ୍ଧାର ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବନପାଳ ସୁକାନ୍ତ କୁମାର ନାୟକ, ଶରତ କୁମାର ମହାନ୍ତି, ସମସ୍ତ ବନରକ୍ଷୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଧୁମଧାମରେ ଦୋଳ ଉତ୍ସବ ଆରମ୍ଭ



ପାରଳାଖେମୁଣ୍ଡି, ୨୧।୩(ଗିରିଧାରୀ ପରିଛା)

ଦୋଳବନ୍ଧ ଉନ୍ନୟନ କମିଟି ଏବଂ ଜିଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଧୁମଧାମରେ ଦୋଳ ଉତ୍ସବ ଆରମ୍ଭ ହୋଇଯାଇଛି । ଏହି ଦୋଳ ଉତ୍ସବ ହୋଲି ପର୍ଯ୍ୟନ୍ତ ଛଅ ଦିନ ବ୍ୟାପୀ ଅର୍ଥାତ ୨୬ମାର୍ଚ୍ଚ ଯାଏଁ ପାରଳାଖେମୁଣ୍ଡିସ୍ଥିତ ଦୋଳ ମଣ୍ଡପଠାରେ ଚାଲୁରହିବ। ଦୋଳ ପୋଖରୀ ନିକଟରେ ଥିବା ରାଧାକୃଷ୍ଣଙ୍କୁ ଅତ୍ୟନ୍ତ ଭକ୍ତିପୂତ ଭାବେ ପୂଜାର୍ଚ୍ଚନା କରି ଆଜିଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ସନ୍ଧ୍ୟା ସମୟରେ ସୁସଜ୍ଜିତ ଆଲୋକମାଳାରେ ଦୋଳ ପୋଖରୀ ଅଞ୍ଚଳ ଝଲସି ଉଠୁଥିବା ବେଳେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ତେବେ ପ୍ରତ୍ୟହ ସନ୍ଧ୍ୟା ସମୟରେ ସ୍ଥାନୀୟ କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ସୂଚନା ପ୍ରଦାନ କରାଯାଇଛି। ଦୋଳ ଉତ୍ସବ କମିଟିର ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ଦେବେନ୍ଦ୍ର ମିଶ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ରମେଶ ଚନ୍ଦ୍ର ହୋତା, ପ୍ରାଣ ତରାଇ, ଅରମିତ ଜେନା, ଶରତ ପାଣିଗ୍ରାହୀ, କୁନା ମହାପାତ୍ର, କୁମୁଦ ମହାପାତ୍ର, ରବିନ୍ଦ୍ର ହୋତା, ରବିନାରାୟମ ଚୌଧୁରୀ ପ୍ରମୁଖ ପରିଚାଳନା କରୁଥିବା ବେଳେ ସହରର ବହୁ ବ୍ୟକ୍ତି ବିଶେଷ ପରିଚାଳନାରେ ସହଯୋଗ କରୁଛନ୍ତି। କାର୍ଯ୍ୟକ୍ରମକୁ ସଂଯୋଜନା କରୁଛନ୍ତି ବିଚିତ୍ରାନନ୍ଦ ବେବର୍ତ୍ତା।

## ବିଶ୍ୱ କଣ୍ଢେଇ ଦିବସ ପାଳିତ



କଣ୍ଢେଇ ସହିତ ଶିଶୁମନ୍ଦିରର କୁନି କୁନି ଛାତ୍ରୀମାନେ।

ପାରଳାଖେମୁଣ୍ଡି, ୨୧।୩(ଗିରିଧାରୀ ପରିଛା):

ସ୍ଥାନୀୟ ସରସତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁବାର କଣ୍ଢେଇ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରାରମ୍ଭ ଓ ବୋଧ ଶ୍ରେଣୀର ପିଲାମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କଣ୍ଢେଇ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ଶତାଧିକ ଅବିଭାବକମାନେ ଏହି କଣ୍ଢେଇ ଦିବସ ଅଂଶଗ୍ରହଣ କରିବା ସହ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ମୋବାଇଲ ଏବଂ କାର୍ଟୁନର ଏହି ଯୁଗରେ ପିଲାମାନଙ୍କ ମଧ୍ୟରେ କଣ୍ଢେଇ ପ୍ରତି କମିଯାଉଥିବା ରୁଚିକୁ ପୁନଃଜାଗରଣ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମଟି ଶିଶୁ ବାଟିକା ପ୍ରମୁଖଙ୍କ ସହ ମମତା ମହାପାତ୍ରଙ୍କ ନେତୃତ୍ୱରେ ତଥା ପ୍ରଧାନାଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଥିଲା।

# କୋଟଗଡ଼ କୋର୍ଟରେ ମାଓବାଦୀ ନେତା ଆଜାଦ ହାଜର

## ଶ୍ରୀରାମପୁର ବିସ୍ଫୋରଣ, ଥାନା ପୋଡି, ଗୃହରକ୍ଷୀଙ୍କୁ ହତ୍ୟା ମାମଲାର ଶୁଣାଣି

ଫୁଲବାଣୀ, ୨୧।୩ (ରାକେଶ କୁମାର ରାଉତ):

କନ୍ଧମାଳ ଜିଲା କୋଟଗଡ଼ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ଗୁରୁବାର ପ୍ରଥମ ଥର ହାଜର ହୋଇଛନ୍ତି ହାର୍ଡକୋର ମାଓବାଦୀ ନେତା ଢୁନା କେଶବ ରାଓ ଓରଫ ଆଜାଦ। ଝାରପଡ଼ା ଜେଲରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ କୋଟଗଡ଼ କୋର୍ଟକୁ ନିଆଯାଇଥିଲା। ସମୁଦାୟ ୬ଟି ମାମଲାରେ ତାଙ୍କୁ ହାଜର କରାଯିବା ପରେ ଝାରପଡ଼ା ଜେଲକୁ ପଠେଇ ଦିଆଯାଇଛି। ଦୁଇ ଜଣ ଏସଡିପିଓ, କୋଟଗଡ ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ଓ ବାଲିଗୁଡା ସବଇନ୍ସପେକ୍ଟର ଓମ ନାରାୟଣ ପାତ୍ରଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ସୁରକ୍ଷାକର୍ମୀ ଭୁବନେଶ୍ୱରର ଝାରପଡା ଜେଲକୁ ଯାଇ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆଣି ଆଜାଦକୁ କୋଟଗଡ କୋର୍ଟରେ ହାଜର କରିଥିଲେ। ସୂଚନାନୁଯାୟୀ, ଆଜାଦ ନାମରେ କୋଟଗଡ ଥାନରେ ୨୦୦୯ରେ କୋଟଗଡ ଥାନା ଗୃହରକ୍ଷୀ ନାରେଙ୍ଗା ମଲିକଙ୍କୁ ହତ୍ୟା, ଶ୍ରୀରାମପୁରରେ ବମ ସ୍କାଡ଼ ଗାଡି ବିସ୍ଫୋରଣ ମାମଲା, ସୁବର୍ଣ୍ଣଗିରି ଫାଣ୍ଡି ପୋଡ଼ି ମାମଲା ଓ ୨୦୧୧ର ଅନ୍ୟାନ୍ୟ ମାମଲା ସମତେ ସମୁଦାୟ ୬ଟି ମାମଲାରେ ହଜାର ହୋଇଥିଲେ ଆଜାଦ। ଉକ୍ତ ମାମଲାଗୁଡିକର ବିଚାର ଓ ଜାମିନ ଆବେଦନ ଶୁଣାଣି କୋଟଗଡ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ବିଚାରପତି ଅନୁରାଗ ଦେହୁରୀଙ୍କ ଦ୍ୱାରା ହୋଇଥିଲା। ସୂଚନାଯୋଗ୍ୟ, ଆଜାଦ ୨୦୧୧ ମସିହା ପୂର୍ବରୁ ଓଡିଶା, ଛତିଶଗଡ ଓ ଆନ୍ଧ୍ରରେ ସକ୍ରିୟ ଭାବେ ବିଭିନ୍ନ ମାଓବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିଲେ। ପୋଲିସ ପାଖରେ ଆତ୍ମସମର୍ପଣ ପରେ ତାଙ୍କୁ ଝାରପଡ଼ା ଜେଲରେ ରଖାଯାଇଛି।



ଆଜାଦ

## ପୋଲିସର ଫ୍ଲାଗ୍‌ମାର୍ଚ୍ଚ



ଜି.ଉଦୟଗିରି/ଦାରିଙ୍ଗବାଡ଼ି, ୨୧।୩ (ଶିଶିର ପଟ୍ଟନାୟକ/ଅରୁଣ ସାହୁ):

ଆଗାମୀ ସାଧାରଣ ନିର୍ବାଚନକୁ ଅବାଧ ଏବଂ ନିରପେକ୍ଷ କରିବା ଲକ୍ଷ୍ୟ ନେଇ ଜି.ଉଦୟଗିରି ପୋଲିସ ତରଫରୁ ଗୁରୁବାର ସହରରେ ଫ୍ଲାଗମାର୍ଚ୍ଚ କରାଯାଇଛି। ସ୍ଥାନୀୟ ଏସଡିପିଓ ବିଜୟ କୁମାର ବିଶିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥାନାଧିକାରୀ ଭଗବାନ ପୂଜାରୀ, ଏସଆଇ ଅନନ୍ତ କୁମାର ପ୍ରଧାନଙ୍କ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସ ଏଥିରେ ସାମିଲ ଥିଲେ। ଓଡ଼ିଶାରେ ୪ ଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ବେଳେ କନ୍ଧମାଳ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ ମେ ୨୦ ତାରିଖରେ ସାଧାରଣ ନିର୍ବାଚନ ହେବ। ସେହିପରି ଦାରିଙ୍ଗବାଡି ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଆଇଆଇଆସି ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ସବଇନ୍ସପେକ୍ଟର ଜିତେନ୍ଦ୍ର କୁମାର ବେହେରା, ଲକ୍ଷ୍ମୀ ମାଝୀ ପ୍ରମୁଖ ଫ୍ଲାଗମାର୍ଚ୍ଚରେ ବାହାରି ଦାରିଙ୍ଗବାଡିର ଚାରିଛକ, ତିନିଛକ, ଶିବମନ୍ଦିର ସାହି, ରାଧାକୃଷ୍ଣ ମନ୍ଦିର ସାହି ପରିକ୍ରମା କରିଥିଲେ। ଅଞ୍ଚଳରେ ଶାନ୍ତିଶୃଙ୍ଖଳା ସହ ନିର୍ବାଚନ କରାଯିବା ନେଇ ଲୋକଙ୍କୁ ସଚେତନ କରାଯାଇଥିଲା।

# ବିଶ୍ୱ ବନ ଦିବସ ପାଳିତ





ପାରଳାଖେମୁଣ୍ଡି, ୨୧।୩ (ଗିରିଧାରୀ ପରିଛା):

ସ୍ଥାନୀୟ ବନଖଣ୍ଡ କାର୍ଯ୍ୟାଳୟରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବନଖଣ୍ଡ ଅଧିକାରୀ ଏସ ଆନନ୍ଦ, ସହକାରୀ ବନ ସଂରକ୍ଷକ ଅରୁଣ କୁମାର ସାହୁ, ସାଇନ ଶ୍ରୀ ଦାଶ ଏବଂ ମୋହନା ବ୍ଲକ ପୋଇପାଣି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରୁଣା କର ରାଇକା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସେଞ୍ଚୁରିଆନ ପବ୍ଲିକ ସ୍କୁଲ, ମହାରାଜା ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ପୋଇପାଣି ପ୍ରାଥମିକ ବିଦ୍ୟାଳୟର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବିଶ୍ୱ ବନ ଦିବସ ଅବସରରେ 'ଜଙ୍ଗଲ ଓ ତାର ଅଭିନବୀକରଣ' ଉପରେ ଆଲୋକପାତ କରାଯାଇଥିଲା । ବିଶ୍ୱ ବନ ଦିବସ ଅବସରରେ ଜଙ୍ଗଲ ସୁରକ୍ଷା ଓ ବୃକ୍ଷରୋପଣ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିବା ଯୋଗୁଁ ବନଖଣ୍ଡ ଅଧିକାରୀ ଏସ ଆନନ୍ଦ ପୋଇପାଣି ପ୍ରାଥମିକ ୧୦ ହଜାର ଟଙ୍କା ପ୍ରଦାନ କରି ସମ୍ମାନିତ କରିଥିଲେ। ସେହିପରି ଜଙ୍ଗଲ, ବନ୍ୟଜନ୍ତୁଙ୍କ ସୁରକ୍ଷା, ବୃକ୍ଷରୋପଣ, ବେଆଇନ କାଠ ଚୋରା ଚାଲାଣ, ବେଆଇନ ଶିକାର ଇତ୍ୟାଦି ରୋକିବା ଏବଂ ଜନ ସାଧାରଣଙ୍କୁ ସାହାଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ପାରଳାଖେମୁଣ୍ଡି ବନଖଣ୍ଡର ବନପାଳ ଦେବାଶିଷ ଶତପଥୀ, ପି. ଭେଙ୍କଟ ରମଣ, ଦୁର୍ଯ୍ୟୋଧନ ଜେନା, ବନରକ୍ଷୀ ସୁମିନା ଗମାଙ୍ଗଙ୍କୁ ସମ୍ମାନିତ କରାଯାଇଥିଲା। ଜଙ୍ଗଲ ରକ୍ଷଣାବେକ୍ଷଣ ଓ ପରିଚାଳନା, ଜଙ୍ଗଲ ପାଟ୍ରୋଲିଂ, ବନ୍ୟଜନ୍ତୁଙ୍କ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ଥିବା ୧୨ ଜଣ ଜଙ୍ଗଲ ସୁରକ୍ଷା କର୍ମୀ ସମ୍ମାନିତ ହୋଇଥିଲେ। ଏହିଅବସରରେ ବନଖଣ୍ଡରେ ୭ଟି ବନାଞ୍ଚଳ ଯଥା ଦେବଗିରି, କାଶୀନଗର, ମହେନ୍ଦ୍ର, ରାମଗିରି, ରା.ଉଦୟଗିରି, ମୋହନା, ଚନ୍ଦ୍ରଗିରିରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବନପାଳ ପି.ଭେଙ୍କଟ ରମଣ, ସନ୍ତୋଷ କୁମାର ପରିଛା, ବନରକ୍ଷୀ ପ୍ରସାଦ ନାୟକ, ଜଙ୍ଗଲ ସୁରକ୍ଷା କର୍ମୀ ଆକାଶ ପଧାନ ସହଯୋଗ କରିଥିଲେ।

## ୧୩୨ କେଜି ଗଞ୍ଜେଇ, ୪ ଲକ୍ଷ ଟଙ୍କା ଜବତ

# ଆନ୍ତଃରାଜ୍ୟ ଚାଲାଣ ବେଳେ ୩ ଗିରଫ, ୨ ଫେରାର

ବାଲିଗୁଡା, ୨୧।୩(ସଞ୍ଜୟ କୁମାର ପାଣିଗ୍ରାହୀ):

କନ୍ଧମାଳ ପୋଲିସ ପଞ୍ଝାରେ ପଡିଛି ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀ ରାକେଟ। ବାଲିଗୁଡା ପୋଲିସ ବାରଖମା ନିକଟସ୍ଥ ଡାବୁଡାକା ଘାଟିରେ ବୁଧବାର ବାଲିଗୁଡା-ଲଣ୍ଡାଗାଁ ରାସ୍ତାରେ ବ୍ଲକିଂ କରି ଗାଡି ମୋଟର ଯାଞ୍ଚ କରୁଥିବା ବେଳେ ଦୁଇଟି କାର ଆସୁଥିବା ବେଳେ ଚେକିଂ ଦେଖି ୨ ଜଣ ଓହ୍ଲାଇ ଦୌଡି ପଳାଇଥିଲେ। ବାଲିଗୁଡା ଏସଡିପିଓ ରାହୁଲ ଗୋୟେଲ ଗାଡିରେ ଥିବା ଅନ୍ୟ ୩ ଜଣଙ୍କୁ କାବୁ କରିଥିଲେ। ଏହା ପରେ ଦୁଇଟି କାରକୁ ପୋଲିସ ଚେକିଙ୍ଗ କରିବା ବେଳେ ସେହି କାରରୁ ୫ଟି ବସ୍ତାରେ ୧୩୨ କେଜି ଗଞ୍ଜେଇ ସହ ନଗଦ ୪ ଲକ୍ଷ ଟଙ୍କା ୫ଟି ମୋବାଇଲ ଜବତ ହୋଇଛି। ଜବତ ଗଞ୍ଜେଇର ଆନୁମାନିକ ୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ଗିରଫ ବ୍ୟକ୍ତିମାନେ ହେଲେ ରାଉଲକେଲାର ଅଶୋକ ଗିରି, ତାମିଲନାଡୁର ଲୌର୍ଦେ ଆଣ୍ଟୋନୀ ଓ ଜେ.ସେଲଭା କୁମାର ବୋଲି ଜଣାପଡିଛି। ଏହି ଆନ୍ତଃରାଜ୍ୟ ରାକେଟ ବାଲିଗୁଡା ଅଞ୍ଚଳରୁ ତାମିଲନାଡୁକୁ ଚାଲାଣ କରୁଥିଲେ ଓ ସେଠାରେ ବିକ୍ରି କରି ମୋଟା ଅଙ୍କର ଅର୍ଥ ରୋଜଗାର କରୁଥିଲେ ବୋଲି ଖବରଦାତା ସମ୍ମିଳନୀ କରି ବାଲିଗୁଡା ଏସଡିପିଓ ରାହୁଲ ଗୋୟେଲ ଜଣାଇଛନ୍ତି। ଏଠାକୁ ବ୍ୟବସାୟ କରିବାକୁ ଆସି ଗଞ୍ଜେଇ କ୍ରୟ କରି ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ଏ ନେଇ ବାଲିଗୁଡା ଥାନା କେଶ ନଂ. ୭୫/୨୪ ରେ ଏକ ମାମଲା ରୁଜୁ କରି ଏସଆଇ ବିକାଶ କୁମାର ଜାଲିଙ୍କୁ ଏହାର ତଦନ୍ତ ଭାର ଦିଆଯିବା ସହ ଅଧିକ ତଦନ୍ତ ଚାଲିଥିବା ବିଷୟ ଏସଡିପିଓ ଗୋୟଲ ପ୍ରକାଶ କରିଛନ୍ତି।



**ସଂକ୍ଷେପରେ**

## କେଲୁଅ ନଦୀ ପଠାରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଧର୍ମଶାଳା,୨୧।୩(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ଥାନା କୋଟପୁର ଫାଣ୍ଡି ଅଧୀନ କୋଟପୁର ଗ୍ରାମ ନିକଟ କେଲୁଅ ନଦୀପଠାରୁ ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ କୁଆଖିଆ ଥାନା ଅନ୍ତର୍ଗତ ହରିପୁର ଗ୍ରାମର ସୁଶାନ୍ତ ପଣ୍ଡା (୪୩)। ସେ ବୁଧବାର ତାଙ୍କ ଶ୍ୱଶୁର ଘର କୋଟପୁର ଗ୍ରାମର ଚୈତନ୍ୟ ଦାସଙ୍କ ଘରକୁ ଆସିଥିଲେ। ରାତିରେ ଘରକୁ ଯାଉଛନ୍ତି ବୋଲି କହି ଶ୍ୱଶୁର ଘରୁ ଚାଲିଆସି ନଦୀ ପଠାରେ ବେକରେ ରଶି ଲଗାଇ ଏକ ଗଛରେ ଝୁଲିପଡ଼ିଥିଲେ। ଗୁରୁବାର ସକାଳୁ ସ୍ଥାନୀୟ ଲୋକେ ଏହାଦେଖି ତାଙ୍କ ଶ୍ୱଶୁର ଘରକୁ ଜଣାଇଥିଲେ। ଶ୍ୱଶୁର ଘର ଲୋକେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। କୋଟପୁର ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ନଂ.୧୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତାଙ୍କ ମୃତ୍ୟୁର କାରଣ ଜଣାପଡିନାହିଁ । ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଲୁଣା ନଦୀର ଜଳସ୍ତର କମୁଛି

**କେନ୍ଦ୍ରାପଡ଼ା,୨୧।୩ (ଜଗନ୍ନାଥ ଧଳ)**

- ପଡ଼ିଆ ପଡିବ ଜମି, ମିଳିବନି ପାଣି
- ନଦୀର ଗତିପଥ ପରିବର୍ତ୍ତନ ହେଉଛି
- ସହରର ପାନୀୟ ଜଳଯୋଗାଣ ବାଧାପ୍ରାପ୍ତ ଆଶଙ୍କା

ଗତ ଡିସେମ୍ବର ମାସରୁ କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ଲୁଣା ନଦୀର ଜଳସ୍ତର କମିବାରେ ଲାଗିଛି । ଫଳରେ ଆଗାମୀ ଦିନରେ କେନ୍ଦ୍ରାପଡ଼ା ପୌରାଞ୍ଚଳର ପିଇବା ପାଣି ସମସ୍ୟା ଉଭା ହେବା ସହିତ ଅବବାହିକାରେ ଥିବା ଚାଷ ଜମି ପଡ଼ିଆ ପଡିବା ଆଶଙ୍କା ଦେଖାଦେଇଛି । ଲୁଣା ନଦୀରୁ ବେଆଇନ ଭାବେ ବାଲି ଉଠା ଯାଉଥିବାରୁ ନଦୀପଥର ପରିବର୍ତ୍ତନ ହେବ ବୋଲି ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି । ଜିଲାରେ ପ୍ରବାହିତ ନଦୀଗୁଡିକର ସଂଯୋଗୀକରଣ ପରେ ଏହି ସମସ୍ୟାର ସମାଧାନ ହୋଇ ପାରିବ ବୋଲି ବୁଦ୍ଧିଜୀବୀମାନଙ୍କ ମତ ପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ସହରସ୍ଥ ଖଡିଅଙ୍ଗର କ୍ଷୀତିଶ କୁମାର ସିଂହ କହିଛନ୍ତି, ସହରକୁ ପାଣି ଯୋଗାଣ ପାଇଁ ପିଏଚ୍‌ଡି ଓ ଜଳ ସମ୍ପଦ ବିଭାଗର ସମନ୍ୱୟରେ ଲୁଣା ନଦୀର କଳପଡ଼ାଠାରୁ ପାଣି ଉଠାଯାଉଛି। ତେବେ ଜାନୁଆରୀରୁ ନଦୀର ପମ୍ପ ହାଉସ ପାଖ ଶୁଖିଲା ପଡିଛି । ଏଥିପାଇଁ ୭୦୦ ମିଟର ଦୂରରୁ ଏକ ୧୫୦ ମିଟରର ନାଳି ଖୋଳା ଯାଇ ପମ୍ପ ହାଉସ ନିକଟକୁ ପାଣି ଅଣା ଯାଉଥିଲା । ଏହି ନାଳି ଏବେ ଶୁଖିଲା ଅବସ୍ଥାକୁ ଆସିଗଲାଣି । ଏପରିସ୍ଥିତି ରହିଲେ ଆସନ୍ତା ୧୫ ଦିନ ମଧ୍ୟରେ ସହରକୁ ଜଳ ଯୋଗାଣ ବନ୍ଦ ହୋଇଯିବ । ବୁଦ୍ଧିଜୀବୀ ସନ୍ତୋଷ କୁମାର ପଣ୍ଡା କହିଛନ୍ତି, ପଡାଗୟାସପୁର, ଗୟାସପୁର, ଥାଉରୀ, ଚଢ଼େଇଗୁଆଁ, ରାଜଗଡ, ଅଙ୍ଗୁଳାଇ ଆଦି ସ୍ଥାନରେ ଲୁଣାନଦୀର ଚେକ୍‌ଡ୍ୟାମ ହୋଇଛି। ପାନୀୟ ଜଳ ଯୋଗାଣ ସହ ଚାଷ କାର୍ଯ୍ୟ ପାଇଁ ଜଳ ଯୋଗାଣ ହେବା କଥା । ତେବେ ଖରା ଆରମ୍ଭରୁ ଲୁଣା ନଦୀ ଜଳସ୍ତର ହ୍ରାସ ପାଇଥିବାରୁ ପ୍ରାୟ ୧୦ ହଜାର ହେକ୍ଟର ଜମି ପଡ଼ିଆ ପଡିବ ବୋଲି ଆକଳନ କରାଯାଉଛି। ଏସମ୍ପର୍କରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର



କଳପଡ଼ାଠାରେ ଲୁଣାନଦୀ ଶୁଖିଲା ପଡ଼ିଛି।

ସାମଲ କୁହନ୍ତି, ଲୁଣା ନଦୀ କେନ୍ଦ୍ରାପଡ଼ା ମଧ୍ୟ ଦେଇ ପ୍ରବାହିତ ହେଉଛି । ନଦୀର ଲମ୍ବ ୭୩ କି.ମି. ହୋଇଥିବା ବେଳେ ବ୍ରିଟିଶ ଶାସନ ସମୟରେ ଏହି ବାଟ ଦେଇ ନୌବାଣିଜ୍ୟ ହେଉଥିଲା । ତେବେ ଏହାର ରକ୍ଷଣାବେକ୍ଷଣ ଅଭାବ, ବେଆଇନ ବାଲି ଓ ମାଟି ଉଠାଣ, ଜବରଦଖଲ ହେତୁ ଏବେ ନଦୀର ଗତିପଥ ପରିବର୍ତ୍ତନ ହୋଇଛି । ଏହି ଜିଲାର ଅଧିବାସୀ ଚାଷ ଉପରେ ନିର୍ଭରଶୀଳ ହୋଇଥିବା ବେଳେ ୧୫,୮୫୦ ହେକ୍ଟର ଚାଷ ଜମିରେ ଉଦ୍‌ବୃତ ଜଳର ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ । ସେହିପରି ଜିଲାର ୩୨,୩୫୦ ହେକ୍ଟର ଚାଷ ଜମି ଲୁଣା । ଏଥିସହ ବର୍ଷାଦିନେ ୩୪,୯୫୨ ହେକ୍ଟର ଜମିରେ ବନ୍ୟା ଜଳ ମାଡିଯାଉଛି। ଜିଲାର ୮୪,୯୧୦ ହେକ୍ଟର ଜମିକୁ ମରୁଡ଼ି ଅଞ୍ଚଳ ଘୋଷଣା କରାଯାଇଛି। ନଦୀ ଓ ମୁଖ୍ୟ କେନାଲଗୁଡିକର ଜଳ ପରିଚାଳନା ପାଇଁ ଜିଲା ପରିଷଦରେ ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ମିଳିଲା ନାହିଁ । ସାମାଜିକ କର୍ମୀ ପ୍ରତାପ କୁମାର ତ୍ରିପାଠୀ କହିଛନ୍ତି, ଲୁଣା ନଦୀର ଜଳସେଚନ ଫଳରେ ଜିଲାରେ ଧାନ ସହ ରବି ଫସଲ ଓ ନଳିତା, ବାଦାମ, ଆଖୁ ପରି ଅର୍ଥକାରୀ ଫସଲ, ପନିପରିବା ଚାଷ ହେଉଥିଲା । ତେବେ ଗତ କିଛି ବର୍ଷ ଧରି ଏହି ନଦୀର ଜଳସ୍ତର କମିବାରେ ଲାଗିଛି। ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାରଙ୍କ ବନ୍ଧ ନିର୍ମାଣ ଫଳରେ ଏପରି ସ୍ଥିତି ଉପୁଜିଛି । କୃଷକ ନେତା ବିଧୁଭୂଷଣ ମହାପାତ୍ର କହିଛନ୍ତି, ଜିଲାରେ ୭ ନଦୀ ପ୍ରବାହିତ ହେଉଛି । ଏହି ନଦୀଗୁଡିକୁ ସଂଯୋଗୀକରଣ କରାଯାଇ ବିଭିନ୍ନ ସ୍ଥାନରେ ବ୍ୟାରେଜ ନିର୍ମାଣ କରାଗଲେ ଜିଲାର ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ହୋଇପାରନ୍ତା । ଏନେଇ ପ୍ରଶାସକ ଓ ସ୍ଥାନୀୟ ରାଜନେତା କୌଣସି ପଦକ୍ଷେପ ନେଉନାହାନ୍ତି। ଆଗାମୀ ଦିନରେ ଚାଷ ସହ ପାନୀୟ ଜଳ ଜିଲା ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରି ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ.ଉମେଶ ଚନ୍ଦ୍ର ସେଠୀ କହିଛନ୍ତି, ଲୁଣା ନଦୀର ଉନ୍ନତିକରଣ ପାଇଁ ବିଭିନ୍ନ ଯୋଜନା ଚାଲୁ ରହିଛି। ଏହାକୁ ତ୍ୱରାନ୍ୱିତ ପାଇଁ ଆର୍ଥିକ ଅନୁଦାନ ଆସିଛି। ଖୁବଶୀଘ୍ର ଜିଲାବାସୀ ଏହାର ସୁଫଳ ପାଇବେ ବୋଲି ସେ ମତ ଦେଇଛନ୍ତି।

## ଧର୍ମଶାଳା ବ୍ଲକ୍‌ରେ ୩୯ ସ୍ୱତନ୍ତ୍ର ବୁଥ୍ ହେବ

**ଧର୍ମଶାଳା,୨୧।୩(ବଟକୃଷ୍ଣ ପରିଡ଼ା):** ଆଗାମୀ ସାଧାରଣ ନିର୍ବାଚନ ପାଇଁ ନିର୍ବାଚନ କମିଶନ ତାରିଖ ଘୋଷଣା କରିଛନ୍ତି। ଯାଜପୁର ଜିଲାରେ ଶେଷ ପର୍ଯ୍ୟାୟ ଜୁନ ୧ରେ ମତଦାନ ହେବାକୁ ସ୍ଥିର କରାଯାଇଛି। ଧର୍ମଶାଳା ବ୍ଲକରେ ୨୬୪ ବୁଥରେ ୨ ଲକ୍ଷ ୨୯ ହଜାର ୮୪୯ ଭୋଟର ମତଦାନ କରିବେ। ଏଥି ମଧ୍ୟରୁ ୩୯ ସ୍ୱତନ୍ତ୍ର ବୁଥ ଗଠନ କରାଯାଇଛି। ସେଥିରେ ୨୩ ମହିଳା ବୁଥ, ୧୦ ମଡେଲ, ୩ ପିଙ୍କ, ୨ ଯୁବ ଓ ଗୋଟିଏ ଦିବ୍ୟାଙ୍ଗ ବୁଥ ରହିଛି। ବ୍ଲକ୍‌ର କଣିପାଟିଆ ଉପ୍ରାସ୍କୁଲ ବୁଥକୁ ଦିବ୍ୟାଙ୍ଗ ବୁଥ୍ କରାଯାଇଛି। ଜାରକା ଉପ୍ରା ସ୍କୁଲର ୧୭୨, ୧୭୩ ଓ ଧର୍ମଶାଳା ବାଣୀପୀଠ ବୁଥ୍‌କୁ ପିଙ୍କ ବୁଥ କରାଯାଇଛି। କୋଟପୁରସ୍ଥିତ ଜାଗୁଲାଇ ସ୍କୁଲରେ ହେବାକୁ ଥିବା ୨ ବୁଥକୁ ଯୁବ ବୁଥ୍ କରାଯାଇଛି। ଜେନାପୁର ହାଇସ୍କୁଲର ୩୭, ୩୮, ୩୯ନଂ. ବୁଥ୍ ଓ ଅଚ୍ୟୁତପୁରସ୍ଥିତ ଦାମୋଦର ବିଦ୍ୟାପୀଠରେ ୧୯୭, ୧୯୮ ଓ କାଏମା ହାଇସ୍କୁଲର ୧୯୨, ୧୯୩ ଓ ନୀଳସୁନ୍ଦର ହାଇସ୍କୁଲରେ ୨୭, ୨୮, ୨୪ ନମ୍ବର ବୁଥ୍‌ଗୁଡ଼ିକୁ ଚଳିତ ଥର ମଡେଲ ବୁଥ କରାଯାଇଛି। ବୁଥ ନଂ.୮୯, ୧୦୦, ୧୦୧, ୧୦୨, ୧୦୪, ୧୦୫, ୧୭୦, ୧୭୧, ୧୭୪, ୧୭୫, ୧୭୬, ୧୭୮, ୧୭୯, ୧୮୦, ୧୯୦, ୧୯୧, ୧୯୬, ୧୯୯, ୨୦୦, ୨୦୨, ୨୦୩, ୨୦୪ ଓ ୨୨୩ ବୁଥକୁ ମହିଳା ବୁଥ୍ କରାଯାଇଛି। ନିର୍ବାଚନ ପାଇଁ ମେ’ ୭ରେ ବିଜ୍ଞପ୍ତି ପ୍ରକାଶ ପାଇବ। ମେ’ ୧୪ରେ ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ ଥିବା ବେଳେ ୧୫ରେ ଯାଞ୍ଚ ପ୍ରକ୍ରିୟା ସ୍ଥିର କରାଯାଇଛି। ୧୭ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହର ଶେଷ ଦିନ ରହିଛି।

## ଭିତରକନିକାରେ ଜିଲାସ୍ତରୀୟ ବିଶ୍ୱ ବନ ଦିବସ



ବିଶ୍ୱ ବନ ଦିବସ ଅବସରରେ ବନ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ରାଜନଗର,୨୧।୩ (ଭାସ୍କର ରାଉତରାୟ)** ଜଳବାୟୁ ପରିବର୍ତ୍ତନ ଏବେ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ବ୍ୟାପକ ଜଙ୍ଗଲ କ୍ଷୟ ସାଙ୍ଗକୁ ପରିବେଶ ନଷ୍ଟ ଯୋଗୁ ଜୈବ ବିବିଧତା ଲୋପ ପାଇବାକୁ ବସିଛି। ଜଳବାୟୁରେ ଅନିୟମିତତା ଏଡାଇବାକୁ ଏବେଠାରୁ ବ୍ୟାପକ ଚାରା ରୋପଣ ସହ ଜଙ୍ଗଲ ସୃଷ୍ଟି ପାଇଁ ସମସ୍ତେ ଶପଥ ନେବାକୁ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି ।

ଗୁରୁବାର ରାଜନଗର ବନଖଣ୍ଡ ଡିଭିଜନ ପକ୍ଷରୁ ଜିଲାସ୍ତରୀୟ ବିଶ୍ୱ ବନଦିବସ-୨୦୨୪ କନିକା ରେଞ୍ଜର ଡାଙ୍ଗମାଳଠାରେ ଅନୁଷ୍ଠିତ ହୋଇଯାଇଛି। ଗବେଷକ ପ୍ରସନ୍ନ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ମୁଖ୍ୟଅତିଥି, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ଅତିରିକ୍ତ ବନସଂରକ୍ଷକ ପୁନମ ହୀରା ହାଁସଦା, ନାଗାନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନସ କୁମାର ମିଶ୍ର, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବିରଜା ପ୍ରସାଦ ପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ବ୍ୟାପକ ଚାରା ରୋପଣ ସହିତ ପରିବେଶ ଓ ଜଙ୍ଗଲର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ଓ ବ୍ୟାପକ ଚାରା ରୋପଣ ପାଇଁ ସବ୍‌ଡିଭିଜିନାଲସ୍ତରରେ କୁଜଙ୍ଗ ବ୍ଲକ ସମାଗଳସ୍ଥିତ ବିଜୟଚାନ୍ଦ ସଂସ୍କୃତ ମହାବିଦ୍ୟାଳୟକୁ ମାନପତ୍ର ସହିତ ୨୦ହଜାର ଟଙ୍କା, ଚାରା ରୋପଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହାକାଳପଡ଼ା ବ୍ଲକ ସୁନତି ପଞ୍ଚାୟତର ସରପଞ୍ଚ ଭଗବତୀ ମଣ୍ଡଳଙ୍କୁ ମାନପତ୍ର ସହିତ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହିତ ଭିତରକନିକା ଓ ଗହୀରମଥାରେ ଜଙ୍ଗଲ ସୁରକ୍ଷା ଓ ବନ୍ୟଜନ୍ତୁଙ୍କ ସୁରକ୍ଷାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବନକର୍ମଚାରୀ ଯଶୋବନ୍ତ ବେହେରା, ସେକ୍ ରଫିକ୍, ବିଭୂତି ତରାଇ, ଅଲେଖ ପରିଡା, ଅଞ୍ଜନ ମହାନ୍ତି, ନିତାଇ ମଣ୍ଡଳ, ପ୍ରମୋଦ ରାଉତ, ଭାନୁ ଚରଣ ଜାନ୍ନା, ସାଗର ମଲିକ, ଜଗବନ୍ଧୁ ମଣ୍ଡଳ, ରଞ୍ଜିତ କୁମାର ସ୍ୱାଇଁ, ସୁକୁମାର ଦିଣ୍ଡା, ସୁପଦ ମିସ୍ତ୍ରୀ, ସୋମନାଥ ମଣ୍ଡଳ, ଗଗନ ମଲିକ, ପ୍ରଦୀପ ଦାସ, ଝାଡେଶ୍ୱର ଜାନାଙ୍କୁ ମାନପତ୍ର ସହିତ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ପରିବେଶ ସୁରକ୍ଷା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ହାଇସ୍କୁଲର ଛାତ୍ରୀଛାତ୍ରମାନେ ଖୋଲାସ୍ଥିତ ବନବିଭାଗ ଚେକ୍ ଗେଟ ନିକଟରୁ ସାଇକେଲ ଶୋଭାଯାତ୍ରାରେ ଯାଇ ଡାଙ୍ଗମାଳସ୍ଥିତ କନିକା ରେଞ୍ଜ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ।

## ଆଇନଜୀବୀଙ୍କ ଘରୁ ଚୋରି, ଆକ୍ରମଣ ଘଟଣାରେ ପୋଲିସ ଚୁପ୍

**ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଓକିଲ ସଂଘର ଦାବି**

**ପଟ୍ଟାମୁଣ୍ଡାଇ,୨୧।୩ (କଳ୍ପତରୁ ନାୟକ)** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବଡ଼ମୂଳବସନ୍ତ ପଞ୍ଚାୟତ ପୋହଳ ଛକ ନିକଟସ୍ଥ ବଡ଼ମୂଳବସନ୍ତ ଗ୍ରାମର ସରକାରୀ ଓକିଲ ଭୀମସେନ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଘରେ ଶୋଇଥିବା ବେଳେ ଗତ ୧୬ ତାରିଖ ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଗ୍ରୀଲ କାଟି ଘରେ ପ୍ରବେଶ କରି ତାଙ୍କୁ ମିଳିତ ଭାବେ ଏକ ଛୁରିରେ ଆକ୍ରମଣ କରିବା ସହିତ ସୁନାଗହଣା ଓ ନଗଦ ଟଙ୍କା ଲୁଟି ନେଇଥିଲେ । ଗୁରୁତର ଅବସ୍ଥାରେ ଭୀମସେନଙ୍କୁ ପଟ୍ଟାମୁଣ୍ଡାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେ ଏବେ ଚିକିତ୍ସାଧୀନ ଅଛନ୍ତି। ଖବର ପାଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ରଞ୍ଜିତ ମହାନ୍ତି ପୋଲିସ ବାହିନୀ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ହେଲେ ଆଜି ପର୍ଯ୍ୟନ୍ତ ପୋଲିସ ଅପରାଧିମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇନାହିଁ । ତଦନ୍ତରେ ପୋଲିସ ଗୁରୁତ୍ୱ ଦେଉ ନ ଥିବା ପରିଲକ୍ଷିତ ହେଉଛି। ପୋଲିସର ଏଭଳି ନିଷ୍କ୍ରିୟତା ଏବଂ ଅପାରଗତାକୁ ନେଇ ଓକିଲ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି । ଆଇନଜୀବୀ କ୍ଷୀରୋଦ ପ୍ରଧାନ, ପ୍ରଦ୍ୟୁମ୍ନ ସାମନ୍ତରାୟ, ସୌମ୍ୟ ରଞ୍ଜନ ଧଳ, ପ୍ରମୋଦ କୁମାର ସାହୁ, ବିଜୟ ରାଉତ, ତପନ ନନ୍ଦୀ, ତପନ ମିଶ୍ର, ରାମକୃଷ୍ଣ ଦାଶ, ସୁଶୀଲ କୁମାର ଦାସ, ଭବାନୀ ଶଙ୍କର ପଣ୍ଡା, ବିଦ୍ୟାଧର ଦାସ, ଶରତ ମଲିକ, ପୀତାମ୍ବର ପଣ୍ଡା, ଦେବବ୍ରତ ସ୍ୱାଇଁ, ହରେକୃଷ୍ଣ ନାୟକ, ନାରାୟଣ ସାହୁ, ଜାନକୀ ବଲ୍ଲଭ ବିଶ୍ୱାଳ, ସୁମନ୍ତ ମଲିକଙ୍କ ସମେତ ବରିଷ୍ଠ ଅଇନଜୀବୀ ଯୁଧିଷ୍ଠିର ପଣ୍ଡା ଅଭିଯୁକ୍ତମାନଙ୍କୁ ପୋଲିସ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି ।

## ଗ୍ରାମ୍ୟରାସ୍ତା ଶୋଚନୀୟ, ମରାମତି ଦାବି

**ରାଜକନିକା,୨୧।୩ (ସଞ୍ଜୟ କୁମାର ଦାଶ)** ରାଜକନିକା ବ୍ଲକ ବଳରାମପୁର ପଞ୍ଚାୟତ ଦେଓଗାଁ ରାସ୍ତା ମରଣଯନ୍ତା ପାଲଟିଛି। ଯାତାୟାତରେ ନାହିଁ ନ ଥିବା ଅବସ୍ଥା ଭୋଗୁଛନ୍ତି ଗ୍ରାମବାସୀ । ୪ଟି ୱାର୍ଡ ବିଶିଷ୍ଟ ଦେଓଗାଁର ଲୋକସଂଖ୍ୟା ୯ଶହରୁ ଅଧିକ। ଗାଁକୁ ଯାତାୟତ ପାଇଁ ଏହି ମୁଖ୍ୟରାସ୍ତା ଏକମାତ୍ର ଭରସା । କିଛି ବର୍ଷ ପୂର୍ବେ ଏହି ରାସ୍ତା ନିର୍ମାଣ ହୋଇଥିଲା, ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହୋଇଥିବା ଯୋଗୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଉକ୍ତ ରାସ୍ତାର ମରାମତି ପାଇଁ ଅନେକଥର ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନ ଓ ଜନପ୍ରତିନିଧିଙ୍କ ପାଖରେ ଅଭିଯୋଗ କଲାପରେ ମଧ କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ନାରାୟଣ ମଲିକ, ସୁଧାଂଶୁ ନାୟକ, ପ୍ରୀତିରଞ୍ଜନ ନାୟକ, ସଚ୍ଚିଦାନନ୍ଦ ଦାସ, ବିଭୂତି ମଲିକ, ବସନ୍ତ ସାହୁ, ପ୍ରକାଶ ସାହୁ, ରାଜେଶ ମହାରଣା, ଶିବାନନ୍ଦ ମଲିକ, ଅମର ସାହୁ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

## ଟମକା ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



ଟମକା ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଉଛି।

**କଳିଙ୍ଗନଗର,୨୧।୩(ଶୁଭାଶିଷ ରାଉତ):** ସାଧାରଣ ନିର୍ବାଚନକୁକୁ ଆଖି ଆଗରେ ରଖି ଟମକା ପୋଲିସ ପକ୍ଷରୁ ଥାନା ଅଞ୍ଚଳରେ ଗୁରୁବାର ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଥାନା ଅଧିକାରୀ ଶଙ୍କର୍ଷଣ ଦଳେଇଙ୍କ ସମେତ ପ୍ରାୟ ଦୁଇ ପ୍ଲାଟୁନ ଫୋର୍ସ ଗୋବର୍ଦ୍ଧନପୁର, ଟୋଲ କାନି, ନଛିପୁର ଓ ଟମକା ବଜାରରେ ଫ୍ଲାଗ ମାର୍ଚ୍ଚ କରିଛନ୍ତି।

## ତ୍ରିଲୋଚନ ଦାଶ ବିଜେଡି ରାଜ୍ୟ ସମ୍ପାଦକ ନିଯୁକ୍ତ



**ରସୁଲପୁର,୨୧।୩(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଅଞ୍ଚଳର ପରିଚିତ ରାଜନୈତିକ ସଂଗଠକ ତଥା ଆଇନଜୀବୀ ତ୍ରିଲୋଚନ ଦାଶଙ୍କୁ ବିଜୁ ଜନତା ଦଳ(ବିଜେଡି)ର ରାଜ୍ୟ ସମ୍ପାଦକ ନିଯୁକ୍ତ କରାଯାଇଛି। ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଏହି ନିଯୁକ୍ତି ମିଳିଥିବା ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ୍ ବିବୃତି ଜରିଆରେ ସୂଚନା ଦେଇଛନ୍ତି। ଏଥିପାଇଁ ନବ ନିଯୁକ୍ତ ସମ୍ପାଦକ ଦାଶ ଦଳ ସଭାପତି ନବୀନ ପଟ୍ଟନାୟକ, ସଂଗଠନ ସମ୍ପାଦକ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ତାଙ୍କ ଉପରେ ଦଳ ଅସ୍ଥା, ବିଶ୍ୱାସ ଓ ଭରଷା ଜୁଟାଇ ଥିବାରୁ ସେ ନିଜକୁ ଧନ୍ୟ ମଣିବା ସହ ଆଗକୁ ଦଳର ସଂଗଠନକୁ ମଜଭୁତ୍ କରିବା ପାଇଁ କାର୍ଯ୍ୟ କରିବେ ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ସମ୍ପାଦକ ଦାଶ ଜଣେ ଦକ୍ଷ ସଂଗଠକ ଭାବରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କଳ୍ପତରୁ ଦାସଙ୍କ ଘନିଷ୍ଠ ଭାବରେ କାର୍ଯ୍ୟ କରୁଥିଲେ। ସେ ରସୁଲପୁର ବ୍ଲକ ବିଜୁ ଜନତା ଦଳର ସଭାପତି ଓ ଜିଲା ସଂଗଠନର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ଥିଲେ। ସାମନ୍ତରାପୁର ପଞ୍ଚାୟତର ସମିତି ସଭ୍ୟ ଭାବରେ ନିର୍ବାଚିତ ହୋଇଥିବା ବେଳେ ରସୁଲପୁର ବ୍ଲକରେ ତାଙ୍କର ସ୍ତ୍ରୀ ଅଧକ୍ଷା ଦାୟିତ୍ୱ ନିର୍ବାହ କରିଥିଲେ। ଏହିଭଳି ଭାବରେ ବରୀ, କୋରେଇ ଓ ଧର୍ମଶାଳା ନିର୍ବାଚନମଣ୍ଡଳିର ବିଭିନ୍ନ ପଞ୍ଚାୟତରେ ତାଙ୍କ ସଂଗଠନର ଛିଟା ରହିଥିବା ଜଣାଯାଇଛି।

# ନିଶା କବଳରେ ଯୁବଗୋଷ୍ଠୀ, ବଢୁଛି ଅପରାଧ

**ପଟ୍ଟାମୁଣ୍ଡାଇ,୨୧।୩ (କଳ୍ପତରୁ ନାୟକ)** ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦିନକୁ ଦିନ ନିଶା କାରବାର ବଢ଼ି ଚାଲିଛି । ନିଶାସେବନକାରୀଙ୍କ ସଂଖ୍ୟା ବି ବଢ଼ିଛି । ହାତ ପାହାନ୍ତାରେ ନିଶାଦ୍ରବ୍ୟ ସହଜରେ ମିଳିଯାଉଥିବାରୁ ମାରାତ୍ମକ ନିଶା କବଳରେ ପଡିଲେଣି ଆଜିର ଯୁବପିଢ଼ି । ଅଧିକାଂଶ ଯୁବଗୋଷ୍ଠୀ ମଦ, ଗଞ୍ଜେଇ, କଫ୍ ସିରପ, ନିଶା ବଟିକା ଓ ବ୍ରାଉନ ସୁଗାର କାରବାରଠାରୁ ଆରମ୍ଭ କରି ବିଭିନ୍ନ ବେଆଇନ କାର୍ଯ୍ୟରେ ନିଜକୁ ଲିପ୍ତ ରଖୁଛନ୍ତି। ନିଶା ଉପରେ ନିୟନ୍ତ୍ରଣ ନ ଥିବାରୁ ସ୍ଥିତି ବିଗିଡ଼ିବାକୁ ଲାଗିଲାଣି। ସନ୍ଧ୍ୟା ହେଲେ ବିଭିନ୍ନ ଛକରେ ନିଶାଖୋରଙ୍କ ଆଡ୍ଡାସ୍ଥଳୀ ପାଲଟିଥିବାବେଳେ ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନର ନିଷ୍କ୍ରିୟତା ପାଇଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ବୁଦ୍ଧିଜୀବୀ ପ୍ରବୀର ନାୟକ କୁହନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ବିଦେଶୀ ମଦ ଦୋକାନଗୁଡିକ ଗ୍ରାମାଞ୍ଚଳର ବହୁ ମଦ ବ୍ୟବସାୟୀଙ୍କୁ ବିଦେଶୀ ମଦ ଯୋଗାଇଦେଉଛନ୍ତି। ସକାଳ ୧୦ଟା ପରେ ସ୍ୱୀକୃତି ପ୍ରାପ୍ତ ମଦ ଦୋକାନ ଖୋଲିବାର ନିୟମ ଥିବାବେଳେ ଏଠାରେ ଥିବା ବିଦେଶୀ ମଦ ଦୋକାନଗୁଡିକ ଭୋର ସମୟରେ ଗ୍ରାମାଞ୍ଚଳର ଏହି ନିଶା ବ୍ୟବସାୟୀମାନଙ୍କୁ ନିଜ କାଉଣ୍ଟରକୁ ଡକାଇ ମଦ ବିକ୍ରି କରୁଛନ୍ତି । ଏପରିକି କେତେକ ବିଦେଶୀ ମଦ କାଉଣ୍ଟରରେ ନକଲି ମଦ ମଧ ବିକ୍ରି କରୁଥିବା ଅଭିଯୋଗ ହେଉଛି। ନିଶା କାରବାର ହଟାଇବା ସହ ନିଶାମୁକ୍ତ ଓଡ଼ିଶା ଗଢ଼ି ତୋଳିବାକୁ କେବଳ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ବିଶ୍ୱ ତମାଖୁ ବର୍ଜନ ଓ ନିଶା ନିବାରଣ ଦିବସ ଆସିଲେ ସଭା ସମିତି ରାଲି ଆଦି ଗୋଟିଏ ଦିନ ପାଳନ କରାଯାଇଥାଏ। ହେଲେ ପରେ ସବୁ ବନ୍ଦ ହୋଇଯିବା ସହ ପୂର୍ବ ଭଳି ନିଶା କାରବାର ଜାରି ରହୁଛି।

ସାମାଜିକ କର୍ମୀ ପ୍ରଫୁଲ୍ଲ ଦାଶ କୁହନ୍ତି, ଯୁବଗୋଷ୍ଠୀ ବିପଥଗାମୀ ହେବା ପାଇଁ ଅନେକ ରାସ୍ତା ମଧ୍ୟରୁ ନିଶା ସେବନ ଏକ ମୁଖ୍ୟ ମାରାତ୍ମକ ରାସ୍ତା। ଆଜିର ବହୁ ଯୁବଗୋଷ୍ଠୀ ନିଶାସକ୍ତ ହୋଇ ଉଚିତ୍ ପଥ ଭୁଲି ମନ୍ଦ ଓ ଅସାମାଜିକ ପଥରେ ଗତି କରୁଛନ୍ତି । କେବଳ ଅଶିକ୍ଷିତ ଯୁବଗୋଷ୍ଠୀ ନୁହନ୍ତି ଆଜିର ଅଧିକାଂଶ ଶିକ୍ଷିତ ଯୁବତୀ ଯୁବକ ଏହି କ୍ଷତିକାରକ ନିଶାଦ୍ରବ୍ୟ ପ୍ରତି ଘୋର ଆସକ୍ତ। ନିଶାଗ୍ରସ୍ତ ହୋଇ ଯୁବଗୋଷ୍ଠୀ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅର୍ଥ ପାଇଁ ମାତାପିତାଙ୍କ ଉପରେ ନିର୍ଭର କରୁଥିବା ଛାତ୍ରୀଛାତ୍ର ଏଥିରୁ ବାଦ୍ ପଡୁନାହାନ୍ତି। ନିଶା ଖର୍ଚ୍ଚ ମେଣ୍ଟାଇବା ପାଇଁ କେତେକ ଘୃଣ୍ୟ ବୃତ୍ତି ଆଦରି ନେଉଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ଲୁଣ୍ଠନ ଓ ନରହତ୍ୟା ଭଳି ଜଘନ୍ୟ କାଣ୍ଡ କରିବାକୁ ପଶ୍ଚାତ୍‌ପଦ ହେଉନାହାନ୍ତି । ଶିକ୍ଷିତ ଯୁବକ ନିଶାପାନ କରି ହିତାହିତ ଜ୍ଞାନ ହରାଇ ବର୍ବର ପାଲଟି ଯାଉଛନ୍ତି ।





ପଟ୍ଟାମୁଣ୍ଡାଇ ଅବକାରୀ ଥାନା ବନ୍ଦ ରହିଛି।

ପ୍ରମୋଦ ସାହୁ କୁହନ୍ତି, ଗତ ବର୍ଷ ରାଜ୍ୟର ୧୨-୧୯ ବର୍ଷ ବୟସ୍କ ୯୮୦ ଜଣ କିଶୋରୀ ଓ ୮୭୮ ଜଣ କିଶୋରଙ୍କୁ ନେଇ ଏକ ସର୍ଭେ କରାଯାଇଥିଲା। ନିଶା ସେବନରେ ୪୫.୬ ପ୍ରତିଶତ କିଶୋରୀ/କିଶୋର ନିଶା ସେବନ କରୁଥିବା ବେଳେ ୫୪.୪ ପ୍ରତିଶତ କିଶୋରୀ/କିଶୋର କୌଣସି ତମାଖୁ ସେବନ କରୁନାହାନ୍ତି। ସେମାନଙ୍କ ମଧ୍ୟରୁ ୧୩ ପ୍ରତିଶତ କିଶୋର ସିଗାରେଟ୍, ବିଡ଼ି ଓ ଗଞ୍ଜେଇ ଭଳି ଧୂଆଁ ଜାତୀୟ ତମାଖୁ ସେବନ କରୁଥିବା ବେଳେ ଉଭୟ କିଶୋରୀ କିଶୋରଙ୍କ କ୍ଷେତ୍ରରେ ଏହି ସଂଖ୍ୟା ୭ ପ୍ରତିଶତ ରହିଥିଲା। ସେହିପରି ୪୨ ପ୍ରତିଶତ କିଶୋରୀ କଶୋର ଧୂଆଁ ବିହୀନ ତମାଖୁ ସେବନ କରୁଥିବାବେଳେ ୧୭ ପ୍ରତିଶତ ଖଇନି ସେବନ କରୁଥିଲେ। ଗୁଟଖା ଖାଉଥିବା କିଶୋରଙ୍କ ସଂଖ୍ୟା ସବୁଠୁ ଅଧିକ ରହିଥିଲା।

ବିଜୟ ଦାସ କୁହନ୍ତି, ଯୁବ ସମାଜ ହେଉଛି ରାଷ୍ଟ୍ରର ମେରୁଦଣ୍ଡ। କୃଷି, ଶିଳ୍ପ, ପ୍ରତିରକ୍ଷା, ଗବେଷଣା ଆଦି ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କ ଅବଦାନ ରହିଲେ ଯେକୌଣସି ରାଷ୍ଟ୍ର ବିକାଶ କ୍ଷେତ୍ରରେ ଅଗ୍ରଗତି କରିବା ଅବଶ୍ୟମ୍ଭାବୀ। ଯେକୌଣସି ରାଷ୍ଟ୍ରର ସ୍ୱାଧୀନତା ଆନ୍ଦୋଳନ କିମ୍ବା ନ୍ୟାୟ ପାଇଁ ଗଣଆନ୍ଦୋଳନରେ ସେମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାଆନ୍ତି । ରୁଷିଆ, ଆମେରିକା, ଲଣ୍ଡନ ପରି ବୃହତ୍ ରାଷ୍ଟ୍ରରେ ଯୁବଗୋଷ୍ଠୀର ଭୂମିକା ଅତୁଳନୀୟ। କେବଳ ରାଷ୍ଟ୍ର ନୁହେଁ, ସମାଜ ଓ ପରିବାରର ଯୁବକ ହେଉଛି ସାହାଭରସା। ମାତ୍ର ଆମ ରାଜ୍ୟରେ ରାଜସ୍ୱ ଆଦାୟ ପାଇଁ ଗଳିକନ୍ଦିରେ ମଦ ଭାଟି ଖୋଲି ମଦର ବହୁଳ ପ୍ରସାର କରାଯାଉଥିବାରୁ ଯୁବଗୋଷ୍ଠୀ ପ୍ରଥଭଷ୍ଟ ହେଉଛନ୍ତି । ଯଦି ବେଳ ଥାଉ ଥାଉ ସତର୍କ ନ ହେବେ ଆଗକୁ ପରିସ୍ଥିତି ଜଟିଳ ହୋଇଯିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି । ପଟ୍ଟାମୁଣ୍ଡାଇ ଅବକାରୀ କାର୍ଯ୍ୟାଳୟ ସଦାବେଳେ ବନ୍ଦ ରହୁଥିବାରୁ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିନାହିଁ। ତେବେ ଜିଲା ଅବକାରୀ ବିଭାଗ ଅଧୀକ୍ଷକ ଦେବୀ ମିଶ୍ରଙ୍କୁ ଏ ସଂକ୍ରାନ୍ତରେ ମତାମତ ପାଇଁ ଏକାଧିକ ଥର ଫୋନ କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିଲେ ।

## ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକ ଗିରଫ

**ପାଣିକୋଇଲି, ୨୧।୩(ବିକାଶ ମଲ୍ଲିକ)**

ଦୁର୍ଘଟଣା ଘଟାଇଥିବା ଜଣେ ଟ୍ରକ୍ ଚାଳକଙ୍କୁ ପାଣିକୋଇଲି ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ତାମିଲନାଡୁ ରାଜ୍ୟ ନାମକାଲ ଥାନା ଅଞ୍ଚଳର ଶୁଭ୍ରହମୀନା ପି(୪୩)। ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଓଭରବ୍ରିଜ୍‌ପଜ ଶେଷ ମୁଣ୍ଡ ତଥା ପୁରୁଣା ଥାନା ନିକଟରେ ଗତ ବୁଧବାର ସନ୍ଧ୍ୟା ୭ଟା୩୦ରେ ଶୁଭ୍ରହମୀନାଙ୍କ ଟ୍ରକ ଧକ୍କାରେ ପାଣିକୋଇଲି ଅଳତିରି ଗ୍ରାମର ଯୋଗେନ୍ଦ୍ର ସାହୁଙ୍କ ପୁଅ ଶଙ୍କର୍ଷଣ ଓରଫ ଟିକିଲି (୩୮) ଗୁରୁତର ହୋଇଥିଲେ। ସେ ଚାଲିଚାଲି ରାସ୍ତା ପାର ହେଉଥିବା ସମୟରେ ପାଣିକୋଇଲି ପଟୁ ଓଭରବ୍ରିଜରୁ ଗଡୁଥିବା ଦ୍ରୁତଗାମୀ ଟ୍ରକ୍(କେଏ-୦୧-ଏଏଫ-୭୧୮୯) ତାଙ୍କୁ ଧକ୍କା ଦେଇଥିଲା। ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ରୋଡ୍ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା।

# ଲୁଣା ନଦୀର ଜଳସ୍ତର କମୁଛି

- ପଡ଼ିଆ ପଡିବ ଜମି, ମିଳିବନି ପାଣି
- ନଦୀର ଗତିପଥ ପରିବର୍ତ୍ତନ ହେଉଛି
- ସହରର ପାନୀୟ ଜଳଯୋଗାଣ ବାଧାପ୍ରାପ୍ତ ଆଶଙ୍କା

**କେନ୍ଦ୍ରାପଡ଼ା, ୨୧।୩ (ଜଗନ୍ନାଥ ଧଳ)**

ଗତ ଡିସେମ୍ବର ମାସରୁ କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ଲୁଣା ନଦୀର ଜଳସ୍ତର କମିବାରେ ଲାଗିଛି । ଫଳରେ ଆଗାମୀ ଦିନରେ କେନ୍ଦ୍ରାପଡ଼ା ପୌରାଞ୍ଚଳର ପିଇବା ପାଣି ସମସ୍ୟା ଉଭା ହେବା ସହିତ ଅବବାହିକାରେ ଥିବା ଚାଷ ଜମି ପଡ଼ିଆ ପଡିବା ଆଶଙ୍କା ଦେଖାଦେଇଛି । ଲୁଣା ନଦୀରୁ ବେଆଇନ ଭାବେ ବାଲି ଉଠା ଯାଉଥିବାରୁ ନଦୀପଥର ପରିବର୍ତ୍ତନ ହେବ ବୋଲି ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି । ଜିଲାରେ ପ୍ରବାହିତ ନଦୀଗୁଡିକର ସଂଯୋଗୀକରଣ ପରେ ଏହି ସମସ୍ୟାର ସମାଧାନ ହୋଇ ପାରିବ ବୋଲି ବୁଦ୍ଧିଜୀବୀମାନଙ୍କ ମତ ପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ସହରସ୍ଥ ଖଡିଅଙ୍ଗର କ୍ଷୀତିଶ କୁମାର ସିଂହ କହିଛନ୍ତି, ସହରକୁ ପାଣି ଯୋଗାଣ ପାଇଁ ପିଏଚ୍‌ଡି ଓ ଜଳ ସମ୍ପଦ ବିଭାଗର ସମନ୍ୱୟରେ ଲୁଣା ନଦୀର କଳପଡ଼ାଠାରୁ ପାଣି ଉଠାଯାଉଛି। ତେବେ ଜାନୁଆରୀରୁ ନଦୀର ପମ୍ପ ହାଉସ ପାଖ ଶୁଖିଲା ପଡିଛି । ଏଥିପାଇଁ ୭୦୦ ମିଟର ଦୂରରୁ ଏକ ୧୫୦ ମିଟରର ନାଳି ଖୋଳା ଯାଇ ପମ୍ପ ହାଉସ ନିକଟକୁ ପାଣି ଅଣା ଯାଉଥିଲା । ଏହି ନାଳି ଏବେ ଶୁଖିଲା ଅବସ୍ଥାକୁ ଆସିଗଲାଣି । ଏପରିସ୍ଥିତି ରହିଲେ ଆସନ୍ତା ୧୫ ଦିନ ମଧ୍ୟରେ ସହରକୁ ଜଳ ଯୋଗାଣ ବନ୍ଦ ହୋଇଯିବ । ବୁଦ୍ଧିଜୀବୀ ସନ୍ତୋଷ କୁମାର ପଣ୍ଡା କହିଛନ୍ତି, ପଡାଗୟାସପୁର, ଗୟାସପୁର, ଥାଉରୀ, ଚଢ଼େଇଗୁଆଁ, ରାଜଗଡ, ଅଙ୍ଗୁଳାଇ ଆଦି ସ୍ଥାନରେ ଲୁଣାନଦୀର ଚେକ୍‌ଡ୍ୟାମ ହୋଇଛି। ପାନୀୟ ଜଳ ଯୋଗାଣ ସହ ଚାଷ କାର୍ଯ୍ୟ ପାଇଁ ଜଳ ଯୋଗାଣ ହେବା କଥା । ତେବେ ଖରା ଆରମ୍ଭରୁ ଲୁଣା ନଦୀ ଜଳସ୍ତର ହ୍ରାସ ପାଇଥିବାରୁ ପ୍ରାୟ ୧୦ ହଜାର ହେକ୍ଟର ଜମି ପଡ଼ିଆ ପଡିବ ବୋଲି ଆକଳନ କରାଯାଉଛି। ଏସମ୍ପର୍କରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ କୁହନ୍ତି, ଲୁଣା ନଦୀ କେନ୍ଦ୍ରାପଡ଼ା ମଧ୍ୟ ଦେଇ ପ୍ରବାହିତ ହେଉଛି । ନଦୀର ଲମ୍ବ ୭୩ କି.ମି. ହୋଇଥିବା ବେଳେ ବ୍ରିଟିଶ ଶାସନ ସମୟରେ ଏହି ବାଟ ଦେଇ ନୌବାଣିଜ୍ୟ ହେଉଥିଲା । ତେବେ ଏହାର ରକ୍ଷଣାବେକ୍ଷଣ ଅଭାବ, ବେଆଇନ ବାଲି ଓ ମାଟି ଉଠାଣ, ଜବରଦଖଲ ହେତୁ ଏବେ ନଦୀର ଗତିପଥ ପରିବର୍ତ୍ତନ ହୋଇଛି ।



କଳପଡ଼ାଠାରେ ଲୁଣାନଦୀ ଶୁଖିଲା ପଡ଼ିଛି।

ଏହି ଜିଲାର ଅଧିବାସୀ ଚାଷ ଉପରେ ନିର୍ଭରଶୀଳ ହୋଇଥିବା ବେଳେ ୧୫,୮୫୦ ହେକ୍ଟର ଚାଷ ଜମିରେ ଉଦ୍‌ବୃତ ଜଳର ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ । ସେହିପରି ଜିଲାର ୩୨,୩୫୦ ହେକ୍ଟର ଚାଷ ଜମି ଲୁଣା । ଏଥିସହ ବର୍ଷାଦିନେ ୩୪,୯୫୨ ହେକ୍ଟର ଜମିରେ ବନ୍ୟା ଜଳ ମାଡିଯାଉଛି । ଜିଲାର ୮୪,୯୧୦ ହେକ୍ଟର ଜମିକୁ ମରୁଡ଼ି ଅଞ୍ଚଳ ଘୋଷଣା କରାଯାଇଛି। ନଦୀ ଓ ମୁଖ୍ୟ କେନାଲଗୁଡିକର ଜଳ ପରିଚାଳନା ପାଇଁ ଜିଲା ପରିଷଦରେ ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ମିଳିଲା ନାହିଁ । ସାମାଜିକ କର୍ମୀ ପ୍ରତାପ କୁମାର ତ୍ରିପାଠୀ କହିଛନ୍ତି, ଲୁଣା ନଦୀର ଜଳସେଚନ ଫଳରେ ଜିଲାରେ ଧାନ ସହ ରବି ଫସଲ ଓ ନଳିତା, ବାଦାମ, ଆଖୁ ପରି ଅର୍ଥକାରୀ ଫସଲ, ପନିପରିବା ଚାଷ ହେଉଥିଲା । ତେବେ ଗତ କିଛି ବର୍ଷ ଧରି ଏହି ନଦୀର ଜଳସ୍ତର କମିବାରେ ଲାଗିଛି। ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାରଙ୍କ ବନ୍ଧ ନିର୍ମାଣ ଫଳରେ ଏପରି ସ୍ଥିତି ଉପୁଜିଛି । କୃଷକ ନେତା ବିଧୁଭୂଷଣ ମହାପାତ୍ର କହିଛନ୍ତି, ଜିଲାରେ ୭ ନଦୀ ପ୍ରବାହିତ ହେଉଛି । ଏହି ନଦୀଗୁଡିକୁ ସଂଯୋଗୀକରଣ କରାଯାଇ ବିଭିନ୍ନ ସ୍ଥାନରେ ବ୍ୟାରେଜ ନିର୍ମାଣ କରାଗଲେ ଜିଲାର ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ହୋଇପାରନ୍ତା । ଏନେଇ ପ୍ରଶାସକ ଓ ସ୍ଥାନୀୟ ରାଜନେତା କୌଣସି ପଦକ୍ଷେପ ନେଉନାହାନ୍ତି। ଆଗାମୀ ଦିନରେ ଚାଷ ସହ ପାନୀୟ ଜଳ ଜିଲା ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରି ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ.ଉମେଶ ଚନ୍ଦ୍ର ସେଠୀ କହିଛନ୍ତି, ଲୁଣା ନଦୀର ଉନ୍ନତିକରଣ ପାଇଁ ବିଭିନ୍ନ ଯୋଜନା ଚାଲୁ ରହିଛି । ଏହାକୁ ତ୍ୱରାନ୍ୱିତ ପାଇଁ ଆର୍ଥିକ ଅନୁଦାନ ଆସିଛି। ଖୁବଶୀଘ୍ର ଜିଲାବାସୀ ଏହାର ସୁଫଳ ପାଇବେ ବୋଲି ସେ ମତ ଦେଇଛନ୍ତି।

## ଡେରାବିଶର ଓଲଢ଼ି, ମନ୍ତ୍ରୀପଡ଼ା ମେଳଣ ଶେଷ

**ଡେରାବିଶ, ୨୧।୩ (ବେବର୍ତ୍ତା ଅଜୟ ଦାସ)**

ଫଗୁ ଦଶମୀ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ଦୋଳ ପର୍ବ ଆରମ୍ଭ ହୋଇଛି। ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସୁସଜ୍ଜିତ ବିମାନରେ ଶୋଭାପାଉଥିବା ବେଳେ ବିଭିନ୍ନ ସ୍ଥାନରେ ମେଳଣମାନ ଅନୁଷ୍ଠିତ ହେଉଛି। ଡେରାବିଶ ବ୍ଲକ୍ ଅଧୀନ ଓଲଢ଼ି ମା' ନାରାୟଣୀଙ୍କ ପୀଠରେ ଗୁରୁବାର ଦୋଳମେଳଣ ଉଦ୍‌ଯାପିତ ହୋଇଛି। ବୁଧବାର ରାତିରୁ ଆରମ୍ଭ ହୋଇଥିବା ଏହି ମେଳଣ ଗୁରୁବାର ସକାଳ ୮ଟାରେ ଉଦ୍‌ଯାପିତ ହୋଇଥିଲା।

ପ୍ରାଚୀନ ପରମ୍ପରା ଅନୁଯାୟୀ ଏହି ଗ୍ରାମର ଗୋସେଇଁ ମଠ ବିମାନ ମେଳଣର ଥାନପତି ହୋଇଥିବାରୁ ପ୍ରଥମେ ପଡ଼ିଆରେ ଉପବେଶନ କରିଥିଲେ। ପରେ ବିଭିନ୍ନ ପଟୁଆରରେ ଓଲଢ଼ି ମଠ, ଫକୀରାବାଦ, ମନ୍ତ୍ରୀପଡ଼ା ମଠ, ସନ୍ଥପୁରା ମଠ ଓ ତରଜଙ୍ଗାରୁ ଆସୁଥିବା ୧୦ରୁ ଊର୍ଦ୍ଧ୍ୱ ବିମାନପଡ଼ିଆ ମଧ୍ୟକୁ ପ୍ରବେଶ କରିଥିଲେ। ଘଣ୍ଟ ଓ ସଂକୀର୍ତ୍ତନ ସାଙ୍ଗକୁ ଆତସବାଜିର ମଜା ନେଇଥିଲେ ଉପସ୍ଥିତ ଥିବା ଶ୍ରଦ୍ଧାଳୁ। ସେହିପରି କୁରୁଜଙ୍ଗା ପଞ୍ଚାୟତର ମନ୍ତ୍ରୀପଡ଼ାଠାରେ ଗୁରୁବାର ଅନୁଷ୍ଠିତ ହୋଇଥିବା ମେଳଣରେ ୧୫ରୁ ଊର୍ଦ୍ଧ୍ୱ ବିମାନ ଯୋଗ ଦେଇଥିଲେ। ମନ୍ତ୍ରୀପଡ଼ା ଗ୍ରାମର ଶ୍ରୀଗୋପୀନାଥ ଜୀଉ ଏହି ମେଳଣ ଥାନପତି ହୋଇଥିବା ବେଳେ ମେଳଣ ପଡ଼ିଆକୁ ବାଲିପାଟଣାର ଶ୍ରୀ ଲଛମନଜୀଉ, ଠାକୁରହାଟ ମଠ ବିମାନ, ସନ୍ଥପୁରା ମଠ, ଓଲଢ଼ି ମଠ, ନିକିରାଇ ମଠ ଓ ବାଲିଆପଦା ବିମାନ ସମେତ ଅନ୍ୟ ବିମାନଗୁଡ଼ିକ ଏକ ବିରାଟ ପଟୁଆର ମଧ୍ୟରେ ଦିନ ୧୦ଟା ସମୟରେ ମେଳଣ ପଡ଼ିଆ ଭିତରେ ପ୍ରବେଶ କରିଥିଲେ। ବହୁ ପୁରାତନ ଏହି ମେଳଣରେ ଆଖପାଖ ଅଞ୍ଚଳର ବହୁ ଲୋକଙ୍କ ସମାଗମ ହୋଇଥିଲା।



ମେଳଣ ପଡ଼ିଆକୁ ଆସିଥିବା ଦୋଳ ବିମାନ।

## ଗୃହାସନ ପ୍ରତିଷ୍ଠାର ବାର୍ଷିକ ଉତ୍ସବ

**ଡେରାବିଶ, ୨୧।୩ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଶ୍ରୀଧରପୁର ଗ୍ରାମରେ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ଗୃହାସନ ପ୍ରତିଷ୍ଠାର ବାର୍ଷିକ ଉତ୍ସବ ଅବସରରେ ସାରସ୍ୱତ ସଂଘ ଆନୁକୂଲ୍ୟରେ ଏକ ସଂଘାଧିବେଶନ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର କିଶୋର ଚନ୍ଦ୍ର ମହାନ୍ତିଙ୍କ ବାସଭବନରେ ଆୟୋଜିତ ସଂଘାଧିବେଶନରେ ସଂଘ ସଭାପତି ଡାକ୍ତର ନୃସିଂହ ଚରଣ ମହାନ୍ତି ପୌରୋହିତ୍ୟ କରିଥିଲେ । ଫଗୁଦଶମୀ ତିଥିରେ ଆୟୋଜିତ ଏହି ଉତ୍ସବର ପୂର୍ବ ସନ୍ଧ୍ୟାରେ ନିଗମନଗର ସଂଘ ମନ୍ଦିରରୁ ଠାକୁର ନିଗମାନନ୍ଦ ଦେବଙ୍କୁ ସଂକୀର୍ତ୍ତନ କରାଯାଇ ଅଧିବେଶନ ସ୍ଥଳକୁ ନିଆଯାଇଥିଲା। ଦଶମୀ ତିଥିର ବ୍ରାହ୍ମମୁହୂର୍ତ୍ତରୁ ପ୍ରଭାତି କୀର୍ତ୍ତନ, ପ୍ରତୀକ୍ଷାଗାନ କରାଯାଇ ଠାକୁରଙ୍କୁ ସୁସଜ୍ଜିତ ମଣ୍ଡପରେ ଅବସ୍ଥାନ ପୂର୍ବକ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଆରତୀ, ସ୍ତୋତ୍ର ବନ୍ଦନା, ଶ୍ରୀଗୁରୁଗୀତା, ଭଗବତ ଗୀତା ଆଦି ପାଠ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ସଦଗ୍ରନ୍ଥ ପାଠ ସହିତ ଉପସ୍ଥିତ ସଂଘର ଶ୍ରଦ୍ଧାଳୁମାନେ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ । ସନ୍ଧ୍ୟା ପୂଜା ଆରତୀ ପରେ ଠାକୁରଙ୍କୁ ନିଗମନଗରସ୍ଥିତ ମନ୍ଦିରକୁ ଅଣାଯାଇଥିଲା । ଏହି ଉତ୍ସବରେ ପଣ୍ଡିତ ଶ୍ରୀକାନ୍ତ କୁମାର ପଣ୍ଡା, ରାଜେନ୍ଦ୍ର ସିଂ, ଦାଶରଥୀ ଷଣ୍ଢ, ରଘୁନାଥ ଦାସଙ୍କ ସମେତ ବିଭିନ୍ନ ସଂଘ ଶାଖାରୁ ଅନେକ ସଂଘ ସେବୀ ଯୋଗଦେଇଥିଲେ। ରମେଶ ଚନ୍ଦ୍ର ମହାନ୍ତି, ସୁଧିର ରଞ୍ଜନ ମହାନ୍ତି, ଦେବେନ୍ଦ୍ର ଦାସ, ଅଭିମନ୍ୟୁ ବେହେରା, ବ୍ରଜବନ୍ଧୁ ଦାସ, ହୃଷିକେଶ ସାହୁ, ଦିଲୀପ ମହାନ୍ତି, ରଞ୍ଜନ ବେହେରା, ଦିବ୍ୟଜ୍ୟୋତି ମହାନ୍ତି, ସୁବୁଦ୍ଧି ମହାନ୍ତି, ରାଜେନ୍ଦ୍ର ଦାସ, ଦିବ୍ୟଜ୍ୟୋତି ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ତଥା କେନ୍ଦ୍ରାପଡ଼ା ଜିଲା ସଦସ୍ୟ ସ୍ମାରକ ମହାନ୍ତି ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଗୃହାସନ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବା ଶ୍ରଦ୍ଧାଳୁ।

## ଭିତରକନିକାରେ ଜିଲାସ୍ତରୀୟ ବିଶ୍ୱ ବନ ଦିବସ



ବିଶ୍ୱ ବନ ଦିବସ ଅବସରରେ ବନ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ରାଜନଗର, ୨୧।୩ (ଭାସ୍କର ରାଉତରାୟ)**

ଜଳବାୟୁ ପରିବର୍ତ୍ତନ ଏବେ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ବ୍ୟାପକ ଜଙ୍ଗଲ କ୍ଷୟ ସାଙ୍ଗକୁ ପରିବେଶ ନଷ୍ଟ ଯୋଗୁ ଜୈବ ବିବିଧତା ଲୋପ ପାଇବାକୁ ବସିଛି। ଜଳବାୟୁରେ ଅନିୟମିତତା ଏଡାଇବାକୁ ଏବେଠାରୁ ବ୍ୟାପକ ଚାରା ରୋପଣ ସହ ଜଙ୍ଗଲ ସୃଷ୍ଟି ପାଇଁ ସମସ୍ତେ ଶପଥ ନେବାକୁ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି ।

ଗୁରୁବାର ରାଜନଗର ବନଖଣ୍ଡ ଡିଭିଜନ ପକ୍ଷରୁ ଜିଲାସ୍ତରୀୟ ବିଶ୍ୱ ବନଦିବସ-୨୦୨୪ କନିକା ରେଞ୍ଜର ଡାଙ୍ଗମାଳଠାରେ ଅନୁଷ୍ଠିତ ହୋଇଯାଇଛି। ଗବେଷକ ପ୍ରସନ୍ନ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ମୁଖ୍ୟଅତିଥି, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ଅତିରିକ୍ତ ବନସଂରକ୍ଷକ ପୁନମ ହୀରା ହାଁସଦା, ନାଗାନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନସ କୁମାର ମିଶ୍ର, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବିରଜା ପ୍ରସାଦ ପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ବ୍ୟାପକ ଚାରା ରୋପଣ ସହିତ ପରିବେଶ ଓ ଜଙ୍ଗଲର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ଓ ବ୍ୟାପକ ଚାରା ରୋପଣ ପାଇଁ ସବ୍‌ଡିଭିଜିନାଲସ୍ତରରେ କୁଜଙ୍ଗ ବ୍ଲକ ସମାଗଳସ୍ଥିତ ବିଜୟଚାନ୍ଦ ସଂସ୍କୃତ ମହାବିଦ୍ୟାଳୟକୁ ମାନପତ୍ର ସହିତ ୨୦ହଜାର ଟଙ୍କା, ଚାରା ରୋପଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହାକାଳପଡ଼ା ବ୍ଲକ ସୁନତି ପଞ୍ଚାୟତର ସରପଞ୍ଚ ଭଗବତୀ ମଣ୍ଡଳଙ୍କୁ ମାନପତ୍ର ସହିତ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହିତ ଭିତରକନିକା ଓ ଗହୀରମଥାରେ ଜଙ୍ଗଲ ସୁରକ୍ଷା ଓ ବନ୍ୟଜନ୍ତୁଙ୍କ ସୁରକ୍ଷାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବନକର୍ମଚାରୀ ଯଶୋବନ୍ତ ବେହେରା, ସେକ୍ ରଫିକ୍, ବିଭୂତି ତରାଇ, ଅଲେଖ ପରିଡା, ଅଞ୍ଜନ ମହାନ୍ତି, ନିତାଇ ମଣ୍ଡଳ, ପ୍ରମୋଦ ରାଉତ, ଭାନୁ ଚରଣ ଜାନ୍ନା, ସାଗର ମଲିକ, ଜଗବନ୍ଧୁ ମଣ୍ଡଳ, ରଞ୍ଜିତ କୁମାର ସ୍ୱାଇଁ, ସୁକୁମାର ଦିଣ୍ଡା, ସୁପଦ ମିସ୍ତ୍ରୀ, ସୋମନାଥ ମଣ୍ଡଳ, ଗଗନ ମଲିକ, ପ୍ରଦୀପ ଦାସ, ଝାଡେଶ୍ୱର ଜାନାଙ୍କୁ ମାନପତ୍ର ସହିତ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ପରିବେଶ ସୁରକ୍ଷା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ହାଇସ୍କୁଲର ଛାତ୍ରୀଛାତ୍ରମାନେ ଖୋଲାସ୍ଥିତ ବନବିଭାଗ ଚେକ୍ ଗେଟ ନିକଟରୁ ସାଇକେଲ ଶୋଭାଯାତ୍ରାରେ ଯାଇ ଡାଙ୍ଗମାଳସ୍ଥିତ କନିକା ରେଞ୍ଜ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ।

## ଆଇନଜୀବୀଙ୍କ ଘରୁ ଚୋରି, ଆକ୍ରମଣ ଘଟଣାରେ ପୋଲିସ ଚୁପ୍

**ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଓକିଲ ସଂଘର ଦାବି**

**ପଟ୍ଟାମୁଣ୍ଡାଇ, ୨୧।୩ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବଡ଼ମୂଳବସନ୍ତ ପଞ୍ଚାୟତ ପୋହଳ ଛକ ନିକଟସ୍ଥ ବଡ଼ମୂଳବସନ୍ତ ଗ୍ରାମର ସରକାରୀ ଓକିଲ ଭୀମସେନ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଘରେ ଶୋଇଥିବା ବେଳେ ଗତ ୧୬ ତାରିଖ ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଗ୍ରୀଲ କାଟି ଘରେ ପ୍ରବେଶ କରି ତାଙ୍କୁ ମିଳିତ ଭାବେ ଏକ ଛୁରିରେ ଆକ୍ରମଣ କରିବା ସହିତ ସୁନାଗହଣା ଓ ନଗଦ ଟଙ୍କା ଲୁଟି ନେଇଥିଲେ । ଗୁରୁତର ଅବସ୍ଥାରେ ଭୀମସେନଙ୍କୁ ପଟ୍ଟାମୁଣ୍ଡାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେ ଏବେ ଚିକିତ୍ସାଧୀନ ଅଛନ୍ତି। ଖବର ପାଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ରଞ୍ଜିତ ମହାନ୍ତି ପୋଲିସ ବାହିନୀ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ହେଲେ ଆଜି ପର୍ଯ୍ୟନ୍ତ ପୋଲିସ ଅପରାଧିମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇନାହିଁ । ତଦନ୍ତରେ ପୋଲିସ ଗୁରୁତ୍ୱ ଦେଉ ନ ଥିବା ପରିଲକ୍ଷିତ ହେଉଛି। ପୋଲିସର ଏଭଳି ନିଷ୍କ୍ରିୟତା ଏବଂ ଅପାରଗତାକୁ ନେଇ ଓକିଲ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି । ଆଇନଜୀବୀ କ୍ଷୀରୋଦ ପ୍ରଧାନ, ପ୍ରଦ୍ୟୁମ୍ନ ସାମନ୍ତରାୟ, ସୌମ୍ୟ ରଞ୍ଜନ ଧଳ, ପ୍ରମୋଦ କୁମାର ସାହୁ, ବିଜୟ ରାଉତ, ତପନ ନନ୍ଦୀ, ତପନ ମିଶ୍ର, ରାମକୃଷ୍ଣ ଦାଶ, ସୁଶୀଲ କୁମାର ଦାସ, ଭବାନୀ ଶଙ୍କର ପଣ୍ଡା, ବିଦ୍ୟାଧର ଦାସ, ଶରତ ମଲିକ, ପୀତାମ୍ବର ପଣ୍ଡା, ଦେବବ୍ରତ ସ୍ୱାଇଁ, ହରେକୃଷ୍ଣ ନାୟକ, ନାରାୟଣ ସାହୁ, ଜାନକୀ ବଲ୍ଲଭ ବିଶ୍ୱାଳ, ସୁମନ୍ତ ମଲିକଙ୍କ ସମତେ ବରିଷ୍ଠ ଅଇନଜୀବୀ ଯୁଧିଷ୍ଠିର ପଣ୍ଡା ଅଭିଯୁକ୍ତମାନଙ୍କୁ ପୋଲିସ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି ।

## ଗ୍ରାମ୍ୟରାସ୍ତା ଶୋଚନୀୟ, ମରାମତି ଦାବି

**ରାଜକନିକା, ୨୧।୩ (ସଞ୍ଜୟ କୁମାର ଦାଶ)**

ରାଜକନିକା ବ୍ଲକ ବଳରାମପୁର ପଞ୍ଚାୟତ ଦେଓଗାଁ ରାସ୍ତା ମରଣଯନ୍ତା ପାଲଟିଛି। ଯାତାୟାତରେ ନାହିଁ ନ ଥିବା ଅବସ୍ଥା ଭୋଗୁଛନ୍ତି ଗ୍ରାମବାସୀ । ୪ଟି ୱାର୍ଡ ବିଶିଷ୍ଟ ଦେଓଗାଁର ଲୋକସଂଖ୍ୟା ୯ଶହରୁ ଅଧିକ। ଗାଁକୁ ଯାତାୟତ ପାଇଁ ଏହି ମୁଖ୍ୟରାସ୍ତା ଏକମାତ୍ର ଭରସା । କିଛି ବର୍ଷ ପୂର୍ବେ ଏହି ରାସ୍ତା ନିର୍ମାଣ ହୋଇଥିଲା, ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହୋଇଥିବା ଯୋଗୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଉକ୍ତ ରାସ୍ତାର ମରାମତି ପାଇଁ ଅନେକଥର ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନ ଓ ଜନପ୍ରତିନିଧିଙ୍କ ପାଖରେ ଅଭିଯୋଗ କଲାପରେ ମଧ କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ନାରାୟଣ ମଲିକ, ସୁଧାଂଶୁ ନାୟକ, ପ୍ରୀତିରଞ୍ଜନ ନାୟକ, ସଚ୍ଚିଦାନନ୍ଦ ଦାସ, ବିଭୂତି ମଲିକ, ବସନ୍ତ ସାହୁ, ପ୍ରକାଶ ସାହୁ, ରାଜେଶ ମହାରଣା, ଶିବାନନ୍ଦ ମଲିକ, ଅମର ସାହୁ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

# ନିଶା କବଳରେ ଯୁବଗୋଷ୍ଠୀ, ବଢୁଛି ଅପରାଧ

**ପଟ୍ଟାମୁଣ୍ଡାଇ, ୨୧।୩ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦିନକୁ ଦିନ ନିଶା କାରବାର ବଢ଼ି ଚାଲିଛି । ନିଶାସେବନକାରୀଙ୍କ ସଂଖ୍ୟା ବି ବଢ଼ିଛି । ହାତ ପାହାନ୍ତାରେ ନିଶାଦ୍ରବ୍ୟ ସହଜରେ ମିଳିଯାଉଥିବାରୁ ମାରାତ୍ମକ ନିଶା କବଳରେ ପଡିଲେଣି ଆଜିର ଯୁବପିଢ଼ି । ଅଧିକାଂଶ ଯୁବଗୋଷ୍ଠୀ ମଦ, ଗଞ୍ଜେଇ, କଫ୍ ସିରପ, ନିଶା ବଟିକା ଓ ବ୍ରାଉନ ସୁଗାର କାରବାରଠାରୁ ଆରମ୍ଭ କରି ବିଭିନ୍ନ ବେଆଇନ କାର୍ଯ୍ୟରେ ନିଜକୁ ଲିପ୍ତ ରଖୁଛନ୍ତି। ନିଶା ଉପରେ ନିୟନ୍ତ୍ରଣ ନ ଥିବାରୁ ସ୍ଥିତି ବିଗିଡ଼ିବାକୁ ଲାଗିଲାଣି। ସନ୍ଧ୍ୟା ହେଲେ ବିଭିନ୍ନ ଛକରେ ନିଶାଖୋରଙ୍କ ଆଡ୍ଡାସ୍ଥଳୀ ପାଲଟିଥିବାବେଳେ ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନର ନିଷ୍କ୍ରିୟତା ପାଇଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ବୁଦ୍ଧିଜୀବୀ ପ୍ରବୀର ନାୟକ କୁହନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ବିଦେଶୀ ମଦ ଦୋକାନଗୁଡିକ ଗ୍ରାମାଞ୍ଚଳର ବହୁ ମଦ ବ୍ୟବସାୟୀଙ୍କୁ ବିଦେଶୀ ମଦ ଯୋଗାଇଦେଉଛନ୍ତି। ସକାଳ ୧୦ଟା ପରେ ସ୍ୱୀକୃତି ପ୍ରାପ୍ତ ମଦ ଦୋକାନ ଖୋଲିବାର ନିୟମ ଥିବାବେଳେ ଏଠାରେ ଥିବା ବିଦେଶୀ ମଦ ଦୋକାନଗୁଡିକ ଭୋର ସମୟରେ ଗ୍ରାମାଞ୍ଚଳର ଏହି ନିଶା ବ୍ୟବସାୟୀମାନଙ୍କୁ ନିଜ କାଉଣ୍ଟରକୁ ଡକାଇ ମଦ ବିକ୍ରି କରୁଛନ୍ତି । ଏପରିକି କେତେକ ବିଦେଶୀ ମଦ କାଉଣ୍ଟରରେ ନକଲି ମଦ ମଧ୍ୟ ବିକ୍ରି କରୁଥିବା ଅଭିଯୋଗ ହେଉଛି। ନିଶା କାରବାର ହଟାଇବା ସହ ନିଶାମୁକ୍ତ ଓଡ଼ିଶା ଗଢ଼ି ତୋଳିବାକୁ କେବଳ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ବିଶ୍ୱ ତମାଖୁ ବର୍ଜନ ଓ ନିଶା ନିବାରଣ ଦିବସ ଆସିଲେ ସଭା ସମିତି ରାଲି ଆଦି ଗୋଟିଏ ଦିନ ପାଳନ କରାଯାଇଥାଏ। ହେଲେ ପରେ ସବୁ ବନ୍ଦ ହୋଇଯିବା ସହ ପୂର୍ବ ଭଳି ନିଶା କାରବାର ଜାରି ରହୁଛି।

ସାମାଜିକ କର୍ମୀ ପ୍ରଫୁଲ୍ଲ ଦାଶ କୁହନ୍ତି, ଯୁବଗୋଷ୍ଠୀ ବିପଥଗାମୀ ହେବା ପାଇଁ ଅନେକ ରାସ୍ତା ମଧ୍ୟରୁ ନିଶା ସେବନ ଏକ ମୁଖ୍ୟ ମାରାତ୍ମକ ରାସ୍ତା। ଆଜିର ବହୁ ଯୁବଗୋଷ୍ଠୀ ନିଶାସକ୍ତ ହୋଇ ଉଚିତ୍ ପଥ ଭୁଲି ମନ୍ଦ ଓ ଅସାମାଜିକ ପଥରେ ଗତି କରୁଛନ୍ତି । କେବଳ ଅଶିକ୍ଷିତ ଯୁବଗୋଷ୍ଠୀ ନୁହନ୍ତି ଆଜିର ଅଧିକାଂଶ ଶିକ୍ଷିତ ଯୁବତୀ ଯୁବକ ଏହି କ୍ଷତିକାରକ ନିଶାଦ୍ରବ୍ୟ ପ୍ରତି ଘୋର ଆସକ୍ତ। ନିଶାଗ୍ରସ୍ତ ହୋଇ ଯୁବଗୋଷ୍ଠୀ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅର୍ଥ ପାଇଁ ମାତାପିତାଙ୍କ ଉପରେ ନିର୍ଭର କରୁଥିବା ଛାତ୍ରୀଛାତ୍ର ଏଥିରୁ ବାଦ୍ ପଡୁନାହାନ୍ତି। ନିଶା ଖର୍ଚ୍ଚ ମେଣ୍ଟାଇବା ପାଇଁ କେତେକ ଘୃଣ୍ୟ ବୃତ୍ତି ଆଦରି ନେଉଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ଲୁଣ୍ଠନ ଓ ନରହତ୍ୟା ଭଳି ଜଘନ୍ୟ କାଣ୍ଡ କରିବାକୁ ପଶ୍ଚାତ୍‌ପଦ ହେଉନାହାନ୍ତି । ଶିକ୍ଷିତ ଯୁବକ ନିଶାପାନ କରି ହିତାହିତ ଜ୍ଞାନ ହରାଇ ବର୍ବର ପାଲଟି ଯାଉଛନ୍ତି ।




ପଟ୍ଟାମୁଣ୍ଡାଇ ଅବକାରୀ ଥାନା ବନ୍ଦ ରହିଛି।

ପ୍ରମୋଦ ସାହୁ କୁହନ୍ତି, ଗତ ବର୍ଷ ରାଜ୍ୟର ୧୨-୧୯ ବର୍ଷ ବୟସ୍କ ୯୮୦ ଜଣ କିଶୋରୀ ଓ ୮୭୮ ଜଣ କିଶୋରଙ୍କୁ ନେଇ ଏକ ସର୍ଭେ କରାଯାଇଥିଲା। ନିଶା ସେବନରେ ୪୫.୬ ପ୍ରତିଶତ କିଶୋରୀ/କିଶୋର ନିଶା ସେବନ କରୁଥିବା ବେଳେ ୫୪.୪ ପ୍ରତିଶତ କିଶୋରୀ/କିଶୋର କୌଣସି ତମାଖୁ ସେବନ କରୁନାହାନ୍ତି। ସେମାନଙ୍କ ମଧ୍ୟରୁ ୧୩ ପ୍ରତିଶତ କିଶୋର ସିଗାରେଟ୍, ବିଡ଼ି ଓ ଗଞ୍ଜେଇ ଭଳି ଧୂଆଁ ଜାତୀୟ ତମାଖୁ ସେବନ କରୁଥିବା ବେଳେ ଉଭୟ କିଶୋରୀ କିଶୋରଙ୍କ କ୍ଷେତ୍ରରେ ଏହି ସଂଖ୍ୟା ୭ ପ୍ରତିଶତ ରହିଥିଲା। ସେହିପରି ୪୨ ପ୍ରତିଶତ କିଶୋରୀ କଶୋର ଧୂଆଁ ବିହୀନ ତମାଖୁ ସେବନ କରୁଥିବାବେଳେ ୧୭ ପ୍ରତିଶତ ଖଇନି ସେବନ କରୁଥିଲେ। ଗୁଟଖା ଖାଉଥିବା କିଶୋରଙ୍କ ସଂଖ୍ୟା ସବୁଠୁ ଅଧିକ ରହିଥିଲା।

ବିଜୟ ଦାସ କୁହନ୍ତି, ଯୁବ ସମାଜ ହେଉଛି ରାଷ୍ଟ୍ରର ମେରୁଦଣ୍ଡ। କୃଷି, ଶିଳ୍ପ, ପ୍ରତିରକ୍ଷା, ଗବେଷଣା ଆଦି ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କ ଅବଦାନ ରହିଲେ ଯେକୌଣସି ରାଷ୍ଟ୍ର ବିକାଶ କ୍ଷେତ୍ରରେ ଅଗ୍ରଗତି କରିବା ଅବଶ୍ୟମ୍ଭାବୀ। ଯେକୌଣସି ରାଷ୍ଟ୍ରର ସ୍ୱାଧୀନତା ଆନ୍ଦୋଳନ କିମ୍ବା ନ୍ୟାୟ ପାଇଁ ଗଣଆନ୍ଦୋଳନରେ ସେମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାଆନ୍ତି । ରୁଷିଆ, ଆମେରିକା, ଲଣ୍ଡନ ପରି ବୃହତ୍ ରାଷ୍ଟ୍ରରେ ଯୁବଗୋଷ୍ଠୀର ଭୂମିକା ଅତୁଳନୀୟ। କେବଳ ରାଷ୍ଟ୍ର ନୁହେଁ, ସମାଜ ଓ ପରିବାରର ଯୁବକ ହେଉଛି ସାହାଭରସା। ମାତ୍ର ଆମ ରାଜ୍ୟରେ ରାଜସ୍ୱ ଆଦାୟ ପାଇଁ ଗଳିକନ୍ଦିରେ ମଦ ଭାଟି ଖୋଲି ମଦର ବହୁଳ ପ୍ରସାର କରାଯାଉଥିବାରୁ ଯୁବଗୋଷ୍ଠୀ ପ୍ରଥଭଷ୍ଟ ହେଉଛନ୍ତି । ଯଦି ବେଳ ଥାଉ ଥାଉ ସତର୍କ ନ ହେବେ ଆଗକୁ ପରିସ୍ଥିତି ଜଟିଳ ହୋଇଯିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି । ପଟ୍ଟାମୁଣ୍ଡାଇ ଅବକାରୀ କାର୍ଯ୍ୟାଳୟ ସଦାବେଳେ ବନ୍ଦ ରହୁଥିବାରୁ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିନାହିଁ। ତେବେ ଜିଲା ଅବକାରୀ ବିଭାଗ ଅଧୀକ୍ଷକ ଦେବୀ ମିଶ୍ରଙ୍କୁ ଏ ସଂକ୍ରାନ୍ତରେ ମତାମତ ପାଇଁ ଏକାଧିକ ଥର ଫୋନ କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିଲେ ।

## ସଂକ୍ଷେପରେ

### ରାମଚରିତ ମାନସ ନବାହ୍ନ ପାରାୟଣ

ଖଣ୍ଡପଡ଼ା,୨୧।୩ (ଅଜୟ କୁମାର ମହାରଣା)

ବିଶ୍ୱର କଲ୍ୟାଣ ଆଧ୍ୟାତ୍ମିକ ଚେତନାର ବିକାଶ ପାଇଁ ୯ଦିନ ବ୍ୟାପୀ ୩୯ତମ ବାର୍ଷିକ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମର ଗୁରୁବାର ସନ୍ଧ୍ୟାରେ ଦଶରଥଙ୍କ ସ୍ୱର୍ଗବାସ, ଭରତଙ୍କ ଚିତ୍ରକୂଟ ଗମନ ପ୍ରସଙ୍ଗ ଉପରେ ପ୍ରବଚନ ପ୍ରଦାନ କରାଯାଇଥିଲା । ଖଣ୍ଡପଡା ହନୁମାନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଖଣ୍ଡପଡା ପଶ୍ଚିମ ମୁଖା ମହାବୀର ପୀଠ(ମୁକ୍ତିତୀର୍ଥ)ରେ ଅନୁଷ୍ଠିତ ହେଉଥିବା ୫ଦିନର ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ସମାଗମ ହୋଇଥିଲା । କାର୍ଯ୍ୟକ୍ରମକୁ ହନୁମାନ ମନ୍ଦିର ପରିଚାଳନା କମିଟିର ସଭାପତି କାଶୀନାଥ ଦାସ, ସମ୍ପାଦକ ବିଜୟ କୁମାର ରାଉତଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ ।

### ପାନଦୋକାନରୁ ଚୋରି ଅଭିଯୋଗରେ ୩ ଅଟକ

ଖଣ୍ଡପଡ଼ା,୨୨।୩ (ଅଜୟ କୁମାର ମହାରଣା)

ବୁଧବାର ବିଳମ୍ବିତ ରାତିରେ ଖଣ୍ଡପଡା ସହରାଞ୍ଚଳ ଉମାଦେବୀ ଛକରେ ଏକ ପାନ ଦୋକାନ ଦେଇଥିବା ବିଦ୍ୟାଧର ଡ଼ାକୁଆଙ୍କ ଦୋକାନରୁ କେତେଜଣ ଯୁବକ ଲୁଟପାଟ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ପୋଲିସ ନିକଟସ୍ଥ କଇଁଥପଲ୍ଲୀ ଗ୍ରାମର ୩ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରୁଥିବା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ କହିଛନ୍ତି । ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ନୂତନ ବସଷ୍ଟାଣ୍ଡ ନିକଟରେ ଥିବା ବିଦ୍ୟାଧରଙ୍କ ପାନ ଦୋକାନରେ ୩ଜଣ ଲୁଟେରା ଦୋକାନ ତାଲା ଭାଙ୍ଗି ନଗଦ ୪ ହଜାର ଟଙ୍କା ସହ ୨୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ମୂଲ୍ୟବାନ ସାମଗ୍ରୀ ଲୁଟି ନେଇ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲେ । ବିଦ୍ୟାଧର ପରିସ୍ରା କରିବାକୁ ଘର ବାହାରକୁ ଆସିଥିବା ବେଳେ ଶବ୍ଦ ଶୁଣି ଦୋକାନ ନିକଟକୁ ଯିବା ସମୟରେ ଲୁଟେରାମାନେ ସେଠାରୁ ଚମ୍ପଟ ମାରିଥିଲେ । ବିଦ୍ୟାଧର କେତେଜଣ ସ୍ଥାନୀୟ ବାସିନ୍ଦାଙ୍କ ସହ ସେମାନଙ୍କ ପିଛା କରି ଧରିଥିଲେ । ପରେ ସେମାନଙ୍କୁ ଖଣ୍ଡପଡ଼ା ପୋଲିସକୁ ହସ୍ତାନ୍ତର କରାଯାଇଥିଲା ।

### ଗଞ୍ଜେଇ ବୋଝେଇ କାର୍ ଜବତ, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି/ପାଟପୁର,୨୧।୩ (ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ପାଟପୁର ଥାନା ପୋଲିସ ପକ୍ଷରୁ ଗୁରୁବାର ପୋଡାମାରି ଗ୍ରାମ ବନବିଭାଗ ତନଖି ଫାଟକ ନିକଟରେ ଗାଡ଼ି ମୋଟର ଯାଞ୍ଚ ବେଳେ ଏକ ଗଞ୍ଜେଇ ବୋଝେଇ କାର (ଓଆର ୦୭ ଆର-୩୭୮୭) କୁ ଜବତ କରାଯାଇଛି । କାରକୁ ଖାନ ତଲାସ କରାଯିବାରୁ ସେଥିରେ ୨ଟି ଜରି ବସ୍ତାରେ ୮୦ କେଜି ୪ ଶହ ଗ୍ରାମ ଗଞ୍ଜେଇ ଥିବା ଜଣାପଡିଥିଲା । ଗଜପତି ଜିଲା ମୋହନା ଥାନା କନ୍ଧକଳାମେରୀ ଗ୍ରାମର କାର ଚାଳକ ସୁନୀଲ ମଲିକ (୨୮)ଙ୍କୁ ପୋଲିସ ଗିରଫ କରି ବ୍ରହ୍ମପୁର ଜିଲା ଦୌରା ଜଜ କୋର୍ଟକୁ ଚାଲାଣ କରିଛି । ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି ।

# ଭୋଟର ବଢ଼ିଲେ, ବୁଥ୍ ବି ବଢ଼ିଲା

## ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ବୈଠକ

ଛତ୍ରପୁର, ୨୧।୩ (ଦିଲୀପ ସାମଲ):



ଗଞ୍ଜାମ ଜିଲାରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ । ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନ କମିଶନରଙ୍କ ଗାଇଡ଼ଲାଇନ ଅନୁଯାୟୀ ସମସ୍ତ ପ୍ରକାର କାର୍ଯ୍ୟ କରାଯାଉଛି । ଛତ୍ରପୁର ଉପଖଣ୍ଡରେ ଛତ୍ରପୁର, ହିଞ୍ଜିଳିକାଟୁ, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ପୋଲସରା ବିଧାନସଭା ମଣ୍ଡଳୀରେ ରହିଥିବା ବେଳେ ୧୨୧୮ଟି ବୁଥ ପୂର୍ବରୁ ଚିହ୍ନଟ ହୋଇଥିଲା । ଭୋଟର ସଂଖ୍ୟା ବୃଦ୍ଧି ଯୋଗୁଁ ଉପଖଣ୍ଡସ୍ତରରେ ୭ଟି ପୋଲିଂ ବୁଥ ବୃଦ୍ଧି କରିବା ପାଇଁ ଗୁରୁବାର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଭୋଟରଙ୍କ ସଂଖ୍ୟା ୧୫୦୦ରୁ ଊର୍ଦ୍ଧ୍ୱ ହେଲେ ଆଉ ଗୋଟେ ବୁଥ କରାଯିବା ପାଇଁ ନିୟମ ରହିଥିବାରୁ ପୋଲସରା ନିର୍ବାଚନ ମଣ୍ଡଳୀର ଦୁଇଟି ବୁଥ, କବିସୂର୍ଯ୍ୟନଗରରେ ୨ଟି ବୁଥ ଓ ହିଞ୍ଜିଳିକାଟୁ ନିର୍ବାଚନ ମଣ୍ଡଳୀରେ ୪ଟି ବୁଥ ବୃଦ୍ଧି କରାଯାଇଥିବା ଉପଜିଲ୍ଲାପାଳ ମହାନ୍ତ ସୂଚନା ଦେଇଛନ୍ତି । ପୂର୍ବରୁ ଉପଖଣ୍ଡ ସ୍ତରରେ ୧୨୧୮ ଟି ବୁଥ ରହିଥିବା ବେଳେ ଏବେ ୧୨୨୫ଟି ବୁଥ କରାଯାଇଛି । ଏହି ବୈଠକରେ ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥସାରଥି ହାଁସଦା, ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର କର, ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ପ୍ରଶାନ୍ତ ପଣ୍ଡା, ବିଜୁ ଜନତା ଦଳର ଭି. ମାଙ୍ଗଲେଶ୍ୱର ରାଓ, ଆମ ଆଦମୀ ପାର୍ଟିର ଅଜା ଆମ୍ବିଲ ବିଶ୍ୱାଳ, କୈଳାସ ସେଠି, ସି. ହରପ୍ରସାଦ ଓ ବହୁଜନ ସମାଜ ପାର୍ଟିର ଲିଙ୍ଗରାଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଜଙ୍ଗଲ ସୁରକ୍ଷା ପାଇଁ ଶପଥ

ଭଞ୍ଜନଗର,୨୧।୩(ବାବୁଲା ପ୍ରଧାନ):



ଜଙ୍ଗଲ ସୁରକ୍ଷା ପାଇଁ କର୍ମଚାରୀମାନେ ଶପଥ ନେଉଛନ୍ତି ।

ଭଞ୍ଜନଗର ଉତର ଘୁମୁସର ବନଖଣ୍ଡ ପକ୍ଷରୁ ଗୁରୁବାର ଲାଲସିଂ ନର୍ସରୀ ପରିସରରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି । ପରିବର୍ତ୍ତନଶୀଳ ଜଙ୍ଗଲ ଓ ଏହାର ପ୍ରଭାବ ଉପରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଓଡ଼ିଶା ବନ ଉନ୍ନୟନ ନିଗମ ଭଞ୍ଜନଗର ପରିଚାଳକ ପ୍ରଭାକର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଅଧ୍ୟକ୍ଷ କୃତିବାଷ ବିଶ୍ୱାଳ, ଡ଼. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଆଇଟିଆଇ ଅଧ୍ୟକ୍ଷ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅନୁପମ ବାନାର୍ଜି, ଶୁଳପାଣି ଶତପଥି, ସୁରେଶ ସ୍ୱାଇଁ, ରେଞ୍ଜର କୁମର ବେହେରା, ବିଦ୍ୟାଧର ସାହୁ, ଆଶାଲତା ଦିଗାଲ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ଆଲୋଚନାରେ ବିଭିନ୍ନ ବନ ସୁରକ୍ଷା ସମିତିର କର୍ମକର୍ତ୍ତାମାନେ ଭାଗନେଇ ଉଜୁଡ଼ା ଜଙ୍ଗଲକୁ କିଭଳି ସଜଡ଼ାଯିବ ସେ ନେଇ ମତ ରଖିଥିଲେ । ଶେଷରେ ସମସ୍ତେ ଜଙ୍ଗଲ ସୁରକ୍ଷା ପାଇଁ ଶପଥ ନେଇଥିଲେ ।

# ଷ୍ଟ୍ରଙ୍ଗ୍‌ରୁମ୍ ସ୍ଥିତି ଅନୁଧ୍ୟାନ କଲେ ଉପଜିଲାପାଳ



ଉପଜିଲାପାଳ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି ।

ଭଞ୍ଜନଗର,୨୧।୩(ବାବୁଲା ପ୍ରଧାନ):

ଭଞ୍ଜନଗର, ଆସିକା ଓ ସୋରଡ଼ା ନିର୍ବାଚନମଣ୍ଡଳୀରେ ମେ ୨୦ ତାରିଖରେ ମତଦାନ ହେବ । ତେଣୁ ଏହା ପୂର୍ବରୁ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗ୍ ରୁମ୍‌ରେ ଇଭିଏମ୍ ମେସିନ ଆଣି ରଖାଯିବ । ଇଭିଏମ୍ ମେସିନ ଆସିବା ପୂର୍ବରୁ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ବଳ (ସିଆରପିଏଫ୍) ଆସି କଲେଜରେ ପହଞ୍ଚିବ । ତେଣୁ ଏହା ପୂର୍ବରୁ ଉପ ଜିଲାପାଳ ଅନିଲ କୁମାର ସେଠୀ, ଅତିରିକ୍ତ ଉପ ଜିଲାପାଳ ବିଶ୍ୱରଞ୍ଜନ କର ପ୍ରମୁଖ କଲେଜରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ଏହି ସମୟରେ କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ, ନିର୍ବାଚନ ସେକ୍ସନ କର୍ମଚାରୀ ମୁକ୍ତିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଷ୍ଟ୍ରଙ୍ଗ୍ ରୁମ୍ ମରାମତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପୋଷ୍ଟାଲ ବାଲେଟ ପାଇଁ ଗୋଟିଏ ଷ୍ଟ୍ରଙ୍ଗ୍ ରୁମ୍ ହୋଇଥିବା ବେଳେ ସାଧାରଣ ଷ୍ଟ୍ରଙ୍ଗ୍ ରୁମ୍ ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ପିଛା ୨ଟି ଲେଖାଁଏ ସର୍ବମୋଟ ୬ଟି ଷ୍ଟ୍ରଙ୍ଗ୍ ରୁମ୍ ହୋଇଛି । ୬ଟି ରିଜର୍ଭ ଷ୍ଟ୍ରଙ୍ଗ୍ ରୁମ୍, ମରାମତି ଷ୍ଟ୍ରଙ୍ଗ୍ ରୁମ୍ ୩ଟି, ଭୋଟ ଗଣତି ପାଇଁ ନିର୍ବାଚନମଣ୍ଡଳୀ ପିଛା ୨ଟି ଲେଖାଁଏ ଏହିଭଳି ସର୍ବମୋଟ ୬ଟି ହଲ୍ ହୋଇଛି । ଗୋଟିଏ ହଲ୍‌ରେ ବିଧାନସଭା ଏବଂ ଆଉ ଗୋଟିଏ ହଲ୍‌ରେ ଲୋକ ସଭା ଭୋଟଗଣତି ହେବ ।

### ସନ୍ତୋଷ, ବିଜୟ ସମବାୟ ଅନୁଷ୍ଠାନରେ ସଦସ୍ୟ ମନୋନୀତ

ଆସିକା,୨୧।୩ (ସୁରେନ୍ଦ୍ର ନାଥ ସାହୁ) ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ଓ ଆସିକା ସମବାୟ ଚିନିଶିଳ୍ପ ପରିଚାଳନା ପରିଷଦର ସଦସ୍ୟ ଭାବେ ଆସିକା ବ୍ଲକ ଦେବଭୂମି ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସନ୍ତୋଷ କୁମାର ନାୟକ ଓ ପୂର୍ବତନ ସରପଞ୍ଚ ବିଜୟ କୁମାର ଦଳାଇ ମନୋନୀତ ହୋଇଛନ୍ତି । ଏ ସମ୍ପର୍କରେ ସମବାୟ ବିଭାଗର ସର୍ବୋଚ୍ଚ ଅଧିକାରୀଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । କେନ୍ଦ୍ର ବ୍ୟାଙ୍କର ସଦସ୍ୟ ଭାବେ ମନୋନିତ ହୋଇଥିବା ସନ୍ତୋଷ ଦେବଭୂମି ସେବା ସମବାୟ ସମିତିର ଡାଇରେକ୍ଟର ଅଛନ୍ତି । ସେହିପରି ଚିନିଶିଳ୍ପର ମନୋନୀତ ସଦସ୍ୟ ବିଜୟ ଦେବଭୂମି ସମବାୟ ସମିତିର ସଭାପତି ଅଛନ୍ତି । ସରକାରଙ୍କ ପକ୍ଷରୁ ସେମାନଙ୍କୁ ଏହି ପଦବୀରେ ମନୋନୀତ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଆସିକା ଏମପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଯୁବ ନେତା ନଚିକେତା ସ୍ୱାଇଁ ଏବଂ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ପ୍ରସାଦ ରାଓ ଦୋରାଙ୍କ ନିକଟରେ କୃତଜ୍ଞତା ଜଣାଇବା ସହ ସମବାୟ ଅନୁଷ୍ଠାନର ସାମଗ୍ରିକ ଉନ୍ନତି ଲାଗି ଚେଷ୍ଟିତ ହେବେ ବୋଲି ପ୍ରକାଶ କରଛନ୍ତି ।

### ସବୁଜ ବନାନୀ ସୃଷ୍ଟି କରିବାକୁ ଆହ୍ୱାନ

ଆସିକା,୨୧।୩ (ସୁରେନ୍ଦ୍ର ନାଥ ସାହୁ) ଆସିକା ବନାଞ୍ଚଳ ପକ୍ଷରୁ ଗୁରୁବାର ଭେଟନଇ ଭୀମସେନ ହାଇସ୍କଲ ପରିସରରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି । ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃଷ୍ଣସାର ମୃଗ ସୁରକ୍ଷା ସମିତିର ସଭାପତି ଅମୂଲ୍ୟ କୁମାର ଉପାଧ୍ୟାୟ, ମୟୂର ସୁରକ୍ଷା ସମିତିର ସଭାପତି ସମୀର ପ୍ରଧାନ, ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ପାଢୀ, ଶିକ୍ଷକ ପ୍ରସନ୍ନ କୁମାର ଦାଶ, ବନପାଳ ଶରତ ବେହେରାଙ୍କ ସମେତ ବିଭିନ୍ନ ସେକ୍ସନ ବନପାଳ ଉପସ୍ଥିତ ଥିଲେ । ଏହି ଅବସରରେ ପରିବେଶର ସୁରକ୍ଷା ଓ ଜୀବ ଜଗତର ସ୍ଥିତିର ସୁରକ୍ଷା ଲାଗି ଜଙ୍ଗଲର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଛାତ୍ରୀଛାତ୍ର ଜଙ୍ଗଲ କ୍ଷୟକୁ ରୋକିବା ଲାଗି ସାଧାରଣରେ ସଚେତନତା ସୃଷ୍ଟି ସହ ଅଧିକରୁ ଅଧିକ ଚାରାରୋପଣ କରି ସବୁଜ ବନାନୀ ସୃଷ୍ଟି କରିବାକୁ ଆହ୍ୱାନ ଦିଆଯାଇଥିଲ ।

# ବିଶ୍ୱ କବିତା ଦିବସରେ କବିତା ଆସର




କବିତା ଆସରରେ ଯୋଗଦେଇଥିବା ଅତିଥି ।

ନୟାଗଡ଼,୨୧।୩(ଲୋକନାଥ ମିଶ୍ର)

ମାର୍ଚ୍ଚ ୨୧ରେ ବିଶ୍ୱ କବିତା ଦିବସ ଅବସରରେ ଇଟାମାଟିରେ ବିଶିଷ୍ଟ ସାହିତ୍ୟାନୁରାଗୀ ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଖୋର୍ଦ୍ଧା ଜିଲାର ବୋଲଗଡ଼ ଓ ବେଗୁନିଆ ବ୍ଲକ ସମେତ ନୟାଗଡ଼ ଜିଲାର କବି କବୟିତ୍ରୀ ଯୋଗଦେଇ କବିତା ପାଠ ଓ ଅଣୁଗଳ୍ପ ପଠନ କରିଥିଲେ । କବି ନିର୍ମଳ ଚନ୍ଦ୍ର ଶୂରଦେଓ, ନାଟ୍ୟକାର ପ୍ରଧାନୀ ବୃନ୍ଦାବନ ମହାପାତ୍ର, କବୟିତ୍ରୀ ବସିରନ ବିବି, କବି ଗୋଦାବରୀଶ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ସେହିପରି କବି ଗୋଲଖ ବିହାରୀ ନାୟକ, ଦାମୋଦର ସାହୁ, ସୁଦର୍ଶନ ପ୍ରଧାନ, ନିରାକାର ସ୍ୱାଇଁ, ଗୋଦାବରୀ ବସନ୍ତିଆ, ଅନୁବାଦକ ଗୁଣନିଧି ମହାପାତ୍ର, ରଞ୍ଜନ ରଶ୍ମି ଜେନା, ମହମ୍ମଦ ଆଜାଦ, ଗୋପୀନାଥ ସେଠୀ, ଦେବେନ୍ଦ୍ର ପରମଗୁରୁ, କବୟିତ୍ରୀ ସଂଘମିତ୍ରା ସ୍ୱାଇଁ, ମମତା ମଞ୍ଜରୀ ଦେବୀ, ହରପ୍ରିୟା ଦ୍ୱିବେଦୀ ପ୍ରମୁଖ ଆସରରେ ଯୋଗଦେଇ ସାହିତ୍ୟ ଆଲୋଚନା ଓ କବିତା ପାଠରେ ଭାଗନେଇଥିଲେ । କବୟିତ୍ରୀ ଅଧ୍ୟାପିକା ନୀଳିମା ନନ୍ଦ ଓ ସୌଦାମିନୀ ସ୍ୱାଇଁ କବିତା ସଂଯୋଜନା କରିଥିବା ବେଳେ ଗାଳ୍ପିକ ଆଶୁତୋଷ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ପ୍ରତିବର୍ଷ ବିଶ୍ୱ କବିତା ଦିବସ ଆୟୋଜନ କରୁଥିବା କବୟିତ୍ରୀ.ସୁକାନ୍ତି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ନୟାଗଡ଼ ଜିଲା ଲେଖକ ପରିଷଦର ସମ୍ପାଦକ ଶେଖ ଅବଦୁଲ ଖାଲିକ କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସୁରେଶ ବରାଡଙ୍କ କବିତା ସଂକଳନ ଜୀବନ ସୌରଭ ଓ ବରିଷ୍ଠ କବି ଲୋକନାଥ ମିଶ୍ର ଭରଦ୍ୱାଜଙ୍କ କବିତା ସଙ୍କଳ ବ୍ୟଥିତ କୃଷ୍ଣ ଏହି ଅବସରରେ ଉନ୍ମୋଚିତ ହୋଇଥିଲା ।

# ଓଡ଼ଗାଁ ବନପାଳଙ୍କୁ ଶ୍ରେଷ୍ଠ ବନପାଳ ସମ୍ମାନ




ବନପାଳଙ୍କୁ ସମ୍ମାନିତ କରାଯାଉଛି ।

ଓଡ଼ଗାଁ,୨୧।୩(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ସୂଚନା ଭବନ ପରିସରରେ ଗୁରୁବାର ରାଜ୍ୟସ୍ତରୀୟ ବିଶ୍ୱ ଜଙ୍ଗଲ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଓଡ଼ିଶା ବନବାହିନୀ ମୁଖ୍ୟ ତଥା ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଦେବୀଦତ୍ତ ବିଶ୍ୱାଳ, ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁଶାନ୍ତ ନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଜଙ୍ଗଲ ନିଆଁ ଓ ବନ୍ୟଜନ୍ତୁ-ମଣିଷ ବିବାଦକୁ ପ୍ରଶମିତ କରିବା ଦିଗରେ ବିଭାଗର କ୍ଷେତ୍ର ଅଧିକାରୀ, କର୍ମଚାରୀ ଓ ଗ୍ରାମାଞ୍ଚଳର ସ୍ୱେଚ୍ଛାସେବୀମାନେ ନିଷ୍ଠାପର ଭାବେ କାର୍ଯ୍ୟ କରୁଥିବା ମତବ୍ୟକ୍ତ କରିଥିଲେ । ବିଶେଷ କରି ଜଙ୍ଗଲର ସୁସ୍ଥତା ଉପରେ ଆଲୋକପାତ କରିବା ସହିତ ଜଙ୍ଗଲ ନିଆଁକୁ କିଭଳି ରୋକିହେବ ସେ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ଅବସରରେ ପରିବେଶ ସୁରକ୍ଷା ଓ ବନ୍ୟ ପ୍ରାଣୀ ସଂରକ୍ଷଣ ଦିଗରେ ଉଲ୍ଲେଖଯୋଗ୍ୟ ପ୍ରଦର୍ଶନ ନିମନ୍ତେ ଓଡ଼ଗାଁ ବନାଞ୍ଚଳରେ କାର୍ଯ୍ୟରତ ବନପାଳ ସରିତା ବରାଲଙ୍କୁ ରାଜ୍ୟସ୍ତରୀୟ ଶ୍ରେଷ୍ଠ ବନପାଳ ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଛି । ବିଶେଷ କରି ବରାଲଙ୍କ କାର୍ଯ୍ୟକାଳ ସମୟରେ ଜନ୍ତୁ ଶିକାର ହ୍ରାସ ପାଇବା ସହ ଚୋରା କାଠ କାରବାର ସମ୍ପୂର୍ଣ୍ଣ ଠପ ହୋଇପଡିଛି । ଏହି ଅବସରରେ ବନପାଳ ବରାଳ ଅତିଥିଙ୍କଠାରୁ ମାନପତ୍ର ସମେତ ପଦକ ଓ ୧୦ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ଗ୍ରହଣ କରିଛନ୍ତି ।

# ସାଗର କବଚ ସମରାଭ୍ୟାସ ଶେଷ



ଛତ୍ରପୁର, ୨୧।୩ (ଦିଲୀପ ସାମଲ): ଗଞ୍ଜାମ ପୋଲିସ ପକ୍ଷରୁ ଦୁଇଦିନିଆ 'ସାଗର କବଚ' ସମରାଭ୍ୟାସ ଗୁରୁବାର ଶେଷ ହୋଇଛି । ଛତ୍ରପୁର, ଗଞ୍ଜାମ, ରମ୍ଭା, ଚମାଖଣ୍ଡି ଓ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପୁଲିସ ପକ୍ଷରୁ ପ୍ରୟାଗୀଠାରୁ ହରିପୁର ପ୍ରାୟ ୩୭ କିମି ଜଳପଥରେ ପାଟ୍ରୋଲିଂ ହୋଇଛି । ଏଥିସହ ସମୁଦ୍ରକୁ ସଂଲଗ୍ନ ହୋଇଥିବା ୧୬ ନମ୍ବର ଜାତୀୟ ରାଜପଥ ଡିଆରଡିଏ ଛକ, ମାଣ୍ଡିଆପଲ୍ଲୀ ଛକ, ଆଇଆରଇ ଛକ, ଜୟଶ୍ରୀ କେମିକାଲ ଛକ, ହୁମ୍ମା ଛକଠାରେ ବ୍ୟାପକ ପୋଲିସ ମୁତୟନ କରାଯାଇ ବିଭିନ୍ନ ଯାନବାହନ ଯାଞ୍ଚ କରାଯାଇଛି । ୨୦୦୮ ନଭେମ୍ବର ୨୬ରେ ଜଳପଥ ଦେଇ ପାକିସ୍ତାନର ଆତଙ୍କବାଦୀମାନେ ମୁମ୍ବାଇ ଠାରେ ପହଞ୍ଚି ଏକ ବଡଧରଣର ଆକ୍ରମଣ କରିଥିଲେ । ଏହାପରଠୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜଳପଥ ସୁରକ୍ଷା ଲାଗି ପୋଲିସ ପକ୍ଷରୁ ଜଳପଥର ସୁରକ୍ଷା ଏବଂ ଆତଙ୍କବାଦୀଙ୍କ ଉପରେ ତୀକ୍ଷଣ ଦୃଷ୍ଟି ରଖିବା ଲାଗି ସମରାଭ୍ୟାସ ଆରମ୍ଭ କରାଯାଇଥିଲା । ଗଞ୍ଜାମ ଜିଲାର ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପକ୍ଷରୁ ସମରାଭ୍ୟାସ ଆରମ୍ଭ ହୋଇଥିଲା । ଗଞ୍ଜାମ ଅତିରିକ୍ତ ଏସପି ରାଜୀବ ଲୋଚନ ପଣ୍ଡା ଓ ଥାନା ଅଧିକାରୀ ବିଦ୍ୟା ଭାରତୀ ନାୟକଙ୍କ ସମେତ ବହୁ କର୍ମଚାରୀ ଜଳପଥରେ ପାଟ୍ରୋଲିଂକୁ ଜୋରଦାର କରାଉଛନ୍ତି ।

# ଆଳିଆ ସମାଜ କର୍ମକର୍ତ୍ତା ମନୋନୀତ

ବେଲଗୁଣ୍ଠା,୨୧।୩(କୃଷ୍ଣଚନ୍ଦ୍ର ପଟ୍ଟନାୟକ):

ନିଖିଳ ଉତ୍କଳ ଆଳିଆ ସମାଜ ନେଟଙ୍ଗା ମଣ୍ଡଳର ଆଗାମୀ ୪ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ ନେଟଙ୍ଗାସ୍ଥିତ ଶ୍ରୀ ଶ୍ରୀ ରଘୁନାଥ ସ୍ୱାମୀ ମନ୍ଦିରଠାରେ ହୋଇଥିଲା । ନିର୍ବାଚନ ଅଧିକାରୀ ରୂପେ କେନ୍ଦ୍ର ସଂଗଠନ ସମ୍ପାଦକ ମୁନା ବାରିକ, ସହ ସମ୍ପାଦକ ରାଘବ ନାହାକ, ଅଫିସ ସମ୍ପାଦକ ପିନାଙ୍କ ଶଙ୍କର ନାୟକ ଯୋଗଦେଇ ସମାଜ ସମ୍ବିଧାନର ନିର୍ବାଚନ ସମ୍ପର୍କିତ ନିୟମ ବୁଝାଇଥିଲେ । ଉତ୍ତୁରା ସଭାପତି ଭଗବାନ ନାୟକ ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ପ୍ରଦୀପ ସାହୁ ଶାନ୍ତି ମନ୍ତ୍ର ପାଠ କରିଥିଲେ । ସର୍ବସମ୍ମତି କ୍ରମେ କେନ୍ଦ୍ରକୁ ପ୍ରହ୍ଲାଦ ଲେଙ୍କା, ହରିବନ୍ଧୁ ଲେଙ୍କା, କୁଞ୍ଜ ବିହାରୀ ମହାନ୍ତି, ମଣ୍ଡଳ ସଭାପତି ରୂପେ ଦିବ୍ୟଲୋଚନ ବିଶ୍ୱାଳ, ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ସ୍ୱାଇଁ, ସହ ସମ୍ପାଦକ ରଙ୍କନିଧି ସ୍ୱାଇଁ, କୋଷାଧ୍ୟକ୍ଷ କୁନା ପରିଡା, ସଂଗଠନ ସମ୍ପାଦକ ଲକ୍ଷ୍ମଣ ପରିଡା ମନୋନୀତ ହୋଇଥିଲେ । କାର୍ଯ୍ୟକ୍ରମରେ ଜନପ୍ରତିନିଧି ସରପଞ୍ଚ ଜୟରାମ ନାୟକ, ଦୁର୍ଗାମାଧବ ନାୟକ, ଶୁକଦେବ ସ୍ୱାଇଁ, ଜିଲାପରିଷଦ ସୁଧୀର ଜେନା, ସମିତି ସଭ୍ୟ ବିଭୁପାଦ ଜେନା ଯୋଗ ଦେଇଥିଲେ । ନାଟଙ୍ଗା ମଣ୍ଡଳର ୫୪ ଗ୍ରାମର ନୂତନ କର୍ମକର୍ତ୍ତା ଉପସ୍ଥିତ ଥିଲେ । ପ୍ରକାଶ ଥାଉକି, ଉକ୍ତ ସଂଗଠନ ଏକ ଶତାୟୁ ସଂଗଠନ ଭାବେ ସମାଜର ବିଭିନ୍ନ ସଶକ୍ତୀକରଣ କାର୍ଯ୍ୟକ୍ରମରେ ନିଜର ସହଭାଗିତା ଦେଇଆସୁଛି ।

# ଲକ୍ଷ୍ମୀ ବସ୍ ପରିଚାଳନାରେ ଅସନ୍ତୋଷ



ଦାବିପତ୍ର ସହ ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତା ।

କୋଦଳା/ଛତ୍ରପୁର, ୨୧।୩ (ଅମିତ କୁମାର ପଟ୍ଟନାୟକ/ଦିଲୀପ ସାମଲ)

ରାଜ୍ୟ ସରକାରଙ୍କ ଲକ୍ଷ୍ମୀ ବସ ପରିଚାଳନାରେ ଅସନ୍ତୋଷ ପ୍ରକାଶ କରିଛି ସ୍ଥାନୀୟ ଘରୋଇ ବସ ମାଲିକ ସଂଘ । ସ୍ଥାନୀୟ ପ୍ରଶାସନ ଏବଂ ମାଲିକ ସଂଘ ମିଳିତ ଆଲୋଚନା ମୁତାବକ ଲକ୍ଷ୍ମୀ ବସ୍ ରୁଟ ହୋଇଥିବା ବେଳେ ତାହା କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ କରିଛି । ବସ ମାଲିକ ସଂଘ ଗ୍ରାମରୁ ବ୍ଲକ ମୁଖ୍ୟାଳୟ ଲକ୍ଷ୍ମୀ ବସ ଯିବାକୁ ନିଷ୍ପତି ହୋଇଥିବା ବେଳେ ଏନଏସି ଏବଂ ମହାନଗରକୁ ବସ୍ ଚଳାଚଳ କରିବା ଦ୍ୱାରା ଘରୋଇ ବସ୍ ଚଳାଚଳ ସମ୍ପୂର୍ଣ୍ଣ ପ୍ରଭାବିତ ହେଉଥିବା ଅଭିଯୋଗ କରିଛନ୍ତି । ଗୁରୁବାର ପୁରୁଷୋତ୍ତମପୁର ବସ୍ ମାଲିକ ସଂଘ ଏ ନେଇ ଜିଲାପାଳ, ଜିଲା ପରିବହନ ଅଧିକାରୀ, ଏସଡିପିଓ, ବିଡିଓ ଓ ଥାନା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛି । ସଂଘର ସଭାପତି ସନ୍ତୋଷ କୁମାର ପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବେଗୁନିଆପଡା ବିଡିଓ ପ୍ରଜ୍ଞା ପ୍ରିୟଦର୍ଶିନୀଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ଲିଖିତ ଅଭିଯୋଗ ଦେଇ ଆଲୋଚନା କରିଛନ୍ତି । ଆସିକା ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ମହାନ୍ତି, ପୋଲସରା ସଭାପତି ନୀଳାଞ୍ଚଳ ପଣ୍ଡା, ବୁଗୁଡ଼ା ସଭାପତି କେ ଟି ଦୋରା, କୋଦଳା ସଭାପତି ଗୁଣ୍ଡିଚା ପରିଡ଼ାଙ୍କ ସହ ବହୁ ମାଲିକ ଉପସ୍ଥିତ ଥିଲେ ।

# ଛତ୍ରପୁର ସହରାଞ୍ଚଳର ପରିମଳ ବିପର୍ଯ୍ୟସ୍ତ

ଛତ୍ରପୁର,୨୧।୩ (ସନ୍ତୋଷ ପାଢ଼ୀ):



ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁର ଏନଏସି ଏବେ ମୁନିସିପାଲିଟି ଘୋଷଣା ହୋଇଛି । ମାତ୍ର କିଛି ଦିନ ହେଲା ଏଠାରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ଅବସ୍ଥାରେ ଅଛି । ଏନଏସି କର୍ତ୍ତୃପକ୍ଷଙ୍କ ଅବହେଳା ମନୋଭାବ ନେଇ ସହରାଞ୍ଚଳରେ ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା କୁଢ କୁଢ ହୋଇ ଭରି ହୋଇ ରାସ୍ତା ଘାଟରେ ଅଳିଆ ଆବର୍ଜନା ଜମି ପୂତି ଗନ୍ଧମୟ ପରିବେଶ ସୃଷ୍ଟିକରିଛି । ଯାହା ଅସାସ୍ଥ୍ୟକର ପରିବେଶ ସୃଷ୍ଟି କରି ଜନ ଅସନ୍ତୋଷ ତେଜୁଛି । ଛତ୍ରପୁର ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କଠାରୁ ଆରମ୍ଭ କରି ସଫେଇ ଦାୟିତ୍ୱରେ ଥିବା ଅଧିକାରୀ କିମ୍ବା କର୍ମଚାରୀ କୌଣସି ୱାର୍ଡ଼ ୱାର୍ଡ଼ ବୁଲି ବୁଲି ଦେଖୁନାହାଁନ୍ତି କି ଜନସାଧାରଣଙ୍କ ସହ ସୁସମ୍ପର୍କ ରକ୍ଷା କରୁନାହାନ୍ତି । ଫଳରେ ସହରରେ ଅନେକ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି । ବାସ୍ତବିକ ସହରର ପରିମଳ ଓ ପରିଚ୍ଛନ୍ନତା ପ୍ରତି ଆଦୌ ଦୃଷ୍ଟି ଦେଉନାହାନ୍ତି, ଯାହାକି ସଧାରଣ ଲୋକ ଅତିଷ୍ଠ ହୋଇପଡ଼ିଛନ୍ତି । ଏପରିକି ସହରରେ ନିର୍ମାଣାଧୀନ କାର୍ଯ୍ୟ ଏବଂ ସମ୍ପନ୍ନ ହୋଇସାରିଥିବା କାର୍ଯ୍ୟ ସ୍ଥାନରେ ଅଗାଡ଼ି ବାଲି, ଗୋଡ଼ି ଆଦି ଜମି ରହିବା ଫଳରେ ଲୋକମାନଙ୍କ ଯିବା ଆସିବା ବେଳେ ଅନେକ ଛୋଟ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଥା ଜିଲାପାଳ ଧ୍ୟାନ ଦେଇ ଏହାର ବିହିତ ପ୍ରତିକାର ବ୍ୟବସ୍ଥା ବିଧାନ କରିବାକୁ ଜନସାଧାରଣରେ ଦୃଢ଼ ଦାବି ହେଉଛି ।

# ସ୍କୁଟିକୁ ପଛରୁ ଧକ୍କାଦେଲା ଟ୍ରକ୍: ମହିଳା ମୃତ



ଦୁର୍ଘଟଣାସ୍ଥଳରେ ଲୋକେ ରାସ୍ତାରୋକୋ କରିଛନ୍ତି।

ଯାଜପୁରରୋଡ୍,୨୧।୩ (ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର ଜିଲା କୋରେଇ ଥାନା ଅନ୍ତର୍ଗତ ୨୦ନଂ. ଜାତୀୟ ରାଜପଥର ନୂଆଗଡ଼ ନିକଟରେ ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟା୪୫ରେ ଟ୍ରକ୍ ଏକ ସ୍କୁଟିକୁ ପଛପଟୁ ଧକ୍କା ଦେଇଛି। ଫଳରେ ସ୍କୁଟି ଚଳାଉଥିବା ମହିଳାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ବର୍ଷାରାଣୀ ବେହେରା(୩୧)। ସେ ବ୍ୟାସନଗର ତହସିଲ ଅଧୀନ କଣ୍ଟାଝରୀ ଆର୍‌ଆଇ କାର୍ଯ୍ୟାଳୟରେ ଜଣେ କନିଷ୍ଠ

## ନୂଆଗଡ଼ ଗୋଲେଇ ଛକରେ ଦୁର୍ଘଟଣା

■ ଘଟଣାସ୍ଥଳରେ ଉତ୍ତେଜନା, ରାସ୍ତାରୋକୋ

ସହାୟିକା ଭାବେ ଏକ ସପ୍ତାହ ତଳେ ଯୋଗ ଦେଇଥିଲେ।

ଦୁର୍ଘଟଣାପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଅଟକ ରଖିବା ସହ କିଛି ସମୟପାଇଁ ରାସ୍ତା ଅବରୋଧ କରିଥିଲେ। ଖବର ପାଇ କୋରେଇ ପୋଲିସ ପହଞ୍ଚି ଟ୍ରକକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଥିଲା। ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନା ଅନୁଯାୟୀ, ବର୍ଷା ନିଜ ସ୍କୁଟିରେ ସୁଜଳନଗରରେ ଥିବା ତାଙ୍କ ଭାଇଙ୍କ ଘରକୁ ଯାଉଥିଲେ। ଏହି ସମୟରେ ଟ୍ରକ୍ ଦ୍ରୁତ ଗତିରେ ଆସି ତାଙ୍କ ସ୍କୁଟିକୁ ପଛପଟୁ ଧକ୍କା ଦେଇଥିଲା। ମହିଳା ଜଣକ ସ୍କୁଟିରୁ ପଡ଼ିଯିବା ପରେ ଟ୍ରକ୍ ତାଙ୍କ ଉପରେ ଚଢ଼ି ଯିବା ସହ ସ୍କୁଟିକୁ ୫୦୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ଟ୍ରକ ଚାଳକ ମଦ୍ୟପାନ କରି ଏଭଳି ଦୁର୍ଘଟଣା ଘଟାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ମୃତ ମହିଳାଙ୍କ ବାପଘର ବ୍ରହ୍ମବରଦା ମେଣ୍ଢ ଗ୍ରାମରରେ ହୋଇଥିବା ବେଳେ ସେ କେନ୍ଦ୍ରାପଡ଼ା ଗଣେଶପୁରରେ ବିବାହ କରିଥିଲେ। ତାଙ୍କ ସ୍ୱାମୀ ନୀତେଶ ବେହେରା ହାଇଦ୍ରାବାଦରେ ଚାକିରି କରିଥିବା ଜଣାପଡ଼ିଛି। ଶୁକ୍ରବାର ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଦୁଃଖ ପ୍ରକାଶ କରିବା ଘଟଣାର ଅନୁଧ୍ୟାନ କରିଛନ୍ତି।

## ଭାସ୍କେଲ ଡ୍ୟାମ୍‌ରେ ବୁଡ଼ି ଯୁବକ ମୃତ

ଉମରକୋଟ,୨୧।୩(ସନ୍ତୋଷଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ନିକଟ ଭାସ୍କେଲ ଡ୍ୟାମ୍‌ରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାଜପୁର ଜିଲା ଦଶରଥପୁର ନିକଟ ବରିଆନ ଗ୍ରାମର ହିତେଶ ସାମଲ (୨୧)। ହିତେଶ ସୋମବାର ଉମରକୋଟରେ ରହୁଥିବା ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ସେଠାରୁ ହିତେଶ ଓ ତାଙ୍କ ସମ୍ପର୍କୀୟ ଭାଇ ବେହେଡ଼ାସ୍ଥିତ ଅନ୍ୟ ଜଣେ ସମ୍ପର୍କୀୟଙ୍କ ଘରକୁଯାଇଥିଲେ। ସେଠାରୁ ୪ ଜଣ ଯୁବକ ମିଶି ବେହେଡ଼ା ନିକଟରେ ଥିବା ଭାସ୍କେଲ ଡ୍ୟାମ୍‌କୁ ବୁଲିବାକୁ ଯାଇଥିଲେ। ପୂର୍ବାହ୍ନ ୧୧ଟାରେ ଗାଧୋଇବା ପାଇଁ ଡ୍ୟାମ୍‌କୁ ୩ ଜଣ ଯାଇଥିଲେ। ଗାଧୋଇବା ବେଳେ ହିତେଶ ନିଖୋଜ ହୋଇଯାଇଥିଲେ। ସାଙ୍ଗରେ ଥିବା ଅନ୍ୟ ୨ ଜଣ ତାଙ୍କୁ ଉଦ୍ଧାରକରି ପୂଜାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତରଖାନା ପହଞ୍ଚିବା ପୂର୍ବରୁ ହିତେଶଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ପତିତପାବନ ଦ୍ୱିବେଦୀ ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଉମରକୋଟ ଡାକ୍ତରଖାନାକୁ ପଠାଯାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକେ ମୃତଦେହକୁ ଯାଜପୁର ନେଇ ଚାଲିଯାଇଥିବା ଜଣାପଡ଼ିଛି। ହିତେଶଙ୍କ ସମ୍ପର୍କୀୟ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉମରକୋଟ ପୋଲିସ ୧୬/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ବୋଲି ଥାନାଧିକାରୀ ଉମ୍ବରୁଧର ପ୍ରଧାନ ସୂଚନା ଦେଇଛନ୍ତି।

# ହାଇୱା ଧକ୍କାରେ ଯୁବକ ମୃତ, ଉତ୍ତେଜନା



ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

ରାଜନଗର,୨୧।୩(ଭାସ୍କର ରାଉତରାୟ)

ରାଜନଗର ତାଳଚୁଆ ରାସ୍ତାର ଦିଘି ମଧୁପୁର ନିକଟରେ ଜଣେ ଯୁବକଙ୍କ ଟ୍ରକ ଚାପରେ ମୃତ୍ୟୁ ଘଟିଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ଲାଗି ରହିଛି। ଅପରାହ୍ନ ୧ଟାରୁ ଉକ୍ତ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସ୍ଥାନୀୟ ଲୋକମାନେ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି।

ଗୁରୁବାର ଅପରାହ୍ନ ପ୍ରାୟ ୧ଟା ସମୟରେ ଈଶ୍ୱରପୁର ପଞ୍ଚାୟତ ମଧୁପୁର ଗାଁର ମନୋଜ ବେହେରା(୨୮)ଗାଁରୁ ଏକ ସ୍କୁଟିରେ ଦିଘି ବଜାରକୁ ଆସୁଥିଲେ। ଗାଁରୁ ମୁଖ୍ୟ ରାସ୍ତାକୁ ସ୍କୁଟି ଉଠାଉଥିବା ସମୟରେ ଡାଙ୍ଗମାଳ ପଟୁ ଦ୍ରୁତଗତିରେ ଆସୁଥିବା ଏକ ହାଇୱା(ନଂ.ଓଡି଼୧୯ ଜି ୨୬୭୮) ମନୋଜଙ୍କ ସ୍କୁଟିକୁ ଧକ୍କା ଦେବା ସହିତ କିଛି ବାଟ ଘୋଷାଡ଼ି ନେଇଥିଲା। ମନୋଜ

## ସ୍ଥାନୀୟ ଲୋକଙ୍କ ରାସ୍ତାରୋକୋ

ରାସ୍ତାରେ ଛିଟିକି ପଡ଼ିବା ପରେ ହାଇୱା ପଛ ଚକା ଚଢ଼ି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସେଠାରୁ ୨୦ ମିଟର ଦୂରରେ ଥିବା ଈଶ୍ୱରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ମନୋଜଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ।

ସୂଚନାଯୋଗ୍ୟ, ମଧୁପୁର ଗାଁର ବୁଦ୍ଧିରାମ ବେହେରାଙ୍କ ୨ ପୁଅ ଓ ଗୋଟିଏ ଝିଅ । ମନୋଜ ସାନ। କରୋନାରେ ମନୋଜଙ୍କ ବଡ଼ଭାଇ ପୁନେରେ ପ୍ରାଣ ହରାଇଥିଲେ। ଭାଇଙ୍କ ମୃତ୍ୟୁ ପରେ ତେଲଲୁଣର ସଂସାର ଚଳାଇବା ପାଇଁ ମନୋଜ କେରଳରେ ଦାଦନ ଖଟୁଥିଲେ। ଗତ ମଙ୍ଗଳବାର ରାତିରେ ସେ କେରଳରୁ ଘରକୁ ଫେରିଥିଲେ। ପରିବାର ସହ ହସଖୁସିରେ କିଛିଦିନ କାଟିବା ପାଇଁ କେରଳରୁ ଆସିଥିବା ମନୋଜ ଗାଁରେ ପହଞ୍ଚିବାର କେତେ ଘଣ୍ଟା ପରେ ଦୁର୍ଘଟଣାରେ ପ୍ରାଣ ହରାଇବା ଘଟଣା ପରିବାର, ଆତ୍ମୀୟ ସ୍ୱଜନ ଏବଂ ଗାଁ ଲୋକଙ୍କୁ ହତାଶ କରିଛି। ମୃତକଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକମାନେ ରାସ୍ତାରୋକୋ କରିଛନ୍ତି । ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡା, ରାଜନଗର ଆଇଆଇସି ଅଜୟ କୁମାର ଜେନା, ତାଳଚୁଆ ଆଇଆଇସି ସସ୍ମିତା ସାହୁ, ଗ୍ରାମାଞ୍ଚଳ ଥାନା ଆଇଆଇସି ପଦ୍ମାଳୟା ପ୍ରଧାନ, ତହସିଲଦାର ଅଜୟ କୁମାର ମହାନ୍ତି ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରୁଛନ୍ତି ।

# ବିଞ୍ଝାରପୁରରେ ଦୋଳଯାତ୍ରା ଆରମ୍ଭ

ବିଞ୍ଝାରପୁର,୨୧।୩(ରାମକୃଷ୍ଣ ଦାସ):

ବିଞ୍ଝାରପୁର ଅଞ୍ଚଳର ଦୋଳଯାତ୍ରା ଘରେଘରେ ଦେଖିବାକୁ ମିଳେ। ଫଗୁଣ ମାସର ଦଶମୀ ତିଥିରେ ମାଁସଡା ଗ୍ରାମର ପ୍ରସିଦ୍ଧ ପ୍ରଭୁ ନନ୍ଦଲାଲ କାନୁନଗୋସାହି ଚଉପାଢ଼ିରେ ବିଜେ ହେବାପରେ ଅନୁଷ୍ଠାନିକ ଭାବରେ ଦୋଳଯାତ୍ରା ଆରମ୍ଭ ହୋଇଛି। କିମ୍ବଦନ୍ତୀ ଅନୁଯାୟୀ ପ୍ରଭୁ ନନ୍ଦଲାଲ ଅତୀତରେ ନନ୍ଦିପୁର ଅଞ୍ଚଳରୁ ପ୍ରତିବର୍ଷ ଦୋଳ ସମୟରେ ଫଗୁ ଦଶମୀ ସନ୍ଧ୍ୟାରେ କାନୁନଗୋ ସାହିକୁ ଆସିଥାନ୍ତି। ହେଲେ ୨୦୦ବର୍ଷରୁ ଊର୍ଦ୍ଧ୍ୱ ହେବ ପ୍ରଭୁ ନନ୍ଦଲାଲ ମାଁସଡାରେ ସ୍ଥାୟୀ ଭାବରେ ଅବସ୍ଥାପିତ ହୋଇଛନ୍ତି। ମାଁସଡ଼ାର ଜମିଦାର ବାଳ ମୁକୁନ୍ଦ କାନୁନଗୋଙ୍କ ସମୟରୁ ପ୍ରଭୁ ନନ୍ଦଲାଲ ସ୍ଥାୟୀ ଭାବରେ ଏଠାରେ ପ୍ରତିଷ୍ଠା ହୋଇଛନ୍ତି ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି। କାନୁନଗୋ ସାହିର ଇଷ୍ଟ ଦେବତା ପ୍ରଭୁ ଶ୍ୟାମସୁନ୍ଦର ଓ ବ୍ରଜମୋହନ ଜୀଉ ମଧ୍ୟ ଦୋଳ ଅବସରରେ ଅବସ୍ଥାପିତ ହୋଇଛନ୍ତି। ଦୋଳପୂର୍ଣ୍ଣିମା ଦିନ ଭୋଗ ସମୟରୁ ଏହି ଅଞ୍ଚଳର ବହୁ ରାଧାକୃଷ୍ଣ ମୂର୍ତ୍ତି ବିଭିନ୍ନ ନାମରେ ହୋଲି ଖେଳିବା ପାଇଁ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବା ନିମିତ୍ତ କାନୁନଗୋ ସାହି ମେଳଣ ଦାଣ୍ଡରେ ଅବସ୍ଥାନ କରନ୍ତି। ପ୍ରଭୁ ନନ୍ଦଲାଲଙ୍କ ପୂଜକ ରବିନାରାୟଣ ଦାଶଙ୍କ କହିବାନୁଯାୟୀ ୫ପୁରୁଷ ହେବ ପରମ୍ପରା ସହ ଏଠାରେ ଦୋଳ ଯାତ୍ରା ଅନୁଷ୍ଠିତ ହେଉଛି। ବିଞ୍ଝାରପୁର ଅଞ୍ଚଳର କପିଳା, ଜଗନ୍ନାଥପୁର, ରଣପୁର, ମଲ୍ଲିପୁର, ବେଲପାଳ, ପ୍ରୀତିପୁର, ବରୀକୂଳ, ବିତନା, କଲ୍ୟାଣପୁର,

## ଚଉପାଢ଼ିରେ ବିଜେ ହେଲେ ପ୍ରଭୁ ନନ୍ଦଲାଲା



ଶ୍ୟାମେଶର, ମଣିକଛକ, ଖରିଆ, ପଙ୍ଗଣା ସାହି ଆଦି ୫୦ରୁ ଊର୍ଦ୍ଧ୍ୱ ସ୍ଥାନରେ ମେଳଣ ହେଉଛି। ମେଳଣରେ ଏହି ଅଞ୍ଚଳର ପ୍ରସିଦ୍ଧ ରାଧାକୃଷ୍ଣ ମୂର୍ତ୍ତି ବିଭିନ୍ନ ନାମରେ ଆସି ମେଳଣ ପଡ଼ିଆରେ ଅବସ୍ଥାପିତ ହୁଅନ୍ତି। ଏଥିସହିତ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ମେଳଣ ପଡ଼ିଆକୁ ପରମ୍ପରା ଅନୁଯାୟୀ ଶୋଭାଯାତ୍ରାରେ ଅଣାଯାଇଥାଏ। ଏହି ଶୋଭାଯାତ୍ରାରେ ଘୋଡ଼ାନାଚ, ସାପନାଚ, କାଠି ନାଚ, ଷଣ୍ଢ ଲଢ଼େଇ ଆଦି ଦେଖିବାକୁ ମିଳିଥାଏ। ମେଳଣ ପଡିଆରେ ଠାକୁରଙ୍କ ଦର୍ଶନ କରିବାକୁ ହଜାରହଜାର ଶ୍ରଦ୍ଧାଳୁଙ୍କ ଆଗମନ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଏ। ମେଳଣ ପଡ଼ିଆରେ ଲାଗିଥିବା ବିଭିନ୍ନ ଷ୍ଟଲରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥାଏ। ପରେ ରଙ୍ଗ ବେରଙ୍ଗର ଅବିର ଖେଳରେ ମେଳଣ ଶେଷ ହୋଇଥାଏ। ଅଞ୍ଚଳରେ ୧୫ ଦିନ ବ୍ୟାପି ବିଭିନ୍ନ ସ୍ଥାନରେ ମେଳଣ ଅନୁଷ୍ଠିତ ହେଉଥିବାରୁ ସମଗ୍ର ଅଞ୍ଚଳଟି ଉତ୍ସବ ମୁଖର ହୋଇଉଠିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅର୍ଚ୍ଚନା



@ କାହ୍ନା



@ ରତ୍ନପୂର୍ଣ୍ଣା



@ ଶ୍ୟାମସୁନ୍ଦର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯାଜପୁର ଲୋକ ସଭା, ୩ ବିଧାନସଭା ଆସନରେ ଲଢ଼ିବ ଏସ୍‌ୟୁସିଆଇ









ସୁବାସ ମଲ୍ଲିକ, ରାଧାବଲ୍ଲଭ ମଲ୍ଲିକ, କେଦାରନାଥ ସାହୁ, ଲିଲି ମହାନ୍ତି

ଯାଜପୁର ଟାଉନ,୨୧।୩ (ପ୍ରଯଲ୍ଲା ପ୍ରିୟଦର୍ଶନୀ ମହାନ୍ତି):

ଆଗାମୀ ସାଧାରଣ ନିର୍ବାଚନରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟିର ସିଦ୍ଧାନ୍ତ ଅନୁସାରେ ସାରା ଓଡ଼ିଶାରେ ଏକକ ପାର୍ଟି ଭାବେ ୧୬ ଲୋକ ସଭା ଓ ୨୮ ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଏହି ପରିପ୍ରେକ୍ଷୀରେ ପାର୍ଟିର ଯାଜପୁର ଲୋକ ସଭା ପାଇଁ ସୁବାସ ମଲ୍ଲିକ ଓ ବିଞ୍ଝାରପୁର ବିଧାନସଭା ପାଇଁ ରାଧାବଲ୍ଲଭ ମଲ୍ଲିକ, ଧର୍ମଶାଳା ବିଧାନସଭା ପାଇଁ କେଦାରନାଥ ସାହୁ ଏବଂ ସୁକିନ୍ଦା ବିଧାନସଭା ପାଇଁ କମ୍ରେଡ୍ ଲିଲି ମହାନ୍ତିଙ୍କୁ ପ୍ରାର୍ଥୀ କରାଯାଇଛି। ଯାଜପୁର ଜିଲା ସମ୍ପାଦକ ସୁରେନ୍ଦ୍ର ମଲ୍ଲିକ ଏକପ୍ରେସ୍ ବିବୃତିରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଯାଜପୁର ଜିଲାର ଚାଷୀ, ଶ୍ରମିକ, ମହିଳା, ଛାତ୍ର ଯୁବକଙ୍କ ସକପମସ୍ୟାଗୁଡ଼ିକୁ ନେଇ ଲଗାତର ଗଣ ଆନ୍ଦୋଳନ ସଂଗଠିତ କରି ଆସୁଛି। ଉପରୋକ୍ତ ପ୍ରାର୍ଥୀମାନେ ଏହି ଆନ୍ଦୋଳନରେ ଦୀର୍ଘବର୍ଷ ଧରି ନିଜକୁ ସାମିଲ ହୋଇଛନ୍ତି। ଲୋକ ସଭା ଓ ବିଧାନସଭା ଭିତରେ ସାଧାରଣ ଲୋକଙ୍କ ଦାବିକୁ ଦୃଢ଼ଭାବେ ଉପସ୍ଥାପନ କରିବା ପାଇଁ ଏସ୍‌ୟୁସିଆଇ ପକ୍ଷରୁ ଦିଆଯାଇଥିବା ପ୍ରାର୍ଥୀମାନଙ୍କୁ ବିଜୟୀ କରିବାକୁ ଦଳ ପକ୍ଷରୁ ନିବେଦନ କରାଯାଇଛି।

## ଜିନ୍ଦଲ ଷ୍ଟେନ୍‌ଲେସ୍‌ରେ ଅନ୍ତର୍ଜାତୀୟ ଜଙ୍ଗଲ ଦିବସ

କଳିଙ୍ଗନଗର,୨୧।୩(ଶୁଭାଶିଷ ରାଉତ):

ଜିନ୍ଦଲ ଷ୍ଟେନଲେସ ଲିମିଟେଡର କଳିଙ୍ଗନଗର କାରଖାନାରେ ଗୁରୁବାର ପରିବେଶ ଚେତନା ଏବଂ ଜୈବ ବିବିଧତା ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ଆନ୍ତର୍ଜାତୀୟ ଜଙ୍ଗଲ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ଚାରା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆମ୍ବ, ଜାମୁ, ବେଲ, ପିଜୁଳି ଏବଂ ଲେମ୍ବୁ ଆଦି ଚାରା ସ୍ଥାନୀୟ ସମ୍ପ୍ରଦାୟ ସଦସ୍ୟମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ପରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସ୍ୱୀକୃତିପ୍ରାପ୍ତ ଗ୍ରୀନବେଲ୍ଟ ବିଶେଷଜ୍ଞ ଡ. ସମୀର ଦେଶପାଣ୍ଡେଙ୍କ ସହ ଜୈବ ବିବିଧତା ଏବଂ ଏହାର ପ୍ରାସଙ୍ଗିକତା ଶୀର୍ଷକ ଏକ ୱେବିନାର ଆୟୋଜନ କରାଯାଇଥିଲା। ଡକ୍ଟର ଦେଶପାଣ୍ଡେ ଚଳିତ ବର୍ଷର ବିଷୟବସ୍ତୁ ଜଙ୍ଗଲ ଏବଂ ଉଦ୍ଭାବନ ଉପରେ ଏକ ଅନ୍ତର୍ନିହିତ ଆଲୋଚନା କରି ଉଦ୍ଭାବନ ଏବଂ ନିରନ୍ତର ବିକାଶରେ ଜଙ୍ଗଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ କହିଥିଲେ।

# ୬ଶହ ବର୍ଷର ପ୍ରସିଦ୍ଧ କନିକା ରାଜମେଳଣ ଆରମ୍ଭ

ରାଜକନିକା,୨୧।୩(ସଞ୍ଜୟ କୁମାର ଦାଶ):

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ସଦରରେ ଗୁରୁବାରଠାରୁ ଆରମ୍ଭ ହୋଇଛି ୬ଶହ ବର୍ଷର ପୁରାତନ ପ୍ରସିଦ୍ଧ କନିକା ରାଜ ମେଳଣ । ଏହି ପରମ୍ପରାକୁ ଉଜ୍ଜୀବିତ ରଖି ବସନ୍ତ ପଞ୍ଚମୀରେ ଶ୍ରୀଜୀଉମାନେ ବସନ୍ତ ବିହାର ଦୋଳମଣ୍ଡପରେ ଝୁଲଣଯାତ୍ରାର ଠିକ୍ ୧୫ ଦିନ ଅନ୍ତର ଅର୍ଥାତ୍ ଫଗୁଦଶମୀରୁ ଆରମ୍ଭ ହୋଇଥିବା ମେଳଣରେ ଭେଟଘାଟ ହୋଇଥାନ୍ତି । କନିକା ରାଜ ପରିବାରଙ୍କ ପରିଚାଳନାରେ ଆରମ୍ଭ ହୋଇଥିବା ଏହି ପରମ୍ପରାରେ କନିକାର ୧୦୮ ମଠ ମନ୍ଦିରର ଶ୍ରୀଜୀଉମାନେ ଏହି ୫ଦିନାତ୍ମକ ପଞ୍ଚୁଦୋଳରେ ସାମିଲ ହୋଇଥାନ୍ତି । ଯଥାକ୍ରମେ କାଳିକାପୁର, ଆୟତନ, ଦେଉଳି, ଗିରିଆ ଓ ଅନ୍ତିମ ଦୋଳପୂର୍ଣ୍ଣିମା ଦିନ ରାଜ ମେଳଣ କନିକା ରାଜବାଟୀ ମେଳଣ ପଡ଼ିଆରେ ଅନୁଷ୍ଠିତ ହୋଇଥାଏ। ସେହିଠାରେ ରାଜ-ରାଣୀ ସବୁ ଦିଅଁଙ୍କୁ ଭୋଗଲାଗି କରିବା ସହ ଫଗୁ ଖେଳିଥାନ୍ତି । ଏବେ କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ଓ ରାଣୀ ମୃଣାଳିନୀ ଦେବୀ ଏହି ପରମ୍ପରା ବଜାୟ ରଖିଛନ୍ତି ।



ଦୋଳ ମେଳନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ।



ଦୋଳ ବିମାନକୁ ଶ୍ରଦ୍ଧାଳୁମାନେ ମେଳଣ ପଡ଼ିଆକୁ ଆଣୁଛନ୍ତି ।

ପରମ୍ପରା ଅନୁଯାୟୀ ଶ୍ରୀଜୀଉମାନେ ଏହି ପାଞ୍ଚଦିନାତ୍ମକ ଉତ୍ସବର ପରଦିନ ଅର୍ଥାତ୍ ଘୁଣ୍ଡୁରୀ ବା ଦେଶହୋଲି ଦିନ ଦରିଆ ଦର୍ଶନ ସାରି ମେଣ୍ଢାଶାଳ ପୋଡ଼ି ଆସ୍ଥାନକୁ ଆଗମନ ହେବାର ପରମ୍ପରା ରହିଛି। ଏହି ପ୍ରରିପ୍ରେକ୍ଷୀରେ ରାଜକନିକାର ପୁରପଲ୍ଲୀ ଏବେ ମେଳଣକୁ ନେଇ ଉତ୍ସବ ମୁଖର ହୋଇଉଠିଛି । ଶ୍ରୀଜୀଉମାନେ ସୁସଜ୍ଜିତ ବିମାନରେ ଗାଁକୁ ଗାଁ, ଘରକୁ ଘର ବୁଲି ଭୋଗ ଖାଇବା ପରେ ବିରାଟ ପଟୁଆରରେ ମେଳଣ ଉତ୍ସବକୁ ଆସିଥାନ୍ତି। ଘଣ୍ଟଘଣ୍ଟା, ମୃଦଙ୍ଗ, ଖୋଳ,ଗିନି, ମାର୍ଦ୍ଦଳ ଓ କାହାଳିରେ ପ୍ରକମ୍ପିତ ହୁଏ ଗାଁ। ହୁରି(ଦୋଳ) ଗୀତର ତାଳେ ତାଳେ ହୁରିଆମାନଙ୍କ ନାଚରେ ପ୍ରକମ୍ପିତ ହୁଏ ମେଳଣ ପଡ଼ିଆ । ପୁରୁଣା ସଂସ୍କୃତିକୁ ବଞ୍ଚାଇ ରଖିବା ଲକ୍ଷ୍ୟରେ ଦୋଳ କମିଟି ଗଠନ କରାଯାଇଛି । କମିଟି ଦ୍ୱାରା ଏହି ମେଳଣଉତ୍ସବକୁ ସୂଚାରୁ ରୂପେ ବ୍ୟବସ୍ଥିତ ଢଙ୍ଗରେ କରିବାର ବ୍ୟବସ୍ଥା କରାଯାଇଛି । ଚଳିତ ବର୍ଷ ବଡାଗର ଗ୍ରାମର ଗୋପୀନାଥ ଜୀଉ, ଗଞ୍ଜା ଗ୍ରାମର ଅଭୟ ନୃସିଂହ ଜୀଉ, ଗିରିଜା ଗ୍ରାମର ରାଧାକାନ୍ତ ଜୀଉ, ଆୟତନ ଗ୍ରାମର କୋଟି ବ୍ରହ୍ମାଣ୍ଡ ନାଥ, ବାଦରଜା ଗ୍ରାମର ଲଛମନ ଜୀଉ, ମହାଦେଇଆଡିଆ ଗ୍ରାମର ରାଜଗୁରୁ ଭଳି ଅନ୍ୟ ଶ୍ରୀଜୀଉମାନେ ସୁସଜ୍ଜିତ ବିମାନରେ ମେଳଣ ପଡିଆରେ ବିଜେ କରିବାର କାର୍ଯ୍ୟକ୍ରମ ରହିଛି ।

# ଜଗନ୍ନାଥ ମନ୍ଦିର ସେବାସୀଙ୍କ ଆମରଣ ଅନଶନ

ନୟାଗଡ଼,୨୧।୩(ଲୋକନାଥ ମିଶ୍ର)


ମନ୍ଦିର ସମ୍ମୁଖରେ ଆମରଣ ଅନଶନରେ ବସିଥିବା ସେବାସୀ।

■ ପୂଜାନୀତିରେ ବାରମ୍ବାର ବିଭ୍ରାଟର ବିସ୍ଫୋରକ ରୂପ

■ ଅନ୍ନଭୋଗ ପୂର୍ବାହ୍ନରେ ନ ହୋଇ ପହଡ଼ ପଡ଼ିଥିଲା

■ ବିମଳା ମନ୍ଦିରରୁ ଅବଢ଼ା ଉପକରଣ ହଟାଇବାରେ ପ୍ରଶାସନ ଅସମର୍ଥ

ନୟାଗଡ଼ ପୁରୁଣା ସହରରେ ପୂଜା ପାଉଥିବା ଜଗନ୍ନାଥ ମହାପ୍ରଭୁଙ୍କ ନୀତିକାନ୍ତି ଓ ପୂଜାରେ ବିଭ୍ରାଟ ସମାଧାନ ହେବା ବଦଳରେ ବଢ଼ି ଚାଲିଛି । ଏହି ଘଟଣାରେ ସେବାସୀମାନେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ କରି ଗୁରୁବାର ପୂର୍ବାହ୍ନରେ ଆମରଣ ଅନଶନ କରିଥିଲେ। ବିମଳା ମନ୍ଦିରରୁ ଅବଢ଼ା ଉପକରଣ ନ ହଟାଇବା ଓ ଗୁରୁବାର ମହାପ୍ରଭୁଙ୍କ ଅନ୍ନଭୋଗ ବିଳମ୍ବରେ ହେବାରୁ ସେବାସୀଙ୍କୁ ଆନ୍ଦୋଳନ କରିବାର ଖୋରାକ ଯୋଗାଇଥିଲା।

ଅନଶନରତ ପହଣ୍ଡି ସେବାୟତ ପରିଚାଳନା କମିଟି ସଭାପତି ପ୍ରଭାତ ମହାପାତ୍ର, ଶୁଭ୍ରାଂଶୁ ଦାଶଙ୍କ ଅଭିଯୋଗ ଅନୁଯାୟୀ, ନୟାଗଡ଼ ଜଗନ୍ନାଥ ମହାପ୍ରଭୁଙ୍କ ନୀତିକାନ୍ତି ଓ ପୂଜାରେ ବିଭ୍ରାଟ ସମେତ ଅନ୍ୟାନ୍ୟ ଅବ୍ୟବସ୍ଥା ନେଇ ଗତ ୧୮ ତାରିଖରେ ଆମ୍ଭେ ସେବାୟତମାନେ ଧାରଣରେ ବସିଥିଲୁ। ଦେବୋତ୍ତର ମ୍ୟାନେଜର ଉପଜିଲାପାଳଙ୍କ ସହ ଆଲୋଚନା କରି ମନ୍ଦିର ସୁପରଭାଇଜରଙ୍କୁ ସାମୟିକ ଭାବେ ବଦଳି କରିଥିଲେ। ତେବେ ସେବାୟତଙ୍କ ଅନ୍ୟ ଦାବି ପୂରଣ ହୋଇ ନ ଥିଲା। ଏପରି କି ମନ୍ଦିରର ପୂଜାନୀତିରେ ଅଧିକ ଅବ୍ୟବସ୍ଥା ବଢ଼ି ଚାଲିଥିଲା। ଗୁରୁବାର ଜଗନ୍ନାଥ ମହାପ୍ରଭୁଙ୍କ ପୂର୍ବାହ୍ନ ୧୦ଟାରେ ହେବାକୁ ଥିବା ଅନ୍ନଭୋଗ ହୋଇ ନ ଥିଲା। ପୁଣି ପୂଜାନୀତିରେ ବିଳମ୍ବ ହୋଇଥିଲା। ଏହାର ପ୍ରତିବାଦରେ ଆମେ ଆମରଣ ଅନଶନ ଗୁରୁବାର ପୂର୍ବାହ୍ନ ୧୦ଟାରେ କରିଥିଲୁ। ଆମରଣ ଅନଶନ ଆରମ୍ଭ ହୋଇଥିଲେ ହେଁ ଅନ୍ନଭୋଗ ପହଡ ପଡିବା ସମୟ ପ୍ରାୟ ସାଢ଼େ ୧୨ଟାରେ ଆରମ୍ଭ ହୋଇଥିଲା । ଏଣୁ ଠାକୁରଙ୍କ ନୀତିକାନ୍ତିରେ ବିଳମ୍ବ ହେଲା। ଠାକୁରଙ୍କ ପହଡ ପଡିବା ସାଢ଼େ ୧୨ଟା ବଦଳରେ ଅପରାହ୍ନ ୨ଟା ହୋଇଗଲା। ଆମ୍ଭେ ଅନଶନ କରିବାରୁ ଠାକୁରଙ୍କ ନୀତିକାନ୍ତିର ଅବ୍ୟବସ୍ଥା ପଦାକୁ ଆସିଲା। ଆମରଣ ଅନଶନ ପରେ ନୟାଗଡ଼ ଟାଉନ ଥାନା ପୋଲିସ ହସ୍ତକ୍ଷେପ କରିଥିଲା। ଶୁକ୍ରବାର ମଧ୍ୟାହ୍ନ ୧୨ଟା ଭିତରେ ବିମଳା ମନ୍ଦିରରୁ ଅବଢ଼ା ଉପକରଣ ହଟିବ ବୋଲି କୁହାଯାଇଛି। ନ ହେଲେ ପୋଲିସ ମକଦ୍ଦମା କରିବ ବୋଲି ପ୍ରତିଶ୍ରୁତି ଦେଇଛି। ସେହିପରି ପୂଜା ଓ ଭୋଗ ନୀତି ଠିକ୍‌ରେ ହେବ ବୋଲି ଦେବୋତ୍ତର ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳିଛି। ଏଣୁ ଆମେ ଅପରାହ୍ନ ୩ଟାରେ ଆମରଣ ଅନଶନ ସାମୟିକ ଭାବେ ପ୍ରତ୍ୟାହୃତ କରିଛୁ। ପ୍ରଶାସନ ପ୍ରତିଶ୍ରୁତି ନ ରଖିଲେ ପୁଣି ଆମରଣ ଅନଶନ କରିବୁ ବୋଲି କହିଛୁ।

ଅନ୍ୟପକ୍ଷେ ଗତ ୧୮ ତାରିଖରେ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଧାରଣା ପରେ ବି ସକାଳେ ଓ ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିର ପ୍ରାୟ ୧ ଘଣ୍ଟା ବିଳମ୍ବରେ ଖୋଲୁଛି। ସେହିଭଳି ୨୦୨୧ରୁ ଅବଢ଼ା ନିଲାମ ବନ୍ଦ ହୋଇ ଯାଇଥିବାବେଳେ ପୂର୍ବତନ ନିଲାମଧାରୀ ବିମଳା ମନ୍ଦିରକୁ ଜବରଦଖଲ କରି ମନ୍ଦିରରେ ଅବଢ଼ା ଚାଉଳ, କୁଡିଆ ଆଦି ରଖିଛନ୍ତି। ରଥ ନିର୍ମାଣ ପାଇଁ ଭକ୍ତ ଦାନ କରୁଥିବା କାଠ, ରଥ ନିର୍ମାଣରେ ଲାଗିଥିବା କାଠକୁ ବିକ୍ରି କରାଯିବା ଏବଂ ଅବଢ଼ା ପାଇଁ ରୋଷେଇ କରାଯିବା ଘଟଣାର ତଦନ୍ତ ହେଲା ନାହିଁ। ଏବେ ବି ମନ୍ଦିରରେ ମଦ ବୋତଲ ଗଡୁଛି। ସେହିଭଳି ବଡପଣ୍ଡା ଜଗନ୍ନାଥଙ୍କ ବେଶ ଓ ପୂଜା କରି ପାରୁ ନ ଥିବାବେଳେ ତାଙ୍କୁ ହଟାଗଲାନି। ଜିଲା ସଦର ମହକୁମାରେ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରରେ ଚାଲିଥିବା ଏଭଳି ଅବ୍ୟବସ୍ଥା ବଢ଼ି ଚାଲିଛି, ଅଥଚ ପ୍ରତିକାର କରାଯାଉନି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

### ୨ ଜଣ ମନ୍ଦିର ପରିଚାଳକ

ନୟାଗଡ଼ ଜଗନ୍ନାଥ ମନ୍ଦିରରେ ୨ ଜଣ ମନ୍ଦିର ପରିଚାଳକ ନିଯୁକ୍ତି ପାଇଛନ୍ତି। ଜଣେ ଅତିରିକ୍ତ ଦାୟିତ୍ୱରେ ରହିବେ ଓ ଅନ୍ୟ ଜଣେ ଅତିରିକ୍ତ ଦାୟିତ୍ୱରେ ଥିବା ମନ୍ଦିର ପରିଚାଳକଙ୍କୁ ସହଯୋଗ କରିବେ। ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ ଏନେଇ କୁହନ୍ତି, ଜଗନ୍ନାଥ ମନ୍ଦିରର ସେବାସୀଙ୍କ ବାରମ୍ବାର ଆନ୍ଦୋଳନ ପରେ ନୟାଗଡ଼ ଉପଜିଲାପାଳ ତଥା ନିର୍ବାହୀ ଅଧିକାରୀ ସୁପରଭାଇଜର ନକୁଳ ସାହୁଙ୍କ ବଦଳି କରିଛନ୍ତି। ଶରଣକୁଳ ଲଡୁବାବା ମନ୍ଦିରର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡଙ୍କୁ ନୟାଗଡ ଜଗନ୍ନାଥ ମନ୍ଦିରର ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। ନୟାଗଡ଼ ଦେବୋତ୍ତର ବିଭାଗର ଜୁନିୟର ଆସିଷ୍ଟାଣ୍ଟ ସନ୍ତୋଷ କୁମାର ପ୍ରସାଦଙ୍କୁ ତୁରନ୍ତ ଦାୟିତ୍ୱ ହସ୍ତାନ୍ତର କରିବାକୁ ପୂର୍ବତନ ମନ୍ଦିର ପରିଚାଳକ ନକୁଳ ସାହୁଙ୍କୁ ନିର୍ଦ୍ଦେଶ ରହିଛି। ମନ୍ଦିର ରୀତିନୀତି ଠିକରେ ଚାଲିବ ବୋଲି କହିଛନ୍ତି।

### ଆଜି ଗଡ଼ ଉତ୍ସବ

ନୟାଗଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଶୁକ୍ରବାର ରାତି ୧୦ଟାରେ ଗଡ଼ ଉତ୍ସବ ହେବ। ଏଥିରେ ୧୨ ଶମ୍ଭୁ ମେଳଣ ମୁଖ୍ୟ ଆକର୍ଷଣ। ପୁଣି ଠାକୁର ସହରର ବିଭିନ୍ନ ୱାର୍ଡରେ ବୁଲି ଭୋଗ ଖାଇବେ। ଦୋଳ ଉତ୍ସବ ଓ ଗଡ଼ ଉତ୍ସବକୁ ଠିକ ଭାବେ ପରିଚାଳନା କରିବାକୁ ଦେବୋତ୍ତର ବିଭାଗର ପ୍ରସ୍ତୁତି ଚାଲିଛି। ଏଭଳି ସମୟରେ ସେବାସୀଙ୍କ ଆନ୍ଦୋଳନ ଟେନଶନ ଦେଇଥିଲା। ସେବାସୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ପରେ ଦେବୋତ୍ତର ବିଭାଗ ଆଶ୍ୱସ୍ତି ଅନୁଭବ କରିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅର୍ଚ୍ଚନା


@ କାହ୍ନା


@ ରତ୍ନପର୍ଣ୍ଣା


@ ଶ୍ୟାମସୁନ୍ଦର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଡାକ୍ତର ଦେବରାଜ ପ୍ରଧାନଙ୍କ ପରଲୋକ

ନୟାଗଡ଼,୨୧।୩(ଲୋକନାଥ ମିଶ୍ର)

ନୟାଗଡ଼ ସହର ରତନପୁର ବାସଭବନରେ ବୁଧବାର ବିଳମ୍ବିତ ରାତିରେ ସର୍ଜରୀ ଡାକ୍ତର ଦେବରାଜ ପ୍ରଧାନଙ୍କ ପରଲୋକ ହୋଇ ଯାଇଛି। ତାଙ୍କୁ ୭୩



ବର୍ଷ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ପ୍ରଧାନଙ୍କ ଅନ୍ତିମ ସଂସ୍କାର କରାଯାଇଛି। ପୁଅ ଅନୁପମ ମୁଖାଗ୍ନି ଦେଇଥିଲେ। ଡାକ୍ତର ଦେବରାଜ ପ୍ରଧାନ ଦଶପଲ୍ଲାର ଡିହଗାଁରେ ୧୯୫୧ ମସିହାରେ ଜନ୍ମ ହୋଇଥିଲେ। ଦଶପଲ୍ଲା ଉଚ୍ଚ ବିଦ୍ୟାଳୟର ସେ ଜଣେ ମେଧାବୀ ଛାତ୍ର ଥିଲେ। ବାଲେଶ୍ୱର ଜିଲା ଡାକ୍ତରଖାନାରେ ସର୍ଜରୀ ଡାକ୍ତର ଭାବେ କାମ କରି ଅବସର ନେଇଥିଲେ। ଡାକ୍ତର ପ୍ରଧାନଙ୍କ ପରଲୋକରେ ନୟାଗଡ ଓ ଦଶପଲ୍ଲାରେ ଶୋକର ଛାୟା ଖେଳି ଯାଇଛି।

# ଅସହଯୋଗ ଆନ୍ଦୋଳନରେ ସାମିଲ ହେଲେ ୪ ଆୟୁଷ ଡାକ୍ତର

### ରୋଗୀ ସେବା ଛଡ଼ା ଅନ୍ୟ କାର୍ଯ୍ୟ ବନ୍ଦ

ଖଣ୍ଡପଡ଼ା,୨୧।୩ (ଅଜୟ କୁମାର ମହାରଣା)


ଆୟୁଷ ଡାକ୍ତର ଦାବିପତ୍ର ପ୍ରଦାନ କରୁଛନ୍ତି।

ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ଓଡିଶାର ସମସ୍ତ ଆୟୁଷ ଡ଼ାକ୍ତର ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାର ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ କଣ୍ଟିଲୋ, ବନମାଳୀପୁର ଓ କୁମ୍ଭାରପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ତ୍ତବ୍ୟରତ ୪ ଜଣ ଆୟୁଷ ଡ଼ାକ୍ତର ବୁଧବାରଠାରୁ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଡ଼ାକ୍ତରମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନରେ ସାମିଲ ହୋଇଥିବା ବେଳେ କେବଳ ରୋଗୀସେବା ଓ ଆୟୁଷ ସେବା ଛଡା ଅନ୍ୟ କୌଣସି କାର୍ଯ୍ୟ ସଂପାଦନ କରିବେ ନାହିଁ ବୋଲି କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡ଼ାକ୍ତର ଡା.ଏଲୋରା ଦାସ ଓ ଡା. ରବିନ୍ଦ୍ର କୁମାର ସାହୁଙ୍କଠାରୁ ପ୍ରକାଶ। ଏ ସମ୍ପର୍କୀତ ଏକ ଅଭିଯୋଗପତ୍ର ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧାରୀ ଡା.ଅଭିଷାର ପଣ୍ଡାଙ୍କୁ ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ଗତ ୫ବର୍ଷ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟମନ୍ତ୍ରୀ ଓ ଉଚ୍ଚପଦସ୍ଥ ଅଧିକାରୀମାନେ ଆୟୁଷ ଡ଼ାକ୍ତରଙ୍କୁ ନିୟମିତ କରାଯିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ମାତ୍ର ଦୀର୍ଘ ବର୍ଷ ପରେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେବେ ଆୟୁଷ ଡ଼ାକ୍ତରମାନେ ଦାବି ହାସଲ ହେବା ଯାଏ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଚାଲୁ ରଖିବେ ବୋଲି ସଂଘ ନିଷ୍ପତ୍ତି ନେଇଥିବା ଜଣାପଡିଛି।

## ଅଚଳ ନଳକୂପଗୁଡ଼ିକୁ ସଜାଡ଼ିବାରେ କର୍ତ୍ତୃପକ୍ଷଙ୍କ ଉଦାସୀନତା

ଖଣ୍ଡପଡା,୨୧।୩
(ଅଜୟ କୁମାର ମହାରଣା)

ଖଣ୍ଡପଡା ସହରର ବିଭିନ୍ନ ସ୍ଥାନରେ ଥିବା ନଳକୂପଗୁଡିକରୁ ଏବେ ଅଧିକାଂଶ ଅଚଳ ଅବସ୍ଥାରେ ପଡିରହିଛି। ଅଚଳ ନଳକୂପଗୁଡିକର ମରାମତି ଓ ରକ୍ଷଣାବେକ୍ଷଣ ଦିଗରେ ଜନସ୍ୱାସ୍ଥ୍ୟ ବିଭାଗ ଉଦାସୀନତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖସ୍ଥ ରାସ୍ତାପାର୍ଶ୍ୱରେ ଅବସ୍ଥିତ ଏକ ନଳକୂପ ମାଟିରେ ପୋତି ହୋଇ ପଡି ରହିଥିବା ବେଳେ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ନଳକୂପ ବାଉଁଶ ବୁଦା ଓ ଅଳିଆ ଗଦା ମଧ୍ୟରେ ଲୁଚି ଯିବାକୁ ବସିଲାଣି। ଖଣ୍ଡପଡା ସହରାଞ୍ଚଳର ବିଭିନ୍ନ ସ୍ଥାନରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକାଧିକ ନଳକୂପ ସ୍ଥାପନ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ନଳକୂପର ମରାମତି ପ୍ରତି ବିଭାଗୀୟ ଅଧିକାରୀ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ଆଗକୁ ଗ୍ରୀଷ୍ମର ପ୍ରକୋପରେ ସହରବାସୀ ଜଳକଷ୍ଟ ଭୋଗିବାର ଆଶଙ୍କା ରହିଛି। ତେଣୁ ସହରବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅଚଳ ଅବସ୍ଥାରେ ପଡିରହିଥିବା ନଳକୂପଗୁଡିକୁ ପୁନଃ କାର୍ଯ୍ୟକ୍ଷମ କରିବା ଦିଗରେ ଜନସ୍ୱାସ୍ଥ୍ୟ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି। ଅଭିଯୋଗ ପ୍ରତି ଖଣ୍ଡପଡା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଇଂ.ତ୍ରିଲୋଚନ ବେହେରା ଦୃଷ୍ଟି ଦେବେ ବୋଲି କହିଛନ୍ତି।

# ଓଡ଼ିଆ ବିଭାଗରେ ବିଦାୟକାଳୀନ ସମ୍ବର୍ଦ୍ଧନା

ଖଣ୍ଡପଡ଼ା,୨୧।୩
(ଅଜୟ କୁମାର ମହାରଣା)



ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

ନୀଳମାଧବ ମହାବିଦ୍ୟାଳୟ କଣ୍ଟିଲୋ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୁଲ୍ୟରେ ଗୁରୁବାର ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ରୀଛାତ୍ରମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ପଥରଚକଡା ମା'ନାରାୟଣୀ ପୀଠରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ନିରୋଦ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଈଶ୍ୱର ଚନ୍ଦ୍ର ଦାଶ, ମୁଖ୍ୟବକ୍ତା ଭାବେ ଖବରଦାତା ପ୍ରଭାକର ଶିରୋମଣି, ସମ୍ମାନୀତ ଅତିଥି ଭାବେ ଅଧ୍ୟାପିକା ଜୟଶ୍ରୀ ସାହୁ, ଅଧ୍ୟାପକ ପବିତ୍ର କୁମାର ବେହେରା ଓ ଅଧ୍ୟାପକ ସୌମ୍ୟସୁମନ ସାହୁ ପ୍ରମୁଖ ଯୋଗଦେଇ ବିଦାୟୀ ଛାତ୍ରୀ ଛାତ୍ରଙ୍କୁ ମାନବିକତା ବୋଧ ଓ ସେବା ମନୋବୃତ୍ତିକୁ ଆପଣେଇବା, ନିଷ୍ଠାର ସହ ଅଧ୍ୟୟନ କଲେ ସଫଳତା ମିଳିବ ବୋଲି ପରାମର୍ଶ ଦେଇଥିଲେ। ଅଧ୍ୟାପିକା ରୀମା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଓଡିଆ ବିଭାଗର ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଛାତ୍ର ଉପସ୍ଥିତ ଥିଲେ।

# ଇଟାମାଟିରେ କଣ୍ଢେଇ ଦିବସ

ନୟାଗଡ଼,୨୧।୩(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଇଟାମାଟିରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କଣ୍ଢେଇ ଦିବସ ପାଳିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଦ୍ୱିତୀୟ ସୋପାନ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ଅନୁଷ୍ଠିତ ହୋଇଯାଇଛି। ଉଭୟ କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ସୋନାଲିକା ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଶିଶୁବାଟିକା ପ୍ରମୁଖ ଚୁନି ଗୁରୁମା ଅତିଥିଙ୍କ ପରିଚୟ ପ୍ରଦାନ ଓ ଆଚାର୍ଯ୍ୟଙ୍କ ପ୍ରତିନିଧି ପ୍ରଦୀପ୍ତ କୁମାର ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଧାରଣା ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟବକ୍ତା ଭାବେ ଅଙ୍ଗନୱାଡ଼ି କର୍ମୀ ସରୋଜିନୀ ସାହୁ ଯୋଗ ଦେଇ ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ଦ୍ୱିତୀୟ ସୋପାନ ବୋଲି କହିଥିଲେ। ସେହିପରି ଶିଶୁ ଶିକ୍ଷାରେ ମାତା ପିତାଙ୍କ ଭୂମିକା ଉପରେ ଅଭିଭାବକମାନଙ୍କୁ ସୁନ୍ଦର ଭାବେ ବୁଝାଇଥିଲେ। ଶେଷରେ ବନ୍ଦେମାତରମ ପରେ ସମସ୍ତ ଅଭିଭାବକ ପ୍ରଦର୍ଶନୀ ବୁଲି ଦେଖିଥିଲେ । ଏହି କାର୍ଯ୍ୟକ୍ରମକୁ ଶିଶୁବାଟିକା ପ୍ରମୁଖ ଚୁନି ଗୁରୁମାଙ୍କ ସମେତ ସମସ୍ତ ଗୁରୁମା, ଗୁରୁଜୀ ଓ ସେବକା, ସେବକମାନଙ୍କ ସହାୟତାରେ ସଫଳ କରାଇଥିଲେ।


କଣ୍ଢେଇ ଦିବସ କାର୍ଯ୍ୟକ୍ରମରେ ସାମିଲ ଛାତ୍ରଛାତ୍ରୀ।

# ପାଇଖାନା ନିର୍ମାଣରେ ଅନିୟମିତତା

### ପୂର୍ବତନ ବିଡିଓ, ତତ୍କାଳୀନ ୨ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

ଖଣ୍ଡପଡ଼ା,୨୧।୩
(ଅଜୟ କୁମାର ମହାରଣା)



ଖଣ୍ଡପଡ଼ା ବ୍ଲକ୍ ଅଧୀନ ୨୨ ପଞ୍ଚାୟତରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଯୋଜନାରେ ୨୨ ହଜାର ପାଇଖାନା ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ୨୬କୋଟି ୪୦ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା। ଖଣ୍ଡପଡ଼ା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ସୁବ୍ରତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ ପଞ୍ଚାୟତରେ ୮ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତ ଲୋକପ୍ରତିନିଧିଙ୍କ ସମେତ ବିଭିନ୍ନ ଏଜେନ୍ସି ଜରିଆରେ ପ୍ରଶାସନ ପକ୍ଷରୁ ଚିହ୍ନଟ ହୋଇଥିବା ହିତାଧିକାରୀଙ୍କ ଘରେ ପାଇଖାନା ନିର୍ମାଣ କାର୍ଯ୍ୟ ସହ ଏ ବାବଦରେ ବ୍ଲକ୍ ପ୍ରଶାସନ ପକ୍ଷରୁ ବିଲ୍ ପୈଠ କରାଯାଇଥିଲା। ଅଧିକାଂଶ ସ୍ଥାନରେ ନିମ୍ନମାନର କାର୍ଯ୍ୟଯୋଗୁ ପାଇଖାନା ଜନସାଧାରଣଙ୍କ କାର୍ଯ୍ୟରେ ନ ଲାଗି ଅବ୍ୟବହୃତ ଅବସ୍ଥାରେ ପଡ଼ିରହିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପରେ ପାଇଖାନା ନିର୍ମାଣରେ ହୋଇଥିବା ଦୁର୍ନୀତି ଓ ଅନିୟମିତତାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେହି ସମୟରେ ଖଣ୍ଡପଡ଼ା ବିଡ଼ିଓ ଓ ଜିଲ୍ଲା ପ୍ରଶାସନ ନିକଟରେ ହିତାଧିକାରୀମାନେ ଅଭିଯୋଗପତ୍ର ଦାଖଲ କରିଥିଲେ। ମାତ୍ର ପ୍ରଶାସନ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ତଦନ୍ତରେ ଶିଥିଳତା ଯୋଗୁ ପରେ ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଲୋକାୟୁକ୍ତଙ୍କ ନିକଟରେ ଏ ସମ୍ପର୍କୀତ ଅଭିଯୋଗପତ୍ର ଦାଖଲ କରିଥିଲେ। ଲୋକାୟୁକ୍ତଙ୍କ ନିର୍ଦ୍ଦେଶ କ୍ରମେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଂଘାପଡ଼ା, ଗଡ଼ିଆସାହି, କିଆଝର, ମର୍ଦ୍ଦରାଜପୁର, କୋସ୍କା, କଣ୍ଟିଲୋ ଆଦି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରେ ପାଇଖାନା ନିର୍ମାଣରେ ହୋଇଥିବା ଦୁର୍ନୀତି ଓ ଅନିୟମିତତାର ତଦନ୍ତ କରାଯାଇଥିଲା। ତଦନ୍ତ ରିପୋର୍ଟ ଅନୁଯାୟୀ ଅଭିଯୋଗର ସତ୍ୟତା ଥିବା ଜଣାପଡ଼ିବା ସହ ସରକାରଙ୍କ ପକ୍ଷରୁ ପାଇଖାନା ନିର୍ମାଣ ବାବଦରେ ମଞ୍ଜୁର ହୋଇଥିବା ଅନୁଦାନ ଅର୍ଥରୁ ୭୪ ପ୍ରତିଶତ ଅର୍ଥ ବାଟମାରଣା ହୋଇଥିବା ଜଣାପଡ଼ିଥିଲା। ତଦନ୍ତ ରିପୋର୍ଟକୁ ଆଧାର କରି ପାଇଖାନା ନିର୍ମାଣ କରିଥିବା ୮ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ କଳା ତାଲିକା ଭୁକ୍ତ କରିବା ପାଇଁ ଲୋକାୟୁକ୍ତ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଖଣ୍ଡପଡ଼ା ବ୍ଲକ୍‌ର ତତ୍କାଳୀନ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ସୁବ୍ରତ କୁମାର ସାହୁଙ୍କ ସମେତ ତତ୍କାଳୀନ ବିଡ଼ିଓ ପ୍ରମୋଦ କୁମାର ନାଏକ, ଶିବାନନ୍ଦ ସ୍ୱାଇଁ, ଗୌରବମୟ ପ୍ରଧାନଙ୍କ ସମେତ ତତ୍କାଳୀନ ବିଭାଗୀୟ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଥିବା ଏ ସମ୍ପର୍କୀତ ନିର୍ଦ୍ଦେଶନାମା ପତ୍ରରୁ ଜଣାପଡ଼ିଛି।

# ସାଉଥ୍ ଡର୍ବିରେ ସିଏସ୍‌କେ-ଆର୍‌ସିବି

ଚେନ୍ନାଇ,୨୧।୩ (ପି.ଟି.)

ବିଶ୍ୱର ସବୁଠାରୁ ଧନଶାଳୀ କ୍ରିକେଟ ଲିଗ୍ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ର ୧୭ତମ ସଂସ୍କରଣ ଶୁକ୍ରବାର ଆରମ୍ଭ ହେବାକୁ ଯାଉଛି। ଚେନ୍ନାଇର ଏମ୍. ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଉଦ୍‌ଘାଟନୀ ମ୍ୟାଚ୍‌ରେ ଦେଖିବାକୁ ମିଳିବ ସାଉଥ୍ ଡର୍ବି। ଦୁଇ ଦକ୍ଷିଣ ଭାରତୀୟ ଦଳ ରୟାଲ ଚ୍ୟାଲେଞ୍ଜର୍ସ

**ଆଜିଠୁ ଆଇପିଏଲ୍**

ମ୍ୟାଚ୍ ସ୍ଥାନ: ଏମ୍. ଏ. ଚିଦାମ୍ବରମ୍ ଷ୍ଟାଡିୟମ, ଚେନ୍ନାଇ
ସମୟ: ରାତି ୮.୦୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ବାଙ୍ଗାଲୋର(ଆର୍‌ସିବି) ଓ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ) ପରସ୍ପରର ମୁକାବିଲା କରିବେ। ଆଇପିଏଲ୍‌ର ସବୁଠୁ ଲୋକପ୍ରିୟ ଦଳ ଆର୍‌ସିବି ଟ୍ରଫି ଶୂନ୍ୟ ରହିଥିବା ବେଳେ ପ୍ରଥମ ଟାଇଟଲ ଆଶାରେ ରହିବ। ଅନ୍ୟପକ୍ଷରେ ୫ ଟ୍ରଫି ସହ ଆଇପିଏଲ୍ ଇତିହାସର ସଫଳ ଦଳ ତଥା ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇ ମଧ୍ୟ ନିଜର ଅଭିଯାନ ଆରମ୍ଭ କରିବ। ଆଇପିଏଲ୍ ଉଦ୍‌ଘାଟନୀ ମ୍ୟାଚ୍‌ର ଗୋଟିଏ ଦିନ ପୂର୍ବରୁ ମହେନ୍ଦ୍ର ସିଂ ଧୋନୀ ଅଧିନାୟକ ପଦ ଛାଡିବା ସହିତ ଋତୁରାଜ ଗାଏକ୍ୱାଡ୍‌ଙ୍କୁ ବାଟନ ପାସ୍ କରିଛନ୍ତି। ଧୋନୀଙ୍କ ପରାମର୍ଶରେ ଗାଏକ୍ୱାଡ୍ ସିଜନର ସଫଳ ଆରମ୍ଭ ପାଇଁ ଚେଷ୍ଟା କରିବେ। ଅନ୍ୟପକ୍ଷରେ ଓମେନ୍ସ ପ୍ରିମିୟର ଲିଗ୍‌ରେ ପ୍ରଥମ ଟାଇଟଲ ଜିତିଥିବା ଆର୍‌ସିବି ଆଇପିଏଲ୍‌ରେ ପୁରୁଷ ଦଳ ସହ ସମାନ ସଫଳତା ହାସଲ କରିବାକୁ ପ୍ରୟାସ କରିବ।

ଧୋନୀଙ୍କ ଭୂମିକା ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳି ନ ଥିବା ବେଳେ ସେ ଚଳିତ ସିଜନ ଶେଷରେ ଅବସର ନେବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ତେଣୁ ଆଉ ଏକ ଟାଇଟଲ ସହିତ ଆଇପିଏଲ୍‌ର ଶ୍ରେଷ୍ଠ ଅଧିନାୟକଙ୍କୁ ବିଦାୟ ଜଣାଇବାକୁ ଚାହିଁବ ସିଏସ୍‌କେ। ଡେଭନ୍ କନ୍‌ୱେଙ୍କ ଅନୁପସ୍ଥିତିରେ ରାଚିନ୍ ରବୀନ୍ଦ୍ରଙ୍କୁ ଟପ୍ ଅର୍ଡରରେ ଦେଖିବାକୁ ମିଳିବ। ଅନ୍ୟତମ ନ୍ୟୁଜିଲାଣ୍ଡ ଖେଳାଳି ଡାରିଲ୍ ମିଚେଲ୍‌ଙ୍କୁ ମଧ୍ୟକ୍ରମରେ ଦେଖିବାକୁ ମିଳିପାରେ। ସେହିପରି ଗତ ସିଜନର ଷ୍ଟାର ଅଜିଙ୍କ୍ୟ ରାହାନେଙ୍କ ଅଭିଜ୍ଞତା ଓ ଋତୁରାଜ ଗାଏକ୍ୱାଡ୍‌ଙ୍କ ଅଧିନାୟକତ୍ୱରୁ ଫାଇଦା ନେବାକୁ ପ୍ରୟାସ କରିବ। ଗାଏକ୍ୱାଡ୍ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟରେ ସର୍ବାଧିକ ସ୍କୋରର ଭାବେ ଆଇପିଏଲ୍ ଖେଳିବାକୁ ଯାଉଛନ୍ତି। ସେହିପରି ଏମ୍. ଏ. ଚିଦାମ୍ବରମ୍ ଷ୍ଟାଡିୟମ ସ୍ପିନରଙ୍କୁ ସୁହାଉଥିବା ବେଳେ ଚେନ୍ନାଇ ନିକଟରେ ଏକାଧିକ ସ୍ପିନ ବୋଲିଂ ଅଲରାଉଣ୍ଡର ବିକଳ୍ପ ଉପଲବ୍ଧ ରହିଛି। ରବୀନ୍ଦ୍ର ଜାଡେଜା, ମୋଇନ୍ ଅଲୀ, ମିଚେଲ ସାଣ୍ଟନର ଓ ମହୀଷ ଥିକ୍‌ସାନାଙ୍କ ଉପସ୍ଥିତି ଦଳକୁ ଶକ୍ତିଶାଳୀ କରୁଛି। ଦୀପକ ଚହର ଓ ଶାର୍ଦ୍ଦୂଳ ଠାକୁରଙ୍କ ରୂପରେ ଦଳ ନିକଟରେ ଦୁଇ ପେସ୍ ବୋଲିଂ ଅଲରାଉଣ୍ଡର ରହିଛନ୍ତି। ତେବେ ଶ୍ରୀଲଙ୍କାର ସ୍ଲିଙ୍ଗର ମଥିଶା ପଥିରାନାଙ୍କୁ ମିସ୍ କରିବ ଚେନ୍ନାଇ।


ଆଇପିଏଲ୍ କ୍ୟାପ୍ଟେନ୍ସ ଡେ' ସେରିମନିରେ ଉପସ୍ଥିତ ସମସ୍ତ ଦଳର ଅଧିନାୟକ।

ପ୍ରଥମ ଟାଇଟଲ୍ ଲକ୍ଷ୍ୟରେ ଥିବା ଆଇପିଏଲ୍ ଫ୍ରାଞ୍ଚାଇଜି ଆର୍‌ସିବି ପାଇଁ ଆଶାର କିରଣ ରହିବେ ଅଧିନାୟକ ଫାଫ୍ ଡୁ ପ୍ଲେସି ଓ ବିରାଟ କୋହଲି। ଉଭୟ ଖେଳାଳି ଦୁଇ ମାସର ବ୍ରେକ୍ ପରେ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଚମତ୍କାର ଇନିଂସ ଆଶା କରିବେ ଫ୍ୟାନ୍। ସେହିପରି କାମେରନ୍ ଗ୍ରୀନ୍ ଓ ଗ୍ଲେନ୍ ମ୍ୟାକ୍ସୱେଲ ବିସ୍ଫୋରକ ବ୍ୟାଟିଂ ପାଇଁ ଜଣାଶୁଣା। ମଧ୍ୟକ୍ରମରେ ରଜତ ପଟିଦାର ଓ ଦୀନେଶ କାର୍ତ୍ତିକଙ୍କ ଉପରେ ସଭିଙ୍କ ନଜର ରହିବ। ଚଳିତ ସିଜନରେ ଆର୍‌ସିବିର ପେସ୍ ବୋଲିଂ କିନ୍ତୁ ବେଶ୍ ଶକ୍ତିଶାଳୀ ରହିଛି। ମହମ୍ମଦ ସିରାଜଙ୍କ ନେତୃତ୍ୱରେ ଲୋକି ଫର୍ଗୁସନ, ଆଲଜାରି ଯୋଶେଫ, ଆକାଶ ଦୀପ ଓ ରିସି ଟପ୍‌ଲେଙ୍କ ପରି ଖେଳାଳି ରହିଛନ୍ତି। ତେବେ ଦଳର ସ୍ପିନ୍ ଆକ୍ରମଣ ସାମାନ୍ୟ ଦୁର୍ବଳ ମନେହେଉଛି। ହସରଙ୍ଗାଙ୍କୁ ଦଳ ରିଲିଜ୍ କରିଥିବା ବେଳେ କର୍ନ ଶର୍ମା ଓ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ଉପରେ ସ୍ପିନ ବୋଲିଂ ଭାର ରହିବ। ଦଳ ନିକଟରେ ହିମାଂଶୁ ଶର୍ମା ଓ ମୟଙ୍କ ଡାଗର ରହିଥିଲେ ମଧ୍ୟ ଉଭୟଙ୍କ ନିକଟରେ ଅଭିଜ୍ଞତାର ଅଭାବ ରହିଛି। ଉଲ୍ଲେଖଯୋଗ୍ୟ ଯେ ଗୁରୁବାର ଚେନ୍ନାଇରେ କ୍ୟାପଟେନ୍ସ ମିଟ୍ ହୋଇଥିବା ବେଳେ ୮ ଫ୍ରାଞ୍ଚାଇଜର ଅଧିନାୟକ ଯୋଗ ଦେଇଥିଲେ। ଶିଖର ଧାୱନଙ୍କ ଅନୁପସ୍ଥିତିରେ ପଞ୍ଜାବ କିଙ୍ଗ୍ସ ଉପ ଅଧିନାୟକ ଜୀତେଶ ଶର୍ମା କ୍ୟାପଟେନ୍ସ ମିଟ୍‌ରେ ଯୋଗ ଦେଇଥିଲେ।

## 'ଓଡ଼ିଆରେ କମେଣ୍ଟ୍ରି ଦାବି'

କଟକ,୨୧।୩ (କାର୍ତ୍ତିକ ସାହୁ)

ଆଇପିଏଲ୍‌ରେ ଓଡ଼ିଆ ଧାରା ବିବରଣୀବନ୍ଦ କରାଯାଇଥିବା ବେଳେ ଓଡ଼ିଆ କ୍ରୀଡାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତବର୍ଷ ଆଇପିଏଲ୍‌ରେ ଓଡ଼ିଆ ସମେତ ବାରଟି ଭାଷାରେ ଧାରା ବିବରଣୀ ଶୁଣିବାକୁ ମିଳିଥିଲା। କିନ୍ତୁ ଚଳିତ ବର୍ଷ ଆଇପିଏଲ୍‌ରେ ଓଡିଆ ଭାଷା ବାଦ ପଡ଼ିଛି। ଓଡିଆ ଭଳି ଶାସ୍ତ୍ରୀୟ ଓ ଲୋକପ୍ରିୟ ଭାଷାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଖେଳରେ ଅଣଦେଖା କରାଯାଇଛି। ସୂଚନାଯୋଗ୍ୟ ଏଗାରଟି ଭାଷା ମଧ୍ୟରୁ କ୍ରିକେଟ ଧାରା ବିବରଣୀ ଶୁଣୁଥିବା ଓ ଦେଖୁଥିବା ଶ୍ରୋତା ଓ ଦର୍ଶକଙ୍କ ତୁଳନାରେ ଓଡ଼ିଆଙ୍କ ସଂଖ୍ୟା କିଛି କମ୍ ନୁହେଁ। ପୁଣି ଲୋକପ୍ରିୟତା ଦୃଷ୍ଟିରୁ କେତେକ ରାଜ୍ୟ ଫୁଟବଲ୍ ପ୍ରଧାନ ରାଜ୍ୟ ହୋଇଥିବା ବେଳେ ଓଡିଶାରେ କ୍ରିକେଟର ଲୋକପ୍ରିୟତା ରହିଛି। ଆଇପିଏଲରୁ ଓଡ଼ିଆ ଭାଷା ବାଦ ପଡିବାକୁ ନେଇ ଅଧ୍ୟାପକ ଗୋପୀନାଥ ପଣ୍ଡା, ଶିକ୍ଷାବିତ ଅନନ୍ତ ଚରଣ ଦାସ, ଡାକ୍ତର ନିର୍ମଳେନ୍ଦୁ କୁମାର ଦାଶ, ପ୍ରଫେସର ଉମାଶଙ୍କରର ମିଶ୍ର, ସାହିତ୍ୟିକ ସଞ୍ଜିତ ପଟ୍ଟନାୟକଙ୍କ ସମେତ ଅନ୍ୟ ମାନେ ପ୍ରତିବାଦ କରିଛନ୍ତି।


ଲକ୍ଷ୍ନୌ ସୁପରଜାଏଣ୍ଟ ନେଟ୍ସରେ କୃନାଲ ପାଣ୍ଡ୍ୟା।

## ଆଇପିଏଲ୍ କାର୍ଯ୍ୟସୂଚୀ (ପ୍ରଥମ ପର୍ଯ୍ୟାୟ)

| ତାରିଖ | ଟିମ୍ | ଭେନ୍ୟୁ | ସମୟ |
|---|---|---|---|
| ମାର୍ଚ୍ଚ ୨୨ | ସିଏସ୍‌କେ ବନାମ ଆର୍‌ସିବି | ଚେନ୍ନାଇ | ରାତି ୮ଟା |
| ମାର୍ଚ୍ଚ ୨୩ | ପଞ୍ଜାବ କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ମୋହାଲି | ଅପରାହ୍ନ ୩ଟା ୩୦ |
| | କେକେଆର୍ ବନାମ ସନରାଇଜର୍ସ ହାଇଦ୍ରାବାଦ | କୋଲକାତା | ରାତି ୭ଟା ୩୦ |
| ମାର୍ଚ୍ଚ ୨୪ | ରାଜସ୍ଥାନ ରୟାଲ୍ସ ବନାମ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ଜୟପୁର | ଅପରାହ୍ନ ୩ଟା ୩୦ |
| | ଗୁଜରାଟ ଟାଇଟନ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ଅହମଦାବାଦ | ରାତି ୭ଟା ୩୦ |
| ମାର୍ଚ୍ଚ ୨୫ | ଆର୍‌ସିବି ବନାମ ପଞ୍ଜାବ କିଙ୍ଗ୍ସ | ବେଙ୍ଗାଲୁରୁ | ରାତି ୭ଟା ୩୦ |
| ମାର୍ଚ୍ଚ ୨୬ | ସିଏସ୍‌କେ ବନାମ ଗୁଜରାଟ ଟାଇଟନ୍ସ | ଚେନ୍ନାଇ | ରାତି ୭ଟା ୩୦ |
| ମାର୍ଚ୍ଚ ୨୭ | ସନରାଇଜର୍ସ ହାଇଦ୍ରାବାଦ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ହାଇଦ୍ରାବାଦ | ରାତି ୭ଟା ୩୦ |
| ମାର୍ଚ୍ଚ ୨୮ | ରାଜସ୍ଥାନ ରୟାଲ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ଜୟପୁର | ରାତି ୭ଟା ୩୦ |
| ମାର୍ଚ୍ଚ ୨୯ | ଆର୍‌ସିବି ବନାମ କେକେଆର | ବେଙ୍ଗାଲୁରୁ | ରାତି ୭ଟା ୩୦ |
| ମାର୍ଚ୍ଚ ୩୦ | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବନାମ ପଞ୍ଜାବ କିଙ୍ଗ୍ସ | ଲକ୍ଷ୍ନୌ | ରାତି ୭ଟା ୩୦ |
| ମାର୍ଚ୍ଚ ୩୧ | ଗୁଜରାଟ ଟାଇଟନ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ | ଅହମଦାବାଦ | ଅପରାହ୍ନ ୩ଟା ୩୦ |
| | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ସିଏସ୍‌କେ | ଭାଇଜାଗ୍ | ରାତି ୭ଟା ୩୦ |
| ଏପ୍ରିଲ ୧ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ରାଜସ୍ଥାନ ରୟାଲ୍ସ | ମୁମ୍ବାଇ | ରାତି ୭ଟା ୩୦ |
| ଏପ୍ରିଲ ୨ | ଆର୍‌ସିବି ବନାମ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ବେଙ୍ଗାଲୁରୁ | ରାତି ୭ଟା ୩୦ |
| ଏପ୍ରିଲ ୩ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ କେକେଆର୍ | ଭାଇଜାଗ୍ | ରାତି ୭ଟା ୩୦ |
| ଏପ୍ରିଲ ୪ | ଗୁଜରାଟ ଟାଇଟନ୍ସ ବନାମ ପଞ୍ଜାବ କିଙ୍ଗ୍ସ | ଅହମଦାବାଦ | ରାତି ୭ଟା ୩୦ |
| ଏପ୍ରିଲ ୫ | ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ ସିଏସ୍‌କେ | ହାଇଦ୍ରାବାଦ | ରାତି ୭ଟା ୩୦ |
| ଏପ୍ରିଲ ୬ | ରାଜସ୍ଥାନ ରୟାଲ୍ସ ବନାମ ଆର୍‌ସିବି | ଜୟପୁର | ରାତି ୭ଟା ୩୦ |
| ଏପ୍ରିଲ ୭ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ମୁମ୍ବାଇ | ଅପରାହ୍ନ ୩ଟା ୩୦ |
| | ଏଲ୍‌ସିଜି ବନାମ ଗୁଜରାଟ ଟାଇଟନ୍ସ | ଲକ୍ଷ୍ନୌ | ରାତି ୭ଟା ୩୦ |

# ଧୋନୀ ଓହରିଲେ, ଋତୁରାଜ ନୂଆ ଅଧିନାୟକ

ଚେନ୍ନାଇ,୨୧।୩(ପି.ଟି.)

ଭାରତୀୟ କ୍ରିକେଟର କିମ୍ବଦନ୍ତୀ ମହେନ୍ଦ୍ର ସିଂ ଧୋନୀ ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ପଦରୁ ଓହରି ଯାଇଛନ୍ତି। ଯୁବ ଓପନର ଋତୁରାଜ ଗାଏକ୍ୱାଡଙ୍କୁ ବାଟନ୍ ପାସ୍ କରିବା ସହିତ ଆଇପିଏଲ୍‌ର ସଫଳତମ ଅଧିନାୟକ ନିଜ ପଦ ଛାଡିଛନ୍ତି। ଆଇପିଏଲ୍‌ର ୧୭ତମ ସଂସ୍କରଣ ଆରମ୍ଭ ହେବାର ଗୋଟିଏ ଦିନ ପୂର୍ବରୁ ଧୋନୀ ଏଭଳି ନିଷ୍ପତ୍ତି ନେଇଛନ୍ତି। ସଫଳତମ ଆଇପିଏଲ୍ ଅଧିନାୟକ ଭାବରେ ୫ ଥର ଆଇପିଏଲ୍ ଟ୍ରଫି ଜିତିଥିବା ଧୋନୀ ଓହରିବା ପରେ ସିଏସ୍‌କେରେ ଏକ ଯୁଗର ଅବସାନ ଘଟିଛି। ଅନ୍ୟପକ୍ଷରେ ଗାଏକ୍ୱାଡ ୨୦୧୯ରୁ ସୁପର କିଙ୍ଗ୍ସ ସ୍କ୍ୱାଡର ମୁଖ୍ୟ ଅଂଶ ଭାବେ ରହିଆସିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ ଫ୍ରାଞ୍ଚାଇଜ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏହି ଖବରକୁ ସ୍ପଷ୍ଟ କରାଯାଇଛି। ତେବେ ଚେନ୍ନାଇ ଘୋଷଣା କରିବା ପୂର୍ବରୁ ବିସିସିଆଇର 'ଏକ୍ସ' ହ୍ୟାଣ୍ଡେଲରେ ଏହି ଖବର ଦେଖିବାକୁ ମିଳିଥିଲା। କ୍ୟାପ୍‌ଟେନ୍ସ ମିଟ୍‌ରେ ଋତୁରାଜ ଯୋଗ ଦେଇଥିବା ବେଳେ ପ୍ରଥମେ ବିସିସିଆଇ ଏହା ପୋଷ୍ଟ କରିଥିଲା।

ସୂଚନା ଅନୁଯାୟୀ, ଚଳିତ ସିଜନ ସମ୍ଭବତଃ ଧୋନୀଙ୍କ କ୍ୟାରିୟରର ଶେଷ ଆଇପିଏଲ୍ ହୋଇପାରେ। ତେଣୁ ସିଜନ ପୂର୍ବରୁ ଋତୁରାଜଙ୍କୁ ପ୍ରସ୍ତୁତ କରିବା ପାଇଁ ଧୋନୀ କ୍ୟାପଟେନ୍ସି ଛାଡିଥିବା ଚର୍ଚ୍ଚା ହେଉଛି। ଭାରତ ପାଇଁ ୬ ଦିନିକିଆ ଓ ୧୯ ଟି୨୦ ଖେଳିସାରିଥିବା ୨୭ ବର୍ଷୀୟ ଗାଏକ୍ୱାଡ ଆଇପିଏଲ୍‌ର ୫ ସିଜନରେ ୫୨ ମ୍ୟାଚ ଖେଳିସାରିଛନ୍ତି। ଏସିଆନ୍ ଗେମ୍ସରେ ଭାରତୀୟ ଦଳର ନେତୃତ୍ୱ ନେଇ ସେ ଦଳକୁ ସ୍ୱର୍ଣ୍ଣ ପଦକ ବିଜୟୀ କରାଇଥିଲେ। ବିଗତ ସିଜନରେ ଗାଏକ୍ୱାଡ ଚମତ୍କାର ପ୍ରଦର୍ଶନ କରିବା ସହିତ ୧୬ ମ୍ୟାଚ୍‌ରୁ ୫୯୦ ରନ୍ ସ୍କୋର କରିଥିଲେ। ତାଙ୍କର ଷ୍ଟ୍ରାଇକ୍ ରେଟ୍ ଚମତ୍କାର ୧୪୭.୫୦ ରହିଥିଲା। ଏହା ପୂର୍ବରୁ ସେ ୨୦୨୧ରେ ୧୬ ମ୍ୟାଚ୍‌ରୁ ୬୩୫ ରନ୍ ସ୍କୋର କରିଥିଲେ। ଧୋନୀ ସିଏସ୍‌କେ ପାଇଁ ୨୫୦ ଆଇପିଏଲ ମ୍ୟାଚ୍ ଖେଳିସାରିଥିବା ବେଳେ ୧୩୫ ଷ୍ଟ୍ରାଇକ୍‌ରେଟ୍‌ରେ ୫୦୦୦ରୁ ଅଧିକ ରନ୍ ସ୍କୋର କରିଛନ୍ତି। ତେବେ ଆଣ୍ଠୁ ସମସ୍ୟା କାରଣରୁ ଧୋନୀ ବିଗତ ସିଜନରେ ୭ ଓ ୮ ନମ୍ବରରେ ବ୍ୟାଟିଂ କରିବାକୁ ଆସୁଥିଲେ। ଧୋନୀ ସର୍ବଦା ଦଳର ହିତ ଚିନ୍ତା କରିଥାନ୍ତି। କ୍ୟାପଟେନ୍ସ ମିଟ୍‌ର ଠିକ୍ ପୂର୍ବରୁ ଋତୁରାଜ ଅଧିନାୟକ ହେବା ନେଇ ଧୋନୀ ଘୋଷଣା କରିଥିଲେ। ଆମେ ତାଙ୍କ ନିଷ୍ପତ୍ତିକୁ ସମ୍ମାନ କରୁଛୁ ବୋଲି କହିଛନ୍ତି ସିଏସ୍‌କେର ମୁଖ୍ୟ କାର୍ଯ୍ୟନିର୍ବାହୀ କାଶୀ ବିଶ୍ୱନାଥ। ପୂର୍ବରୁ ୨୦୨୨ରେ ଧୋନୀ ଅଧିନାୟକତ୍ୱ ଛାଡିଥିବା ବେଳେ ରବୀନ୍ଦ୍ର ଜାଡେଜାଙ୍କୁ ଦଳର ନେତୃତ୍ୱ ମିଳିଥିଲା। ତେବେ ଦଳର ଖରାପ ପ୍ରଦର୍ଶନ ପରେ ୨୦୨୩ରେ ପୁନର୍ବାର ଅଧିନାୟକ ଭାର ଗ୍ରହଣ କରିଥିଲେ ଧୋନୀ। ବିଗତ ସିଜନରେ ଦଳକୁ ଚାମ୍ପିୟନ କରିବା ପରେ ଚଳିତ ସିଜନରେ ଋତୁରାଜଙ୍କୁ ବାଟନ ପାସ୍ କରିଛନ୍ତି ମହେନ୍ଦ୍ର ସିଂ ଧୋନୀ।


ମହେନ୍ଦ୍ର ସିଂ ଧୋନୀଙ୍କ ସହ ଋତୁରାଜ ଗାଏକ୍ୱାଡ।

## ସ୍ୱତନ୍ତ୍ର ଅଲିମ୍ପିକ୍ସ: ସାଇକେଲ ଚାଳନାରେ ଓଡ଼ିଶାକୁ ୫ ପଦକ


କୋଚ୍ ଓ କର୍ମକର୍ତ୍ତାଙ୍କ ସହ ପଦକ ବିଜେତା ଖେଳାଳି।

ଭୁବନେଶ୍ୱର,୨୧।୩
(ସରୋଜ ଜେନା)

ସ୍ୱତନ୍ତ୍ର ଅଲିମ୍ପିକ ଭାରତ ଓଡ଼ିଶାର ଅନ୍ତର୍ଜାତୀୟ କ୍ରୀଡାବିତ ସରିତା ରାଉତରାୟ ହରିୟଣାର ପଞ୍ଚକୁଲା ଠାରେ ଅନୁଷ୍ଠିତ ଜାତୀୟ ସାଇକଲ ଚାଳନା ପ୍ରତିଯୋଗିତାର ୧ କିମି ଓ ୨ କିମି ମହିଳା ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୁରୁଷ ବର୍ଗରେ ଦେବାଶିଷ ରୌପ୍ୟ ପଦକ ହାସଲ କରିଥିବା ବେଳେ ପଦାର୍ପଣରେ ନିମାପଡ଼ାର ରାକେଶ ସେଠୀ ଏବଂ ଭୁବନେଶ୍ୱରର ସିଦ୍ଧାର୍ଥ ମହାନ୍ତି ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ବିଜୟୀ ହୋଇ ହରିୟାଣା ରାଜ୍ୟପାଳ ବନରିଲାଲ ପୁରୋହିତଙ୍କ ଦାରା ସମ୍ମାନିତ ହୋଇଛନ୍ତି।

ସ୍ୱତନ୍ତ୍ର ଅଲିମ୍ପିକ ଭାରତ ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ, ଅଧକ୍ଷା ସୁନୀତା ମୁଣ୍ଡ, ଉପାଧକ୍ଷ ଉମାକାନ୍ତ ଷଡ଼ଙ୍ଗୀ, ରାଜ୍ୟ ସଂଯୋଜକ ଅର୍ପିତା ମହାପାତ୍ର, କୋଷାଧକ୍ଷ ସୁରେଶ ଖୁଣ୍ଟିଆ, କ୍ରୀଡା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର ଏବଂ ବୋର୍ଡ ସଭ୍ୟ ମନତୋସ ବେହେରା, ତନ୍ମୟ ସେନାପତି ଓ ଦିପ୍ତିମୟୀ ରାଉତ ପ୍ରମୁଖ ଦଳର ପ୍ରଶିକ୍ଷକ କାଳନ୍ଦୀ ଚରଣ ଭୋଇ ଙ୍କ ମାଧ୍ୟମରେ ପଦକ ବିଜେତା ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ତରଫରୁ ଏହି ଦଳର ଯାତ୍ରା, ଉପକରଣ ଏବଂ ଦୈନିକ ଖର୍ଚ୍ଚ ଆଦି ସହାୟତା ପ୍ରଦାନ କରାଯାଇଥିବାରୁ ସ୍ୱତନ୍ତ୍ର ଅଲିମ୍ପିକ ଭାରତ ଓଡ଼ିଶା ତରଫରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ଶରଥ ପତାକା ବାହକ, ମେରୀକମ ଚିଫ ଡି' ମିଶନ

**ନୂଆଦିଲ୍ଲୀ, ୨୧।୩ (ପି.ଟି.):** ପ୍ୟାରିସ ଅଲିମ୍ପିକ ଗେମ୍ସ ୨୦୨୪ ପାଇଁ ଭେଟେରାନ ଟେବୁଲ ଟେନିସ (ଟିଟି) ଖେଳାଳି ଶରଥ କମଲ ପତାକା ବାହକ ଭାବେ ମନୋନୀତ ହୋଇଥିବା ବେଳେ କିମ୍ବଦନ୍ତୀ ବକ୍ସର ଏମ୍‌ସି ମେରୀକମ୍ ଭାରତୀୟ ଦଳର ଚିଫ୍ ଡି' ମିଶନ ଭାବେ ନିଯୁକ୍ତି ପାଇଛନ୍ତି। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ତରଫରୁ ଗୁରୁବାର ଏହା ଘୋଷଣା କରାଯାଇଛି। ଶରଥ ୨୦୨୨ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବରେ ଭାରତର ପତାକାବାହକ ଦାୟିତ୍ୱ ତୁଲାଇଥିଲେ। ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ନିକଟରେ ଭାରତର ଉଭୟ ପୁରୁଷ ଓ ମହିଳା ଟିଟି ଦଳ ସେମାନଙ୍କ ର୍‍ୟାଙ୍କିଙ୍ଗ ଭିତ୍ତିରେ ପ୍ରଥମ ଥର ଅଲିମ୍ପିକ ଟିମ୍ ଇଭେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ୬ଥର ବିଶ୍ୱ ଚାମ୍ପିୟନ ମେରୀକମ୍ ହେଉଛନ୍ତି ୨୦୧୧ ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା। ତାଙ୍କୁ ସହାୟତା କରିବା ଲାଗି ଲୁଗର ଶିବା କେଶବନ ଡେପୁଟି ଚିଫ୍ ଡି' ମିଶନ ଭାବେ ନିଯୁକ୍ତି ମିଳିଛି। କେଶବ ଲ୍ୟୁଗ୍‌ରେ ଜଣେ ପୂର୍ବତନ ଅଲିମ୍ପିଆନ। ତାଙ୍କର ପ୍ରଚୁର ଅଭିଜ୍ଞତା ରହିଛି। ଦଳର ପରିଚାଳନା ଓ ସମନ୍ୱୟ ରକ୍ଷା କରିବାରେ କ୍ଷେତ୍ରରେ ତାଙ୍କର ବିଶେଷ ଜ୍ଞାନ ରହିଛି।

# ଓସ୍‌ଜାର କର୍ମକର୍ତ୍ତା ନିର୍ବାଚନ

ଭୁବନେଶ୍ୱର, ୨୧।୩
(ବିଜୟ ରଣା)

ଭାରତୀୟ କ୍ରୀଡ଼ା ସାମ୍ବାଦିକ ସଂଘ (ଏସ୍‌ଜେଏଫଆଇ)ର ଏକମାତ୍ର ଅନୁବନ୍ଧିତ ରାଜ୍ୟ ସଂଘ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା)ର ୧୧ଶ ପ୍ରତିଷ୍ଠା ଦିବସ ଅବସରରେ ଗୁରୁବାର ଏହାର ବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିଏମ) ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ୨ ନିୟମିତ କାର୍ଯ୍ୟକ୍ରମ ପୁରସ୍କାର ପ୍ରଦାନ ଉତ୍ସବ ଓ ବିଶ୍ୱ କ୍ରୀଡ଼ା ସାମ୍ବାଦିକତା ଦିବସରେ ସ୍ମରଣିକା ପ୍ରକାଶନକୁ ଜାରି ରଖିବାକୁ ନିଷ୍ପତ୍ତି ହୋଇଥିଲା। ଏକ ଆଞ୍ଚଳିକ କ୍ରୀଡ଼ା ସାମ୍ବାଦିକଙ୍କ କର୍ମଶାଳା ପାଇଁ ମଧ୍ୟ ପ୍ରସ୍ତାବ ଆଗତ ହୋଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଯୋଜନା ଓ ଆୟବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ୨୦୨୪-୨୬ ଆର୍ଥିକ ବର୍ଷ ପାଇଁ ଓସ୍‌ଜାର ନୂଆ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସନ୍ଦୀପ ମିଶ୍ର ସଭାପତି ଭାବେ ପୁନଃ ନିର୍ବାଚିତ ହୋଇଥିବା ବେଳେ ସସ୍ମିତ ମହାପାତ୍ର ନୂଆ କାର୍ଯ୍ୟକାରୀ ସଭାପତି ଏବଂ ସୁରେଶ ସ୍ୱାଇଁ ୩ୟ ଥର ସମ୍ପାଦକ ପଦକୁ ଫେରିଛନ୍ତି। ଦେବାଶିଷ ସୁନ୍ଦରାୟ କୋଷାଧକ୍ଷ ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ଦେବୀ ପ୍ରସନ୍ନ ମହାନ୍ତି, ତପନ କୁମାର ସ୍ୱାଇଁ, ସମୀକ୍ଷା ପଟ୍ଟନାୟକ ଉପସଭାପତି, ହିମାଂଶୁ ପତି ମିଶ୍ର, ସଞ୍ଜୀବ କୁମାର ବିଶ୍ୱାଳ, ଜ୍ଞାନରଞ୍ଜନ ମିଶ୍ର ଯୁଗ୍ମ ସମ୍ପାଦକ ହୋଇଛନ୍ତି। କାର୍ଯ୍ୟକାରୀ କମିଟିକୁ କେ. ରବି, ସନାତନ ପାଣି, ନିରଞ୍ଜନ ରେଡ୍ଡୀ, ଶକ୍ତିପ୍ରସାଦ ନନ୍ଦ, ମନୋରଞ୍ଜନ ଦାଶ, ଦୀପ୍ତିରଞ୍ଜନ ସାମଲ, ବିମଳ କୁମାର ରାଉଳ ନିର୍ବାଚିତ ହୋଇଛନ୍ତି।



ଓସ୍‌ଜା ବାର୍ଷିକ ସାଧାରଣ ପରିଷଦ ବୈଠକ ଅବସରରେ ନିର୍ବାଚିତ କର୍ମକର୍ତ୍ତାଙ୍କ ଗହଣରେ ସଦସ୍ୟ ବୃନ୍ଦ।

